୬ ସଚିନଙ୍କ ରେକର୍ଡ ଭାଙ୍ଗିଲେ ଜୈସ୍ୱାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୩୨୯ ● ୨୮ ଡିସେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-329 ● 28th December 2024, Saturday ● Bhubaneswar
Licensed to post without pre-payment of postage No- BN-60/25-27

# ଭାରତ ବିରୋଧରେ ବଡ଼ ଷଡଯନ୍ତ୍ର ରଚୁଛି ଚାଇନା

**ନୂଆଦିଲ୍ଲୀ, ୨୭।୧୨**

ଲଦାଖରୁ ସୈନ୍ୟ ପ୍ରତ୍ୟାହାର ଏବଂ ସୀମାରେ ଉତ୍ତେଜନା ହ୍ରାସକୁ ଭାରତ ଓ ଚାଇନା ପ୍ରାଥମିକତା ଦେଉଥିବା କହୁଛନ୍ତି। କିନ୍ତୁ ଏନେଇ ବେଜିଂ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଉତ୍ତେଜନା ହ୍ରାସ ଦିଗରେ ଚାଇନା ପକ୍ଷରୁ ଏପର୍ଯ୍ୟନ୍ତ କିଛି କରାଯାଇ ନ ଥିବା ସାଟେଲାଇଟ ଫଟୋରୁ ସ୍ପଷ୍ଟ ହୋଇଛି । ଲଦାଖର ଡେପସାଙ୍ଗ ଏବଂ ଡେମ୍‌ଚୋକରୁ ସୈନ୍ୟ ପ୍ରତ୍ୟାହାର ପରେ ଡେପସାଙ୍ଗରେ ଚାଇନାର ନୂଆ ପିଏଲ୍‌ଏ କ୍ୟାମ୍ପ ଦେଖିବାକୁ ମିଳିଛି।



ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ସଂଘର୍ଷ କିମ୍ବା ଅପ୍ରୀତିକର ସ୍ଥିତି ଆଉ ଯେପରି ନ ଘଟେ, ସେଥିପାଇଁ ଫ୍ରିକ୍ସନ ପଏଣ୍ଟଗୁଡ଼ିକରୁ ସୈନ୍ୟ ପ୍ରତ୍ୟାହାର ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଇଥିଲା, ଯାହା ପୂରଣ ହୋଇଛି । ସୀମାରେ ଉତ୍ତେଜନା ହ୍ରାସ କରିବା ପରବର୍ତ୍ତୀ ପ୍ରାଥମିକତା ବୋଲି ଜୟଶଙ୍କର କହିଥିଲେ। ତେବେ ହାଇରିଜଲ୍ୟୁସନ ସାଟେଲାଇଟ ଫଟୋରୁ ଚାଇନା ପକ୍ଷ ଉତ୍ତେଜନା ହ୍ରାସ କରିବା ଦିଗରେ କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ । ପଙ୍ଗୋଙ୍ଗ ହ୍ରଦର ଉତ୍ତର ପାର୍ଶ୍ୱ ନିକଟବର୍ତ୍ତୀ ବିବାଦୀୟ ଅଞ୍ଚଳରେ ବେଜିଂ ଏହାର ସାମରିକ ଏବଂ ଦ୍ୱୈତ ବ୍ୟବହାରକ୍ଷମ ଭିତ୍ତିଭୂମିର ବିକାଶ ଜାରି ରଖିଛି। ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ ସଂଘର୍ଷ ସ୍ଥଳରେ ୨୦୨୦ ମେ ସମୟର ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟ ଦେଶ ରାଜି ହୋଇଥିଲେ। ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ବେଳେ ଫରୱାର୍ଡ ପୋଜିସନଗୁଡ଼ିକୁ ଖାଲି କରାଯିବା ପରେ ଡେପ୍‌ସାଙ୍ଗ ନିକଟରେ ଚାଇନାର ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍‌ଏ) ନୂଆ କ୍ୟାମ୍ପ ନିର୍ମାଣ କରିଥିବା ମହାକାଶ ସଂସ୍ଥା ମାକ୍ସାର ଟେକ୍ନୋଲୋଜିର ଡିସେମ୍ବର ୧୯ ସାଟେଲାଇଟ ଫଟୋରୁ ଦେଖିବାକୁ ମିଳିଛି।

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ କଲେ ମନମୋହନଙ୍କ ଶେଷ ଦର୍ଶନ, ଆଜି ଅନ୍ତିମ ସତ୍କାର

**ନୂଆଦିଲ୍ଲୀ, ୨୭।୧୨**

ଗୁରୁବାର ଦିଲ୍ଲୀ ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସତ୍କାର ଶନିବାର ହେବ। ଗୁରୁବାର ବିଳମ୍ବିତ ରାତିରେ ସ୍ୱର୍ଗତ ସିଂହଙ୍କ ପାର୍ଥିବ ଶରୀର ତାଙ୍କ ବାସଭବନରେ ପହଞ୍ଚିଥିଲା। ଶୁକ୍ରବାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି । ଶନିବାର ଦିଲ୍ଲୀର ଶକ୍ତି ସ୍ଥଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ।



ଶୁକ୍ରବାର ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା, କଂଗ୍ରେସ ନେତା ସୋନିଆ ଗାନ୍ଧି, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରମୁଖ ମନମୋହନ ସିଂହଙ୍କ ବାସଭବନରେ ପହଞ୍ଚିଥିଲେ। ସେମାନେ ଏହି ଅମାୟିକ ତଥା ବିଦ୍ୱାନ ଜନପ୍ରିୟ ନେତାଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ମନମୋହନଙ୍କ ପରିବାରରେ ପତ୍ନୀ ଓ ୩ ଝିଅ ଅଛନ୍ତି। ତାଙ୍କର ଜଣେ ଝିଅ ଆମେରିକାରେ ରହୁଥିବା ବେଳେ ସେ ଶନିବାର ପହଞ୍ଚିବା ପରେ ଅନ୍ତିମ ସତ୍କାର କରାଯିବ ବୋଲି ଜଣାପଡିଛି।

ମନମୋହନଙ୍କ ପରଲୋକରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ମନମୋହନଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି।

ଭାରତର ରାଜନୀତି ଓ ଆର୍ଥିକ ସୁଧାର କ୍ଷେତ୍ରରେ ମନମୋହନ ସିଂହଙ୍କ ଯୋଗଦାନକୁ ସବୁବେଳେ ମନେ ରଖିବ ଦେଶ। ପ୍ରଖ୍ୟାତ ଅର୍ଥନୀତିଜ୍ଞ, ଭାରତବର୍ଷରେ ଜଗତୀକରଣ ଅର୍ଥନୀତିର ପ୍ରବର୍ତ୍ତକ ଥିଲେ ମନମୋହନ ସିଂହ। ସେ ଅତି ସରଳ, ଅମାୟିକ ଓ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ। ୩୩ ବର୍ଷ ଧରି ରାଜ୍ୟସଭାର ସଦସ୍ୟ ରହିଥିଲେ। ଗତବର୍ଷ ଏପ୍ରିଲରେ ରାଜ୍ୟସଭା ସାଂସଦ ଭାବରେ ଅବସର ନେଇଥିଲେ। ମନମୋହନ ସିଂହଙ୍କୁ ୧୯୮୭ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।

## ଗଠନ ହେଲା ଓଡ଼ିଶା ଲ' କମିଶନ ଜଷ୍ଟିସ୍ ବିଶ୍ୱନାଥ ରଥ ଅଧକ୍ଷ



**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଓଡ଼ିଶା ଲ' କମିଶନ ଗଠିତ ହୋଇଛି ଏବଂ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ଓଡ଼ିଶା ଲ' କମିଶନର ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ଓଡିଶା ଲ' କମିଶନରେ ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସହ ୬ଜଣ ସଦସ୍ୟ ରହିଛନ୍ତି। ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଓଡ଼ିଶା ଲ' କମିଶନର ଏକ୍ସ ଅଫିସିଓ ସଦସ୍ୟ ରହିଥିବାବେଳେ ଆଇନ ବିଭାଗ ପ୍ରମୁଖ ସଚିବ ମଧ ଏକ୍ସ ଅଫିସିଓ ସଦସ୍ୟ ରହିବେ ବୋଲି ସୂଚନା ଦିଆଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରକାଶ ମିଶ୍ର ଏବଂ ସୌରଚନ୍ଦ୍ର ମହାପାତ୍ର ଓଡ଼ିଶା ଲ' କମିଶନ ସଦସ୍ୟ ରହିଥିବାବେଳେ କମିଶନଙ୍କ ସଚିବଙ୍କୁ ମଧ ଲ' କମିଶନରେ ସ୍ଥାନିତ କରାଯାଇଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପ୍ରବଳ ଶୀତ, ଶୃଙ୍ଖଳା ପାଗ ସହ ଆସିବ ଇଂରାଜୀ ନବବର୍ଷ-୨୦୨୫

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

କ୍ୟାଲେଣ୍ଡର ବର୍ଷ-୨୦୨୪ ଶେଷ ହେବାକୁ ଯାଉଛି । ଆଉ ୪ ଦିନ ପରେ ଚଳିତ ବର୍ଷ ଇତିହାସ ପାଲଟିବ। ବର୍ଷ ଶେଷ ହେବା ପୂର୍ବରୁ ଚାଷୀମାନେ ବ୍ୟାପକ ହଇରାଣ ହୋଇଛନ୍ତି । ଗତ ୧୭ ତାରିଖ ଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବାରୁ ଚାଷୀକୁଳ ନାହିଁ ନଥିବା କଷ୍ଟ ଭୋଗିଛନ୍ତି । ଫସଲ ଅମଳ ଓ ଧାନ ବିକ୍ରି ସମୟ ଥିବା ଯୋଗୁଁ ମଣ୍ଡି ଓ କ୍ଷେତରେ ବ୍ୟାପକ ଧାନ ପଡ଼ି ରହିଛି । ଡିସେମ୍ବର ୧୫ ତାରିଖ ପରଠାରୁ ଏପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟ (୧୭ରୁ ୨୧ ଓ ୨୩ରୁ ୨୫)ରେ ବର୍ଷା ହୋଇଛି। ଏହାରି ମଧରେ ତୃତୀୟ ପର୍ଯ୍ୟାୟରେ ପୁଣି ବର୍ଷା ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ ଏଭଳି ଆକଳନ କରାଯାଇଛି।



ଶନିବାର ଦିନ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରେ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି *(ପୃଷ୍ଠା ୭ରେ)*

# ଜିରୋ ନାଇଟ୍ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଆଯିବ ନାହିଁ: ଅବକାରୀ ମନ୍ତ୍ରୀ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷ ପାଳନକୁ ନେଇ ସଜାଗ ରହିଛି ଅବକାରୀ ବିଭାଗ। ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ ହେବ ଜିରୋ ନାଇଟ୍ ସେଲିବ୍ରେସନ୍ । ଭୋଜି ଭାତ, ନାଚ ଗୀତର ଆସର ଜମିବ। ନବ ବର୍ଷ ସେଲିବ୍ରେସନ ବେଳେ ଯେପରି କୌଣସି ଅପରାଧ ନଘଟେ ତା'ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର।

ଜିରୋ ନାଇଟକୁ ନେଇ ବିଭାଗ ପ୍ରସ୍ତୁତ ହୋଇ ରହିଛି । ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗର ନଜର ରହିଛି । ଜିରୋ ନାଇଟ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଆଯିବ ନାହିଁ । ଜିରୋ ନାଇଟର ଆଳ ଦେଖାଇ କେହି ଚୋରା ମଦ ବିକ୍ରି କରିପାରିବେ ନାହିଁ । ଚୋରା ମଦ ବିକ୍ରି କଲେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଆଗାମୀ ଜାନୁଆରୀ ଶେଷ ଯାଏଏଥିଲାଗି କଡା ଚେକିଂ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।



ଏଣେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିରୋ ନାଇଟକୁ ନେଇ ବିଭାଗ ପ୍ରସ୍ତୁତ ହୋଇ ରହିଛି। ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗର ନଜର ରହିଛି। ଜିରୋ ନାଇଟ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଆଯିବ ନାହିଁ । ଜିରୋ ନାଇଟର ଆଳ ଦେଖାଇ କେହି ଚୋରା ମଦ ବିକ୍ରି କରିପାରିବେ ନାହିଁ । ଚୋରା ମଦ ବିକ୍ରି କଲେ ସରକାର କଡା କାର୍ଯ୍ୟାନୁଷ୍ଠାନ ନେବେ। ଆଗାମୀ ଜାନୁଆରୀ ଶେଷ ଯାଏ ଏଥିଲାଗି କଡା ଚେକିଂ ପାଇଁ ବିଭାଗକୁ କୁହାଯାଇଛି । ପ୍ରତି ଜିଲ୍ଲାକୁ ମଧ ଏନେଇ ଜଣାଇ ଦିଆଯାଇଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ବଢିଲା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବଢାଇଛନ୍ତି । ତାଙ୍କ କାର୍ଯ୍ୟକାଳକୁ ଆଉ ବର୍ଷେ ବଢାଇ ଦେଇଛନ୍ତି । ଫଳରେ ୨୦୨୬ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ।

ଆସନ୍ତା ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରୁଥିଲା। ବିଜେପି ସରକାର ଗଠନ ପରେ ଜୁନ ୩୦ରେ ସରିଥିଲା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ। ଆଉ ସେତେବେଳେ ଡେପୁଟେସନରୁ ଆସି ମୁଖ୍ୟ ସଚିବ ପଦରେ ବସିଥିଲେ ମନୋଜ ଆହୁଜା।

ମାତ୍ର ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି ମନୋଜ ଆହୁଜା । ବିଶେଷ କରି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଗୁଡ଼ିକୁ ପୂରଣ କରିବାରେ ବଡ଼ ଭୂମିକା ନିଭାଇଛନ୍ତି । ଏ ଭିତରେ ରାଜ୍ୟରେ ପ୍ରଥମ ଥର ନାଭାଲ ଡେ, ଡିଜି ସମ୍ମିଳନୀର ସଫଳ ଆୟୋଜନ ହୋଇଥିବା ବେଳେ ଆଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି।



ମନୋଜ ଆହୁଜା କେନ୍ଦ୍ରୀୟ ଡେପୁଟେସନରେ *(ପୃଷ୍ଠା ୭ରେ)*

# କେନାଲରେ ଖସିପଡିଲା ବସ୍ : ୮ ଯାତ୍ରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୧୨**

ପଞ୍ଜାବରେ ଶୁକ୍ରବାର ଏକ ବଡ ଦୁର୍ଘଟଣା ଘଟିଛି । ଏକ ବସ୍ କେନାଲରେ ଖସିପଡିଥିବାବେଳେ ଏହି ଦୁର୍ଘଟଣାରେ ୮ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଛି । ତେବେ ଗୁରୁତର ଆହତଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି କୁହାଯାଉଛି। ଏହି ଦୁର୍ଘଟଣା ପଞ୍ଜାବ ବଠିଣ୍ଡାର ଜୀବନସିଂ ଗ୍ରାମରେ ଘଟିଛି । ଏପର୍ଯ୍ୟନ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଛି । ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ ପୁଲିସ କହିଛି ଯେ ଏକ ଘରୋଇ ବସ ବଠିଣ୍ଡାରୁ ତଲାଣ୍ଡି ସାବୋକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

ବସ୍‌ଟି କେନାଲ ଭିତରକୁ ଖସିପଡିଥିବାବେଳେ ଏହା ଭିତରେ ଅନେକ ଯାତ୍ରୀ ଫସି ରହିଥିଲେ। ତେବେ ଦୁର୍ଘଟଣା ନେଇ ଜଣାପଡିବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ମଧ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ। ବସ୍ ଦୁର୍ଘଟଣାରେ ଡ୍ରାଇଭରଙ୍କର ମଧ ମୃତ୍ୟୁ ଘଟିଛି।



ଡ୍ରାଇଭର ଜଣକ ମାନସ ନିବାସୀ ବାଲକର ସିଂ ବୋଲି ଜଣାପଡିଛି । ଏଥି ସହିତ ଏହି ଦୁର୍ଘଟଣାରେ ପ୍ରାୟ ୨୦ ଜଣ ଲୋକ ଆହତ ହୋଇଥିବା ଜଣାଯାଇଛି, ଯେଉଁଥିରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ଉଦ୍ଧାର ପାଇଁ ଏନଡିଆରଏଫ ଟିମ ଘଟଣାସ୍ଥଳରେ ପହଞ୍ଚିଛି। ବସ ଦୁର୍ଘଟଣାର କାରଣ ଜଣାପଡ଼ିନଥିବାବେଳେ ଭାରସାମ୍ୟ ହରାଇବାରୁ ବ୍ରିଜ ତଳକୁ ବସ ଖସିପଡିଥିବାର କୁହାଯାଉଛି।

# ସ୍ଥଗିତ ହେଲା ଅମିତ ଶାହଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ସ୍ଥଗିତ ହେଲା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ । ରବିବାର ସନ୍ଧ୍ୟାରେ ସେ ଓଡ଼ିଶା ଆସିବାର ଥିଲା।

ଅମିତ ଶାହା ୨୮ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଆସିବେ ବୋଲି ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏହି ସୂଚନା ଦେଇଥିଲେ । ଏହା ସହ ସେ ଅମିତ ଶାହଙ୍କ ସମ୍ବଲପୁର ଗସ୍ତ ନାହିଁ ବୋଲି କହିଥିଲେ। କଳିଙ୍ଗ ଷ୍ଟାଡିୟମ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ଶାହ ବୋଲି ସେ କହିଥିଲେ।

ଏବେ ଓଡ଼ିଶା କେନ୍ଦ୍ର ଭାଜପା ନେତୃତ୍ୱଙ୍କ ଫୋକସ୍‌ରେ ରହିଛି । ନିକଟରେ ହୋଇଥିବା ଡିଜିପି ସମ୍ମିଳନୀରେ ତିନିଦିନିଆ ଗସ୍ତରେ ଆସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ ଗସ୍ତରେ ଆସିଥିଲେ।

## ଏକାଳ ସେକାଳ



ଭଦ୍ର ବ୍ୟକ୍ତି ତୁମେ ଛାଡିଗଲ
ଥିଲ ପି.ଏମ୍‌ଠୁ ବେଶୀ
ଅମାୟୀକ ଛବି ଆଖି ଆଗରେ
ସଭିଙ୍କ ଉଠଇ ଭାସି
ସାରା ଦେଶ ଭାବୁଅଛି ବସି
ଆଉ କିଛି ଦିନ ରହିଯାଇଥିଲେ
ମିଳିଥାନ୍ତା କେତେ ଖୁସି।

# ଜୀବନ୍ତ ନୋଷ୍ଟ୍ରାଡାମସଙ୍କ ଭବିଷ୍ୟବାଣୀ-ମାତ୍ର କିଛି ମାସ ମଧ୍ୟରେ ଜନ୍ମନେବ ସବୁଠାରୁ ବୁଦ୍ଧିମାନ ବ୍ୟକ୍ତି



**ବ୍ରାସିଲିଆ, ୨୭।୧୨**

୨୦୨୪ ବର୍ଷ ଶେଷ ପାଇଁ କେବଳ ୫ଦିନ ବାକି ଅଛି ଏବଂ ସମଗ୍ର ବିଶ୍ୱରେ ଲୋକମାନେ ନୂତନ ବର୍ଷର ଆଗମନକୁ ଅପେକ୍ଷା କରି ରହିଛନ୍ତି। ଏପରି ସମୟରେ ୨୦୨୫ବର୍ଷ ପୃଥିବୀର ଲୋକଙ୍କ ପାଇଁ କିପରି ହେବ ସେନେଇ ଅନେକ ପ୍ରକାରର କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଏହା ସହିତ ଭବିଷ୍ୟବାଣୀଗୁଡିକ ମଧ ଯାଞ୍ଚ କରାଯାଉଛି। ବାବା ଭେଙ୍ଗା ଠାରୁ ଆରମ୍ଭ କରି ନୋଷ୍ଟ୍ରାଡାମସ ପର୍ଯ୍ୟନ୍ତ ମହାନ ଭବିଷ୍ୟବକ୍ତାଙ୍କ ଭବିଷ୍ୟବାଣୀ ସାମ୍ନାକୁ ଆସୁଛି । ୨୦୨୫ବର୍ଷ ପାଇଁ ଏହି ଦୁଇଜଣ କ'ଣ ପୂର୍ବାନୁମାନ କରିଛନ୍ତି, ସେଥିପାଇଁ ଲୋକମାନେ ଜାଣିବାକୁ ଅଧିକ ଆଗ୍ରହୀ। କିନ୍ତୁ ବର୍ତ୍ତମାନ ବ୍ରାଜିଲର ଆଥୋସ ସାଲୋମ ଜୀବନ୍ତ ନୋଷ୍ଟ୍ରାଡାମସ ଭାବରେ ଜଣାଶୁଣା । ସେ ନୂତନ ବର୍ଷ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ କରିଛନ୍ତି।

ଆଥୋସ ସାଲୋମ କହିଛନ୍ତି ଯେ ୨୦୨୫ ସୁଦ୍ଧା ଏକ ଜେନେଟିକ ରୂପାନ୍ତରିତ ମଣିଷ ବିଶ୍ୱ ସାମ୍ନାରେ ଦେଖାଯିବ, ଯିଏ ଅନ୍ୟ ମଣିଷ ଅପେକ୍ଷା ଚତୁର, ଶକ୍ତିଶାଳୀ ଏବଂ ରୋଗ ପ୍ରତିରୋଧକ ହେବ। କୌଣସି ରୋଗ ତାଙ୍କୁ ଛୁଇଁ ପାରିବ ନାହିଁ। ସେ କହିଛନ୍ତି ଯେ ବୈଜ୍ଞାନିକମାନେ ସରକାର ଏବଂ କର୍ପୋରେଟରଙ୍କ *(ପୃଷ୍ଠା ୭ରେ)*

# ରାଜଧାନୀରେ ମାତିଛନ୍ତି ଲୁଟେରା: ଘରେ ପଶି ଲୁଟିନେଲେ ୨୦ ଲକ୍ଷ ଟଙ୍କାର ଅଳଙ୍କାର




**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋରମାନେ ନିୟମିତ ଭାବେ ଭୁବନେଶ୍ୱରରେ ଫ୍ଲାଟ ଏବଂ ଘରକୁ ଟାର୍ଗେଟ କରୁଛନ୍ତି । ସଦ୍ୟତମ ଚୋରି ଘଟଣାରେ ରାଜଧାନୀ ସୀମାରେ ଥିବା ଧଉଳି ଥାନା ଅଞ୍ଚଳରେ ଡକାୟତମାନେ ୨୦ ଲକ୍ଷରୁ ଅଧିକ ମୂଲ୍ୟର ସୁନା ଓ ରୂପା ଅଳଙ୍କାର ଏବଂ ବହୁ ପରିମାଣର ନଗଦ ଟଙ୍କା ନେଇଯାଇଛନ୍ତି। ଗୁରୁବାର ରାତିରେ ପରିବାର ଲୋକେ ଅନ୍ୟ ଏକ କୋଠରୀରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା। ଅପରାଧୀମାନେ ଏକ *(ପୃଷ୍ଠା ୭ରେ)*





# ଆସନ୍ତା ବର୍ଷରୁ ଦୁବାଇ ଯିବ ଗଜପତି ସପୁରି

**ପାରଳଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**
ସପୁରି ଚାଷ ପାଇଁ ଗଜପତିରେ ଜଳବାୟୁ ପ୍ରାୟତଃ ଠିକ୍ ରହିଛି । ଏନେଇ ଚାଷୀମାନେ ଆଗ୍ରହ ସହିତ ସପୁରି ଚାଷ କରୁଛନ୍ତି। ଏଥିସହ ଭଲ ରୋଜଗାର ଆଶା ରଖିଛନ୍ତି । ଏଭଳି ପରିସ୍ଥିତିରେ ଚାଷୀ ପାଇଁ ଆଉ ଏକ ଖୁସି ଖବର ରହିଛି । ଗଜପତିରେ ଉତ୍ପାଦିତ ହେଉଥିବା ସପୁରି ଦୁବାଇ ଯିବ ବୋଲି ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ସୂଚନା ଦେଇଛନ୍ତି । ଗଜପତିରେ ବ୍ୟାପକ ପରିମାଣରେ ସପୁରି ଚାଷ ହୋଇଥାଏ । ପ୍ରତି ବର୍ଷ ଜିଲ୍ଲାରେ ୬୪୫୮ ମେଟ୍ରିକ୍ ଟନ୍ ସପୁରି ଉତ୍ପାଦନ ହେଉଛି । ଏହି ଜିଲ୍ଲାରେ ସିମାଞ୍ଚଳମ୍, କିଉ ଏବଂ କ୍ୱିନ୍ ପ୍ରଜାତିର ସପୁରି ଉତ୍ପାଦନ ହୋଇଥାଏ । କ୍ୱିନ୍ ପ୍ରଜାତିର ସପୁରିର ଦେଶ, ବିଦେଶରେ ଚାହିଦା ରହିଛି । ଆସନ୍ତା ବର୍ଷ ଏହି ସପୁରି ଦୁବାଇ ଯିବ । ଏନେଇ ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

# ଘଟଣାକୁ ୭ ବର୍ଷ ପୂରିଲାଣି : ପାଢ଼ୀ ଟ୍ୟୁଟୋରିଆଲ୍ ମାଲିକଙ୍କ ଆତ୍ମହତ୍ୟା ମାମଲାର ତଦନ୍ତ ସରୁନି









**କଟକ, ନ୍ୟୁଜ ବ୍ୟୁରୋ**
ଶିକ୍ଷାନୁଷ୍ଠାନ ପାଢ଼ୀ ଟ୍ୟୁଟୋରିଆଲ୍‌ର ମାଲିକ ଜେ.ବି. ପାଢ଼ୀଙ୍କ ଆତ୍ମହତ୍ୟା ଘଟଣାର ସାତ ବର୍ଷ ପରେ ମଧ୍ୟ ଏହାର ତଦନ୍ତ ଶେଷ ହୋଇ ନାହିଁ । ଏନେଇ ରୁଜୁ ମାମଲାରେ ହାଇକୋର୍ଟ ଆବେଦନକାରିଣୀଙ୍କୁ ସାନି ଏତଲା ରୁଜୁ ପାଇଁ ଅନୁମତି ଦେଇଛନ୍ତି । ସ୍ୱର୍ଗତ ଜେ.ବି. ପାଢ଼ୀଙ୍କ ପତ୍ନୀ କବିତା ମହାପାତ୍ର ତାଙ୍କ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ଶେଷ ହେଉ ନଥିବାରୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ଅବସରରେ ଆବେଦନକାରିଣୀ ସାନି ଏତଲା ରୁଜୁ ପାଇଁ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ । ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପ୍ରାର୍ଥନାକୁ ଗ୍ରହଣ କରି ଅନୁମତି ପ୍ରଦାନ କରିଛନ୍ତି। ଏତଲା ଦିଆଗଲେ ତାକୁ ପୁଲିସ୍ ପଞ୍ଜୀକରଣ କରିବାକୁ କୁହାଯାଇଛି । କଟକ-ଭୁବନେଶ୍ୱର ମଧ୍ୟସ୍ଥଳୀରେ ପାଢ଼ୀ ଟ୍ୟୁଟୋରିଆଲ୍ ଚଳାଉଥିବା ଜେ.ବି. ପାଢ଼ୀ ୨୦୧୭ ଏପ୍ରିଲ ୬ରେ ଆତ୍ମହତ୍ୟା କରିଥିଲେ । ସ୍ୱର୍ଗତ ପାଢ଼ୀ ଆତ୍ମହତ୍ୟା କରିବା ପୂର୍ବରୁ ଏକ ସୁଇସାଇଡ୍ ନୋଟ୍ ଲେଖି ଯାଇଥିଲେ। ଯେଉଁଥିରେ ତାଙ୍କ ମୃତ୍ୟୁ ପାଇଁ ସେ ୩୦ଜଣଙ୍କୁ ଦାୟୀ କରି ସେମାନଙ୍କ ନାମ ଉଲ୍ଲେଖ କରିଥିଲେ । ଆତ୍ମହତ୍ୟା ପରେ ପରିବାର ଲୋକଙ୍କ ପକ୍ଷରୁ ଭୁବନେଶ୍ୱର ବଡ଼ଗଡ଼ ଥାନାରେ ଏତଲା ଦିଆଯାଇଥିଲା। ଏତଲା ଦେବାର ୭ ବର୍ଷ ପରେ ମଧ୍ୟ ତଦନ୍ତ ଶେଷ ହେଉ ନଥିବାରୁ ସ୍ୱର୍ଗତ ପାଢ଼ୀଙ୍କ ପତ୍ନୀ ଗତ ବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବଡ଼ଗଡ଼ ଥାନାକୁ ତଦନ୍ତ ତିନି ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ କବିତା ମହାପାତ୍ର ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ଅଖଣ୍ଡ, ସପନ କୁମାର ପାଲ, ବର୍ଷା ସ୍ୱାଇଁ ସହଯୋଗ କରୁଥିଲେ।

# ଲିଙ୍ଗରାଜଙ୍କଠି ଲାଗୁନି ବାବୁଙ୍କ ମନ:ସମସ୍ୟାର ସମାଧାନ କରିବାକୁ କାହାରି ଆଗ୍ରହ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦଶନ୍ଧି ଦଶନ୍ଧି ବିତୁଛି। ହେଲେ ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଲିଙ୍ଗରାଜଙ୍କ ସେବାପୂଜା ବ୍ୟବସ୍ଥିତ ହୋଇପାରୁନି। ମନ୍ଦିର ସୁରକ୍ଷାଠାରୁ ଆରମ୍ଭ କରି ନୀତିକାନ୍ତି ସବୁ କ୍ଷେତ୍ରରେ ଅବହେଳା ଚରମସୀମାରେ। ନିଯୋଗ-ନିଯୋଗ ମଧ୍ୟରେ ବିବାଦ ପ୍ରଭୁଙ୍କ ଭୋକ ଉପାସରେ ରଖୁଛି। ଶହ ଶହ ଏକର ମୂଲ୍ୟବାନ ଜମି ଜବରଦଖଲରେ। ଏଭଳି ମାଳମାଳ ଯାବତୀୟ ସମସ୍ୟା ଥିଲେ ହେଁ ପ୍ରଭୁ ଲିଙ୍ଗରାଜଙ୍କ ସେବା ପାଇଁ ସରକାର ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି କରୁନାହାନ୍ତି। ଅତିରିକ୍ତ ଦାୟିତ୍ୱରେ ଯେଉଁ ବାବୁ ରହୁଛନ୍ତି ସେମାନଙ୍କର ଦିଅଁଙ୍କ ସେବା ପୂଜା ପାଇଁ କାହିଁକି କେଜାଣି ମନଲାଗୁନି। ମନ୍ଦିରର ଭଲ ମନ୍ଦ ବୁଝିବା ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିମାସରେ ଟ୍ରଷ୍ଟବୋର୍ଡ ବୈଠକ ବସିବାର ନିୟମ ରହିଛି। ହେଲେ ୫ ମାସ ହେବ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିନାହିଁ। କୌଣସି ପ୍ରସଙ୍ଗରେ ସରକାରୀ ବାବୁ କିମ୍ବା ସରକାର ଅକଳରେ ପଡ଼ିଲେ କେବଳ ଜରୁରୀ ବୈଠକ ଡକାଯାଉଛି। ଏବାବଦରେ ଦେବତ୍ତୋର ବିଭାଗର ମଧ୍ୟ ନଜର ନାହିଁ। ବୈଠକରେ ଆଲୋଚନା ନହେବାରୁ ଅନେକ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳକଥା ହେଲା, ଶ୍ରୀ ଶ୍ରୀ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର ଅଧକ୍ଷ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ। ତାଙ୍କ ଅଧକ୍ଷତାରେ ହିଁ ଟ୍ରଷ୍ଟବୋର୍ଡ ବୈଠକ ବସେ। ହେଲେ ତାଙ୍କ ପାଖରେ ଦିଅଁଙ୍କ ସେବା ପାଇଁ ଆବଶ୍ୟକ ସମୟ ନାହିଁ। ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଅଛନ୍ତି ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ମହାନ୍ତି। ତାଙ୍କ ପୂର୍ବରୁ ଯେଉଁମାନେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରହୁଥିଲେ ସେମାନେ ମଧ୍ୟ ଏହି ପଦରେ ରହୁଥିଲେ। ନିର୍ବାହୀ ଅଧିକାରୀ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ବସିନ୍ତି ନାହିଁ। ଅତିଥି ଭଳି ମାସକୁ ଥରେ ଦୁଇ ଥର ଆସନ୍ତି। କୌଣସି କାମ ପାଇଁ ମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ଫାଇଲ୍ ଧରି ବାବୁଙ୍କ ଦସ୍ତଖତ ପାଇଁ ଯାଉଛନ୍ତି। ସ୍ଥାୟୀ କାର୍ଯ୍ୟନିର୍ବାହୀ ନଥିବାରୁ ମନ୍ଦିରର ସମସ୍ୟାକୁ ଠିକ୍ ଭାବେ ଅନୁଧ୍ୟାନ କରାଯାଉ ନାହିଁ କି ଲାଗି ରହିଥିବା ସମସ୍ୟାର ସମାଧାନ ହେଉନାହିଁ। ଏହାକୁ ନେଇ ସମସ୍ତ ନିଯୋଗ, ସେବାୟତ, ପୁରୁଣା ଭୁବନେଶ୍ୱରବାସୀ, ବୁଦ୍ଧିଜୀବୀ ବାରମ୍ବାର ଦାବି କରି ଆସୁଥିଲେ ହେଁ, ନାଁ ଲିଙ୍ଗରାଜ ଆଇନ ଲାଗୁ ହେଉଛି, ନା ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ହେଉଛି। ଏମିତିକି ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିରରେ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ କ୍ଷମତାରେ ଥିବା ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।



ସେବାୟତମାନଙ୍କ ମଧ୍ୟରେ ବେବନ୍ଦୋବସ୍ତ ଜମିକୁ ନେଇ ଅସନ୍ତୋଷ କୁହୁଳୁଛି। ପୂର୍ବରୁ ଏସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବୈଠକ କରାଯାଇଥିଲା। ଏ ସମସ୍ୟାର ସମାଧାନ ପାଇଁ ମଧ୍ୟ ସେବାୟତଙ୍କୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ବର୍ଷ ବର୍ଷ ଧରି ଏସମସ୍ୟା ସମାଧାନ ହୋଇପାରୁନି। ଟ୍ରଷ୍ଟବୋର୍ଡର ପରିଚାଳନାରେ ତ୍ରୁଟି ଯୋଗୁ ମନ୍ଦିରରେ ଶୃଙ୍ଖଳିତ ଅନେକ ସମୟରେ ହୋଇପାରୁନାହିଁ। ଦୁଃଖର କଥା, ଲିଙ୍ଗରାଜଙ୍କର ଅନେକ ସେବାପୂଜା ବନ୍ଦ ହୋଇଗଲାଣି। କପିଳେଶ୍ୱରଙ୍କ ହାଣ୍ଡିଭଙ୍ଗା ଯାତ୍ରାରେ ଲିଙ୍ଗଜରାଜ ଯାଉନାହାନ୍ତି। ସେହିପରି କପିଳେଶ୍ୱର ଲିଙ୍ଗରାଜଙ୍କ ୨୨ଦିନ ଚନ୍ଦନ ଯାତ୍ରା ଓ ଶୀତଳ ଷଷ୍ଠିକୁ ଆସୁନାହାନ୍ତି। ବଡୁ ଓ ପୂଜା ପଣ୍ଡା ନିଯୋଗ ବିବାଦ ଯୋଗୁ ପଇତା ଲାଗି ସେବା ପୂଜା ଏବଂ ଓଢ଼ଣୀ ଷଷ୍ଠିରେ ଅଧିବାସ ପୂଜା ବର୍ଷ ବର୍ଷ ଧରି ହୋଇପାରୁନି। ଲିଙ୍ଗରାଜଙ୍କ ଜମି ଜବରଦଖଲ ଉଚ୍ଛେଦ ହେଉନି। ନିକଟରେ ବଡୁ ନିଯୋଗ ଲିଙ୍ଗରାଜଙ୍କ ଜମି ଜବରଦଖଲ କରି ମାର୍କେଟ ବିଲଡିଂ କଲା। ଏନେଇ ଦେବତ୍ତୋରଙ୍କ କୋର୍ଟରେ ମାମଲା ହେଲା। ହେଲେ ଟ୍ରଷ୍ଟ ବୋର୍ଡର ପରିଚାଳନାଗତ ତ୍ରୁଟି ପାଇଁ ମାମଲା ଗଡ଼ିଲା, ଅନ୍ୟପଟେ ଜବରଦଖଲ ଜମି ଉପରେ ବଡୁ ନିଯୋଗ କୋଠା କରି ଭଡ଼ାକୁ ଦେଲା। ମନ୍ଦିର ଭିତରକୁ ପଲିଥିନ୍, ମୋବାଇଲ୍, ଜୋତା ତଥା ଅଣହିନ୍ଦୁ ପ୍ରବେଶ ନିଷେଧ। ହେଲେ ଦୁଃଖର କଥା ଏ ସମ୍ପର୍କରେ ଗୋଟିଏ ସୂଚନା ଫଳକ ପ୍ରଶାସନ ଲଗାଇପାରୁନାହିଁ। ମନ୍ଦିର ଭିତରେ ପାନଛେପ ଓ ସିଗାରେଟ୍ ଟାଣିବା ନୀତି ଦିନଆ ଘଟଣା ହେଲାଣି। ସିଗାରେଟ୍ ଟାଣି କିଛି ଦିନ ତଳେ ଜଣେ ଯୁବ ସୋସିଆଲ ମିଡିଆରେ ଛାଡ଼ି ଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ମନ୍ଦିରରେ ଫଟୋ ଉଠାଇବା ବାରଣ କରାଯାଇଛି। ହେଲେ ଖୋଦ୍ ସେବାୟତମାନେ ଯଜମାନଙ୍କ ଫଟୋ ଉଠାଉଛନ୍ତି। ନିକଟରେ ବଲିଉଡ୍? ଅଭିନେତ୍ରୀ ଶିଲ୍ପା ସେଟ୍ଟିଙ୍କ ଫଟୋ ଭାଇରାଲ୍ ପରେ ସଂପୃକ୍ତ ମନ୍ଦିର ସୁପରଭାଇଜରଙ୍କୁ ନୋଟିସ୍ ଦିଆଗଲା। ହେଲେ ମନ୍ଦିର ପ୍ରଶାସନର କୋହଳ ନୀତି ଯୋଗୁଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ହାତରେ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ମୁଖ୍ୟମନ୍ଦିର ସମେତ ବେଢ଼ାରେ ଥିବା ମନ୍ଦିରମାନ ଦୁର୍ବଳ ହେବାରେ ଲାଗିଛି। ଏମିତି ମାଳ ମାଳ ସମସ୍ୟା ଭିତରେ ଲିଙ୍ଗରାଜଙ୍କ ମନ୍ଦିର ଚାଲିଛି। ମନ୍ଦିର କାର୍ଯ୍ୟାଳୟରେ ଦୁଇ ଜଣ ଆକାଉଣ୍ଟ, ଜଣେ ଡାଟା ଏଣ୍ଟ୍ରି ଅପରେଟର ଓ କିଛି ହାତଗଣତି କର୍ମଚାରୀଙ୍କ ଭରଷାରେ ଚାଲିଛି। ଫଳରେ ଲିଙ୍ଗରାଜଙ୍କ ଜମି ଉପରେ ଅନ୍ୟ ସରକାରୀ ଓ ବେସରକାରୀ ସଂସ୍ଥା କବ୍?ଜା କରିଛନ୍ତି। ଯାହାଦ୍ୱାରା ଲିଙ୍ଗରାଜଙ୍କ ଆୟ ଅନ୍ୟମାନେ ନେଉଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ରାଜ୍ୟରେ ନୂଆ ସରକାର ଆସିଛି। କଳା, ସଂସ୍କୃତି, ଐତିହ୍ୟ ପରମ୍ପରାକୁ ରକ୍ଷା କରିବା ପାଇଁ ସରକାର ପ୍ରାଧାନ୍ୟ ଦେଉଥିବା ଆଲୋଚନା ମଧ୍ୟ ହେଉଛି। ହେଲେ ବାସ୍ତବରେ ଏହା କେବେ ପରିଣତ ହେବ ତାକୁ ହିଁ ଅପେକ୍ଷା।

## ରାଜଧାନୀରେ ବର୍ଷା ପରେ କମିଲା ମଶାର ସାନ୍ଦ୍ରତା, ମଶା ସଂଖ୍ୟା ହ୍ରାସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଲଗାଣ ବର୍ଷା ଓ ତାପମାତ୍ରା ହ୍ରାସ ଯୋଗୁଁ ରାଜଧାନୀରେ ମଶାର ସାନ୍ଦ୍ରତା କମିଛି। ମଶା ସଂଖ୍ୟା ହ୍ରାସ ପାଇଛି । ଫଳରେ ରାଜଧାନୀବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ଲଘୁଚାପ ପ୍ରଭାବରେ ଦୁଇଦିନ ଧରି ପ୍ରବଳ ବର୍ଷା ହୋଇଛି । ଫଳରେ ତାପମାତ୍ରା ସ୍ୱାଭାବିକ ଠାରୁ ପ୍ରାୟ ୮ ଡିଗ୍ରୀ କମି ଯାଇଛି । ବିଶେଷଜ୍ଞଙ୍କ କହିବା କଥା, ଥଣ୍ଡା ବଢ଼ିବାରୁ ମଶାଙ୍କ ସାନ୍ଦ୍ରତା ଅପେକ୍ଷାକୃତ କମ୍ ରହେ । ଶୀତ ଜାରି ରହିଲେ, ମଶାଙ୍କ ସଂଖ୍ୟା ଆହୁରି କମିବ । ଗତ ମାସେ ହେବ ଭୁବନେଶ୍ୱରରେ ମଶାଙ୍କ ସାନ୍ଦ୍ରାତା ବଢ଼ିଥିଲା । ସାନ୍ଦ୍ରତା ପାଖାପାଖି ୮୦ ଛୁଇଁଥିଲା । ସହରବାସୀ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ । ଏବେ କିନ୍ତୁ ମଶାର ସାନ୍ଦ୍ରତା କମିବା ଫଳରେ ବିଏମ୍‌ସି ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଛି ।

# ଇତିହାସରେ ପ୍ରଥମ: ବଡ଼ବଡ଼ିଆଙ୍କଠି ବାଜିଲା ଛାଟ, ଥରକେ ହଟିଲେ ପାଞ୍ଚ ମୁଖିଆ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ତ୍ତ ବିଭାଗର ରାସ୍ତା ଓ କୋଠାବାଡ଼ି ବିଭାଜନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେବା ପରେ ଶତାଧିକ ଇଞ୍ଜିନୟରଙ୍କ ବଦଳି ହୋଇଛି। ଏଥିରେ ଭୁବନେଶ୍ୱରର ୫ଟି ଯାକ ରାସ୍ତା ଓ କୋଠାବାଡ଼ି ଡିଭିଜନ୍‌ର ମୁଖିଆ ବଦଳିଛନ୍ତି। ପ୍ରତ୍ୟେକ ଡିଭିଜନ୍‌ରେ କେଳେଙ୍କାରୀର ଅଭିଯୋଗ ରହିଥିବା ବେଳେ ଡିଭିଜନ୍-୧ରେ ସବୁଠାରୁ ଅଧିକ ରହିଥିଲା। ଏହି ଡିଭିଜନ୍ ଦାୟିତ୍ୱରେ ଥିବା ଅଧିକ୍ଷଣ ଯନ୍ତ୍ରୀ ତ୍ରିନାଥ ବେହେରାଙ୍କର କଟକ ବଦଳି ହୋଇଛି। ତାଙ୍କ ଜାଗାରେ ପ୍ରଭୁଦତ୍ତ ପ୍ରଧାନଙ୍କୁ ନିଯୁକ୍ତ ମିଳିଛି। ସେହିଭଳି ୬ ମାସ କାଳ ଖାଲି ପଡ଼ିଥିବା ଡିଭିଜନ୍-୨ ଦାୟିତ୍ୱ ସଚିନ୍ ସାହୁଙ୍କୁ ମିଳିଛି। ସେ ପୂର୍ବରୁ ଡିଭିଜନ୍-୪ ଦାୟିତ୍ୱରେ ଥିଲେ। ଡିଭିଜନ୍-୩ର ଅଧିକ୍ଷଣ ଯନ୍ତ୍ରୀ ଗାୟତ୍ରୀ ପଟେଲ୍‌ଙ୍କର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ତାଙ୍କ ଜାଗାରେ ବଲାଙ୍ଗୀରରେ ଥିବା ନରେନ୍ଦ୍ର ଘଡ଼ାଇ ଆସିଛନ୍ତି। ଓବିସିସି ଲିମିଟେଡ୍‌ରେ କାମ କରୁଥିବା ସୁନ୍ଦର ମାଧବ ପାଢ଼ୀଙ୍କ ଡିଭିଜନ୍-୪କୁ ଆସଛନ୍ତି। କଟକରେ କାମ କରୁଥିବା ଅମରେଶ ରାଉତରାୟଙ୍କୁ ଡିଭିଜନ୍-୫ ଦାୟିତ୍ୱ ମିଳିଛି। ଅନ୍ୟପଟେ ଡିଭିଜନ୍-୧ରେ ରହିଥିବା ସହକାରୀ ଯନ୍ତ୍ରୀ ସମ୍ବିତ ମହାନ୍ତିଙ୍କର ମାର୍ଚ୍ଚ ମାସରୁ ଓବିସିସିକୁ ବଦଳି ହୋଇଛି। ହେଲେ ସେ ଯାଉ ନାହାନ୍ତି। ତାଙ୍କ ଜାଗାରେ କେହି ଆସିନଥିବାରୁ ତାହାର ସୁଯୋଗ ନେଇ ବସି ରହିଛନ୍ତି। ନିକଟ ଅତୀତରେ ବଦଳି ଆଦେଶ ତୁରନ୍ତ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମୁଖିଆ ବଦଳିଥିଲେ ମଧ୍ୟ ସେ ଯାଉ ନଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଥରରେ ଏଭଳି ୫ଟି ଯାକ ଡିଭିଜନ୍‌ର ମୁଖିଆ ପରିବର୍ତ୍ତନ ହେବା ଘଟଣା ପୂର୍ତ୍ତ ବିଭାଗ ଅଧୀନରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ବିଭାଜନ ଇତିହାସରେ ପ୍ରଥମଥର ପାଇଁ ଘଟିଛି। ବାସ୍ତବରେ ଡିଭିଜନ୍-୧ର କାର୍ଯ୍ୟକଳାପ ପାଇଁ ସମଗ୍ର ଡିଭିଜନ୍ ବଦନାମ ହୋଇଥିଲା। ଏଠାରେ ୧୫ରୁ ଉର୍ଦ୍ଧ୍ୱ ବର୍ଷ ହେବ କର୍ମଚାରୀ ଗାଦି ମାଡ଼ି ବସିଥିଲେ। ଅଭିଯୋଗ ହେବା ପରେ ବଦଳି ହୋଇଥିଲା। ହେଲେ ୧୫ ଦିନ ହେବେ ସେମାନେ ଆଦେଶ ମାନୁ ନଥିଲେ। ଉଚ୍ଚ କର୍ତ୍ତୃପକ୍ଷ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେମାନେ ଗାଦି ଛାଡୁ ନଥିଲେ। ଡିଭିଜନ୍ ଦାୟିତ୍ୱରେ ଥିବା ଏହି ସବୁ ଅଧିକାରୀମାନେ ସେମାନେ କିଭଳି ରିଲିଭ୍ ହେବେ ସେ ନେଇ ଉଦ୍ୟମ କରୁନଥିଲେ ବା ଉଦ୍ୟମ କରୁଥିଲେ ମଧ୍ୟ ଅଧସ୍ତନ କର୍ମଚାରୀମାନେ ଏମାନଙ୍କର ଆଦେଶ ମାନୁ ନଥିଲେ। ଶେଷରେ କର୍ମଚାରୀମାନେ ଗାଦି ନଛାଡ଼ିଲେ ଏହି ସବୁ ବରିଷ୍ଠ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବେ ବୋଲି ବିଭାଗ ତାଗିଦ କରିବା ପରେ କର୍ମଚାରୀମାନେ ନୂଆ ଜାଗାରେ ଯୋଗ ଦେଇଥିଲେ। ଏତିକିରେ ବିବାଦ ଥମି ନଥିଲା। ଜଣେ ଠିକାଦାର ନିଜର ବିଲ୍ ପାସ୍ କରିବା ପାଇଁ ଡିଭିଜନ୍-୧ର ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସମ୍ପୃକ୍ତ ମହିଳା କର୍ମଚାରୀ ତ୍ରିନାଥ ବେହେରାଙ୍କୁ ଅଭିଯୋଗ କରିଥିଲେ। ହେଲେ ଶ୍ରୀ ବେହେରା ଏହାକୁ ଆପୋଷ ସମାଧାନ କରିବାକୁ ଚାପ ପକାଥିଲେ। ଫଳରେ ମାମଲା ଥାନାକୁ ଯାଇ ନଥିଲା। ଅଭିଯୁକ୍ତ ଠିକାଦାରଙ୍କ ସହ ହାତ ମିଳାଇ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚାପି ଦେବା ଅଭିଯୋଗ ହୋଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଏହି ବିଭାଜନର ଆମୂଳଚୁଳ ପରିବର୍ତ୍ତନ କରିବା ପାଇଁ ଯୋଜନା ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ମାସରେ କେନ୍ଦ୍ରୀୟ (ଆର ଆଣ୍ଡ ବି) ସର୍କଲ ମୁଖ୍ୟ ଏହି ସବୁ ବିଭାଜନରୁ ୧୫ ଜଣ କର୍ମଚାରୀଙ୍କୁ ବଦଳି କରିଥିଲେ। ୧୧ ଜଣ ବଦଳି ଆଦେଶ ମାନି ନଥିଲେ। ଏଥିରେ ୨୬ ବର୍ଷ ଧରି ଜଣେ ବରିଷ୍ଠ ସହାୟକ ଡିଭିଜନ୍-୧ରେ କ୍ୟାସିୟର ଭାବେ ରହିଥିଲେ।

# ଭାରତୀୟ ପୁଞ୍ଜି ବଜାର ଲାଗି ନୂଆ ରେକର୍ଡ ସୃଷ୍ଟି କରିଛି ୨୦୨୪

**ନୂଆଦିଲ୍ଲୀ,**
ଭାରତୀୟ ପୁଞ୍ଜି ବଜାର ଲାଗି ନୂଆ ରେକର୍ଡ ସୃଷ୍ଟି କରିଛି ୨୦୨୪। ଚଳିତ ବର୍ଷ କମ୍ପାନିଗୁଡ଼ିକ ପ୍ରାଥମିକ ପବ୍ଲିକ ଅଫର (ଆଇପିଓ), କ୍ୱାଲିଫାଏଡ ଇନଷ୍ଟିଚ୍ୟୁସନାଲ ପ୍ଲେସମେଣ୍ଟ ଏବଂ ରାଇଟ୍ସ ଇସ୍ୟୁ ଜରିଆରେ ପୁଞ୍ଜି ବଜାରରୁ ୩ ଲକ୍ଷ କୋଟି ଟଙ୍କା ଉଠାଣ କରିଛନ୍ତି । ୨୦୨୧ରେ କମ୍ପାନି ଗୁଡ଼ିକ ବଜାରରୁ ୧.୮୮ ଲକ୍ଷ କୋଟି ଟଙ୍କା ଉଠାଣ କରିଥିଲେ । ଏଥିମଧ୍ୟରୁ ୯୦ କମ୍ପାନି ୧.୬୨ ଲକ୍ଷ କୋଟି ଟଙ୍କା ଉଠାଣ ନେଇ ଘୋଷଣା କରିଛନ୍ତି । ଯାହା ଗତ ବର୍ଷର ୪୯,୪୩୬ କୋଟି ତୁଳନାରେ ୨ ଗୁଣା । ସେହିଭଳି ନୂଆ ଇସ୍ୟୁ ଜରିଆରେ ଉଠାଣ ୭୦ ହଜାର କୋଟି ଟଙ୍କା ରହିଛି । ଯାହା ୨୦୨୧ରେ ୪୩,୩୦୦ କୋଟି ଟଙ୍କା ରହିଥିଲା । ଚଳିତ ବର୍ଷ ଅଦ୍ୟାବଧି ୮୮ କମ୍ପାନି କ୍ୟୁଆଇପି ଜରିଆରେ ୧.୩ ଲକ୍ଷ କୋଟି ଟଙ୍କା ଉଠାଇଛନ୍ତି । ୨୦୨୦ରେ ୨୫ କମ୍ପାନି ଏହି ଟୁଲ ବ୍ୟବହାର କରି ୮୦,୮୧୬ କୋଟି ଟଙ୍କା ଉଠାଣ କରିଥିଲେ । ଚଳିତ ବର୍ଷ ୨୦ କମ୍ପାନି ରାଇଟ୍‌ସ ଇସ୍ୟୁ ଜରିଆରେ ୧୮ ହଜାର କୋଟି ଟଙ୍କା ଉଠାଇବାକୁ ସକ୍ଷମ ହୋଇଛନ୍ତି । ଗତ ବର୍ଷ ଏହା ୭୨୬୬ କୋଟି ଏବଂ ୨୦୨୨ରେ ୩୮୪୪ କୋଟି ଟଙ୍କା ଥିଲା । ବର୍ତ୍ତମାନ ଏହି ରାଶି ବୃଦ୍ଧି ହେବାର ଢ଼େର ସମ୍ଭାବନା ରହିଛି । ଡିଏଏମ୍ କ୍ୟାପିଟାଲ ଆଡ୍‌ଭାଇଜର୍ସ, ଭେଣ୍ଟିବ ହସ୍ପିଟାଲିଟି, କାରାରୋ ଇଣ୍ଡିଆ, ସେନର୍ସ ଫାର୍ମା, ଟ୍ରାନ୍ସରେଲ ଲାଇଟିଂ, କନକର୍ଡ ଏନଭାରୋ ସିଷ୍ଟମ, ସନାତନ ଟେକ୍ସଟାଇଲ ଏବଂ ମମତା ମେଶିନାରି ଭଳି କମ୍ପାନିଗୁଡ଼ିକର ଆଇପିଓ ଖୋଲିବା ଅପେକ୍ଷାରେ ରହିଛି । ଏବେ ଦେଶର ଅଭିବୃଦ୍ଧି ଧାରା ଜାରି ରହିଛି। କମ୍ପାନିଗୁଡ଼ିକ ସମ୍ପ୍ରସାରଣ କରିବାରେ ଅଧିକ ପୁଞ୍ଜି ଖର୍ଚ୍ଚ କରୁଛନ୍ତି । ଏହାକୁ ନେଇ ସେମାନେ ବଜାରରୁ ଅଧିକ ପୁଞ୍ଜି ଉଠାଣ କରୁଛନ୍ତି । ୨୦୨୩-୨୪ରେ ଦେଶର ଅର୍ଥନୀତି ୮.୨% ବଢ଼ିଥିଲା । ଚଳିତ ଆର୍ଥିକ ବର୍ଷରେ ଅର୍ଥନୀତି ୬.୬% ହାରରେ ବଢ଼ିବ ବୋଲି ଆରବିଆଇ ଆକଳନ କରିଛି।



# ‘ସସ୍‌ଟେନେବିଲିଟି ୨୦୨୫’ ତାଲିକା: ପୁଣି ଅନ୍ତର୍ଜାତୀୟସ୍ତରରେ ଚମକିଲା ଏନ୍‌ଆଇଟି





**ରାଉରକେଲା, ନ୍ୟୁଜ ବ୍ୟୁରୋ**
ପୁଣିଥରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଚମକିଛି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)। ସଦ୍ୟ ପ୍ରକାଶିତ ମର୍ଯ୍ୟାଦାଜନକ ‘କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଂ: ସସ୍‌ଟେନେବିଲିଟି ୨୦୨୫’ ତାଲିକାରେ ଏନଆଇଟିକୁ ବୈଶ୍ୱିକସ୍ତରରେ ୬୬୪ତମ ରାଙ୍କ୍, ଏସିଆରେ ୧୬୭ ରାଙ୍କ୍ ଓ ଭାରତୀୟ ବର୍ଗରେ ୧୯ତମ ସ୍ଥାନରେ ରହିଛି। ଏହି ତାଲିକାରେ ଦେଶର ୭୮ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ତେବେ ଏନ୍‌ଆଇଟି ବର୍ଗରେ ରାଉରକେଲା ଏନ୍‌ଆଇଟି ଶୀର୍ଷ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ, ପୂର୍ବବର୍ଷ ତୁଳନାରେ ଏନ୍‌ଆଇଟି ରାଉରକେଲା ଚଳିତବର୍ଷ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଅନୁଷ୍ଠାନ ଗତବର୍ଷ ଏହି ତାଲିକାରେ ବୈଶ୍ୱିକସ୍ତରରେ ୬୭୬ତମ ସ୍ଥାନ ଭାରତରେ ୨୧ତମ ସ୍ଥାନରେ ରହିଥିଲା। ଏହି ସଫଳତା ନେଇ ଅନୁଷ୍ଠାନର ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ କହିଛନ୍ତି, ରାଙ୍କରେ ଉନ୍ନତି ଅନୁଷ୍ଠାନର ସ୍ଥାୟୀ ଅଭ୍ୟାସ ଓ ସାମାଜିକ ଦାୟିତ୍ୱକୁ ପ୍ରମାଣିତ କରେ। ଅନ୍ତର୍ଜାତୀୟ ସ୍ତରରେ ରାଉରକେଲାସ୍ଥିତ ଏନ୍‌ଆଇଟି ପୁଣି ଥରେ ସୁନାମ ଆଣିଛି। ସଦ୍ୟ ପ୍ରକାଶିତ ମର୍ଯ୍ୟାଦାଜନକ ‘କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଂ: ସସ୍‌ଟେନେବିଲିଟି ୨୦୨୫’ ତାଲିକାରେ ଏନଆଇଟିକୁ ବୈଶ୍ୱିକସ୍ତରରେ ୬୬୪ତମ ରାଙ୍କ୍, ଏସିଆରେ ୧୬୭ ରାଙ୍କ୍ ଓ ଭାରତୀୟ ବର୍ଗରେ ୧୯ତମ ସ୍ଥାନରେ ରହିଛି। ଏହି ତାଲିକାରେ ଦେଶର ୭୮ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ପୂର୍ବବର୍ଷ ତୁଳନାରେ ଏନ୍‌ଆଇଟି ରାଉରକେଲା ଚଳିତବର୍ଷ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଶିକ୍ଷା ଓ ଦୈନନ୍ଦିନ ଜୀନଶୈଳୀର ଉତ୍ତମ ସମନ୍ୱୟକୁ ପ୍ରାଥମିକତା ଦେଇଥାଏ। ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀଙ୍କ ନିଷ୍ଠାପର ପରିଶ୍ରମ ବଳରେ ହିଁ ଅନୁଷ୍ଠାନ ସବୁଜ ତଥା ସ୍ଥାୟୀ ଭବିଷ୍ୟତ ସୃଷ୍ଟି ଦିଗରେ ଆଗେଇଚାଲିଛି। ଅନୁଷ୍ଠାନ ସ୍ଥାୟୀ ବିକାଶ ପାଇଁ ଗବେଷଣା ସହ ନୂତନ ଉଦ୍ଭାବନ ଓ ଆବିଷ୍କାରକୁ ଗୁରୁତ୍ୱାରୋପ, ସ୍ୱଚ୍ଛ କ୍ୟାମ୍ପସ୍ ସ୍ୱଚ୍ଛତା ଅଭିଯାନ, ଏ ଦିଗରେ କାର୍ଯ୍ୟ କରିବାକୁ ନୂତନ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ, ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ସଚେତନତା, ବ୍ୟାପକ ବନୀକରଣ ମାଧ୍ୟମରେ ସବୁଜ କ୍ୟାମ୍ପସ୍ ସୃଷ୍ଟି ଆଦି ଯୋଗୁଁ ଏହି ସଫଳତା ମିଳିପାରିଥିବା ପ୍ରଫେସର ରାଓ କହିଛନ୍ତି।

## କଳିଙ୍ଗ ଷ୍ଟୁଡିଓ ସମ୍ମୁଖ ଡ୍ରେନ୍ ସମସ୍ୟା: ୩ ବର୍ଷ ବିତିଲା, ସରିଲାନି କାମ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**
କଳିଙ୍ଗ ଷ୍ଟୁଡିଓ ଛକ ନିକଟସ୍ଥ ରାଷ୍ଟ୍ରୀୟ ଆୟୁର୍ବେଦ ଔଷଧ ବିକାଶ ଗବେଷଣା ପ୍ରତିଷ୍ଠାନ ସମ୍ମୁଖସ୍ଥ ରାସ୍ତାରେ ଡ୍ରେନ ପାଣି ଭାସିବା ସମସ୍ୟାର ୪ ବର୍ଷ ପରେ ମଧ୍ୟ ସମାଧାନ ହୋଇପାରିଲା ନାହିଁ। ବର୍ଷ ବର୍ଷ ଧରି ନାଳ ପାଣି ସେଠାରେ ଜମି ରହି ପୂତିଗନ୍ଧମୟ ପରିସ୍ଥିତ ସୃଷ୍ଟି କରୁଛି ସିନା କୌଣସି ସମାଧାନ ହୋଇପାରି ନାହିଁ। ଅତୀତରେ ଏ ନେଇ ଆନ୍ଦୋଳନ ହେଲା। ଶାସକ ଦଳର ମନ୍ତ୍ରୀ ଓ ବିଧାୟକ ସ୍ଥିତି ଅନୁଧ୍ୟାନ କଲେ। ପୂର୍ତ୍ତ ବିଭାଗ ଅଧିକାରୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟା ସୁଧାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଟେଣ୍ଡର ହୋଇ କାମ ଆରମ୍ଭ ବି ହେଲା। ହେଲେ ଏତେ ସବୁ ପରେ ମଧ୍ୟ କାମ ସରୁନି କି ସ୍ଥିତି ସୁଧୁରିନି। ୩ ବର୍ଷ ତଳେ ଦୀର୍ଘ ଦିନ ହେବ ମଇଳା ପାଣି ଲହଡ଼ି ଭାଙ୍ଗିବା ପରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯେତେ ଅଭିଯୋଗ କଲେ ମଧ୍ୟ ବିଏମ୍‌ସି କି ପୂର୍ତ୍ତ ବିଭାଗ କେହି କର୍ଣ୍ଣପାତ କରୁ ନଥିଲେ। ସ୍ଥାନୀୟ ଲୋକ ଅଭିଯୋଗ କରି ଆନ୍ଦୋଳନ କଲେ। ଶାସକ ଦଳର ଦୁଇ ବିଧାୟକ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେତେବେଳେ ସେମାନଙ୍କ ସହ ବିଏମ୍‌ସି ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଘଟଣାର ତଦାରଖ କଲେ। ଫଳରେ ପରେ ପୂର୍ତ୍ତ ବିଭାଗ ଦ୍ୱାରା ନୂଆ ଡ୍ରେନ୍ ତିଆରି ହେବାର ଆଶ୍ୱାସନା ଦିଆଯାଇଥିଲା। ଏ ନେଇ ୧୧ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ ହେଲା। ସ୍ଥାୟୀ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ବିଏମ୍‌ସି ଅଳ୍ପ ଦିନ ବ୍ୟବଧାନରେ ଡ୍ରେନ୍ ସଫା କରିବାର ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କେଇଟା ଦିନ ପରେ ଏ ସବୁ ଆଉ କିଛି ହେଲାନି। ୩ ବର୍ଷ ବିତିଲାଣି ହେଲେ କାମ ସରୁନି। ଫଳରେ ଗତ ୩ ମାସ ହେଲା ପୁଣି ଡ୍ରେନ୍ ପାଣି ରାସ୍ତାରେ ଭାସୁଛି। ମିଳିଥିବା ସୂଚନା ଅନୁସାରେ, ଭରତପୁର ବସ୍ତି ସମେତ ଲକ୍ଷ୍ମୀବିହାର, ଜୟଦୁର୍ଗାନଗର ଓ ଏହାର ଆଖପାଖ ଅଞ୍ଚଳରୁ ଆସୁଥିବା ମଇଳା ପାଣିରେ କଠିନ ବର୍ଜ୍ୟବସ୍ତୁ ଯେପରିକି ଜରି, ବୋତଲ, କାଚ ଓ ପ୍ଲାଷ୍ଟିକ୍ ସାମଗ୍ରୀ, ବିଭିନ୍ନ ଖାଦ୍ୟ ସାମଗ୍ରୀ ମିଶ୍ରିତ ଭାବେ ଆସୁଛି। ପୂର୍ତ୍ତ ବିଭାଗର ଡ୍ରେନ୍‌କୁ ସଂଯୋଗ କରୁଥିବା ଗଳି ରାସ୍ତା ପାର୍ଶ୍ୱର ଏହି ଡ୍ରେନ୍‌ରେ ମଝିରେ ଏକ ଜାଲି ଦିଆଯାଇଛି। ଯାହା ମଇଳା ପାଣିରୁ କଠିନ ବର୍ଜ୍ୟବସ୍ତୁକୁ ପୃଥକ କରୁଛି। ତେବେ ଏହି କଠିନ ବର୍ଜ୍ୟବସ୍ତୁକୁ ନିୟମିତ ବ୍ୟବଧାନରେ ସଫା କରାଯିବା କଥା। ବିଏମ୍‌ସି ପକ୍ଷରୁ ସଫେଇ ପାଇଁ ଠିକା ଦିଆଯାଇଥିବା ସଂସ୍ଥା ଏହି କାମ କରୁନାହିଁ। ନିୟମିତ ବ୍ୟବଧାନରେ ଏହି କାମ ହେଉ ନ ଥିବାରୁ ଜାଲି ନିକଟରେ ଅଳିଆ ଲାଗି ଜାମ୍ ହୋଇ ରହୁଛି। ଅନ୍ୟପଟେ ଡ୍ରେନ୍ ବଡ଼ କରିବା କାମ ସରୁ ନଥିବାରୁ ସ୍ଥିତି ଆହୁରି ଖରାପ ହୋଇଯାଉଛି। ଏଥିପାଇଁ କେବଳ ସ୍ଥାନୀୟ ଲୋକ ନୁହେଁ ଜାତୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ ମଧ୍ୟ ପ୍ରଭାବିତ ହୋଇଛି। ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର ପାର୍ଶ୍ୱରେ ଥିବା ଅନ୍ୟ ଦୁଇଟି ଗେଟ୍‌କୁ ନାଳ ପାଣି ମାସ ମାସ ଧରି ଅବରୋଧ କରୁଛି। ଯେଉଁଥିପାଇଁ ଏହି ଗେଟ୍‌କୁ ଆଉ ପ୍ରତିଷ୍ଠାନ ପକ୍ଷରୁ ଖୋଲାଯାଉ ନାହିଁ କି ଲୋକେ ଆଉ ସେପଟେ ଯାତାୟତ ମଧ୍ୟ କରୁନାହାନ୍ତି। ଏ ନେଇ ଅଞ୍ଚଳବାସୀ ଏବେ ଚିନ୍ତାରେ। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ଡ୍ରେନ୍ ଗନ୍ଧ କେବେ ମଧ୍ୟ ବନ୍ଦ ହେଉନି। ଯେଉଁ ଡ୍ରେନ୍‌ରୁ ମଇଳା ବାହାରୁଛି, ତାକୁ ମଧ୍ୟ ବିଏମ୍‌ସି ସଫା କରୁନି। ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ତତ୍ପରତା ପ୍ରକାଶ ପାଉନି। ପୂର୍ତ୍ତ ବିଭାଗ ଦ୍ୱାରା ସର୍ଭେ କରାଯାଇ ସମ୍ପୂର୍ଣ୍ଣ ଡ୍ରେନ୍ ପାଇଁ ବ୍ୟୟ ଅଟକଳ ହୋଇ କାମ ଆରମ୍ଭ ହୋଇଛି ହେଲେ କାମ ସରୁନି।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେବ ଗ୍ୟାସ। ଏନେଇ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ। ଏହାଦ୍ୱାରା ଓଦା ଓ ପରିବା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣରୁ ପ୍ରସ୍ତୁତ ହେବ ସିଏନଜି ଗ୍ୟାସ। ଭୁବନେଶ୍ୱରର କେଶୁରା ପାଖ ମେହେରପାଲିରେ ଏହି ପ୍ଲାଣ୍ଟ ପ୍ରସ୍ତୁତ ହେବାକୁ ଥିବାବେଳେ ଏନେଇ ଅଏଲ ଇଣ୍ଡିଆ ଲିମିଟେଡ଼ ଓ ବିଏମସିର ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ଲାଣ୍ଟ ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରତିଶୃତି ଦେଇଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିବାବେଳେ ୨ ବର୍ଷରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ତେବେ ୧୭୫ କୋଟି ଟଙ୍କା ବ୍ୟୟରେ ପ୍ରତିଦିନ ୨୦୦ ଟନ ଉତ୍ପାଦନର କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରସ୍ତୁତ କରିବାକୁ ଯାଉଛି ଅଏଲ ଇଣ୍ଡିଆ ଲିମିଟେଡ଼। ପ୍ରାଥମିକ ଭାବେ ଭୁବନେଶ୍ୱରରେ ଆରମ୍ଭ ହୋଇଥିବାବେଳେ ଏଥିପାଇଁ ୮ ଏକର ଜମି ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର। ସରକାର ଆଗାମୀ ଦିନରେ ୬ ଟି ମ୍ୟୁନିସିପାଲଟି ବା ବଡ ସହରରେ ହେବ ବୋଲି କହିଛନ୍ତି ମନ୍ତ୍ରୀ। ପୁରୀ, କୋଣାର୍କ, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ତେବେ ଏହି ବାୟୋଗ୍ୟସ ଇନ୍ଦୋର ଓ ଗୋଆରେ ପରୀକ୍ଷାମୂଳକ ଭାବେ କରାଯାଇଥିବାବେଳେ ଓଡ଼ିଶାରେ ଏହି ବର୍ଯ୍ୟକୁ ପ୍ରକ୍ରିୟାକରଣ କରି ଭୁବନେଶ୍ୱରକୁ ପ୍ରୟୋଗଶାଳା ଭାବେ ନେଇ ବାୟୋଗ୍ୟାସ ଉତ୍ପାଦନ କରିବ ଅଏଲ ଇଣ୍ଡିଆ ଲିମିଟେଡ଼। ଏହି କାର୍ଯ୍ୟକୁ ତ୍ୱରିତ ତ୍ୱରାନିତ୍ୱ ପାଇଁ ମନ୍ତ୍ରୀ କହିଥିବାବେଳେ ୨ ବର୍ଷ ପୂର୍ବରୁ ପ୍ରକଳ୍ପ ଶେଷ କରିବାକୁ କହିଛନ୍ତି ଅଏଲ ଇଣ୍ଡିଆ ଲିମିଟେଡ଼ ଏମଡି ରଞ୍ଜିତ କୁମାର ରଥ । ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ସହ ଭୁବନେଶ୍ୱର ମହାନଗର ନିଗମ ଅଂଚଳ ନାଗରିକଙ୍କ ଜୀବନଧାରଣା ମାନ ବୃଦ୍ଧି କରିବା ଦିଗରେ ଏହି ସିଏନଜି ଗ୍ୟାସ ପ୍ଲାଣ୍ଟ ସହାୟକ ହେବ ବୋଲି ରଞ୍ଜିତ କୁମାର ରଥ କହିଥିବାବେଳେ ସାରା ଦେଶରେ ୨୫ ସହରରେ ଏହି ବାୟୋଗ୍ୟାସ ନିର୍ମାଣ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି। ପ୍ରତିଦିନ ଏହି ପ୍ଲାଣ୍ଟରେ ୧୦ ଟନ ଗ୍ୟାସ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବାବେଳେ ଏହି ପ୍ଲାଣ୍ଟର ପରବର୍ତ୍ତୀ ତତ୍ୱାବଧାନ ପାଇଁ ୨୦ କୋଟି ଟଙ୍କାର ନିବେଶ ହେବ ବୋଲି ମଧ୍ୟ କହିଛନ୍ତି। ଏହାସହ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାବେଳେ ଆଗାମୀ ଦିନରେ ନଡ଼ା ଓ ଧାନରୁ ଗ୍ୟାସ ଓ ପ୍ରାକୃତିକ ଶକ୍ତି ଉତ୍ପାଦନ କରାଯିବ ବୋଲି ସେ କହିଛନ୍ତି। ବିଶେଷ କରି ସମ୍ବଲପୁର, ବୌଦ୍ଧ, ସୋନପୁର ଅଂଚଳରେ ଧାନ ଓ ନଡ଼ା ସହ ବଲାଙ୍ଗୀରରେ ଅଧିକ ଗୋଶାଳା ଥିବାରୁ ସେଠାରେ ଗୋବରରୁ ଗ୍ୟାସ ଓ ପ୍ରାକୃତିକ ଶକ୍ତି ଉତ୍ପାଦନ ହେବ ବୋଲି କହିଛନ୍ତି ରଞ୍ଜିତ କୁମାର ରଥ। ଏଠାରେ ସୂଚନାଥାଉକି ବର୍ତ୍ତମାନ ଭୁବନେଶ୍ୱରରେ ୩୮୦ ଟନ ଓଦା ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି। ଏଥିରୁ ୧୨୦ ଟନ ବୈଜ୍ଞାନିକ ପଦ୍ଧତିରେ ୩୭ଟି ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟରରେ ପ୍ରକ୍ରିୟାକରଣ କରାଯାଇ ସେଥିରୁ ମୋ ଖତ ପ୍ରସ୍ତୁତ ହେଉଛି। ଅବଶିଷ୍ଟ ୨୬୦ ଟନ ପାରମ୍ପରିକ ଭାବରେ ୱିଣ୍ଡୋ କାମ୍ପୋଷ୍ଟିଙ୍ଗ ସେଣ୍ଟରରେ ପ୍ରକ୍ରିୟାକରଣ ହେଉଥିବାବେଳେ ବର୍ତ୍ତମାନ ଏହି ଓଦା ବର୍ଜ୍ୟବସ୍ତୁରୁ ଗ୍ୟାସ ପ୍ରସ୍ତୁତ ହେବ ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଡିସେମ୍ବର ୨୦୨୪ ଶନିବାର





# କଟକରେ ଫିଲ୍ମ ଷ୍ଟାଇଲ୍‌ରେ ସାଇବର ଠକେଇ:ଶିକାର ହେଲେ ପୂର୍ବତନ ସେନା ଅଧିକାରୀ

**କଟକ, ନ୍ୟୁଜ୍ ବ୍ୟୁରୋ**

ଫିଲ୍ମ ଷ୍ଟାଇଲରେ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀ ପରିଚୟ ଦେଇ ଜଣେ ପୂର୍ବତନ ସେନାଧିକାରୀଙ୍କ ଠାରୁ ସାଇବର ଠକେଇ । ତାହା ପୁଣି ଲକ୍ଷେ କି ୫ ଲକ୍ଷ ନୁହେଁ ବରଂ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ । ନିଜକୁ କେନ୍ଦ୍ରୀୟ ସଂସ୍ଥା 'ଏନ୍‌ସିବି' ଅଧିକାରୀ ବୋଲି ପରିଚୟ ଦେଇ ଡିଜିଟାଲ୍ ଆରେଷ୍ଟ ଧମକରେ ସାଇବର ଠକଙ୍କ ଏକ ଗୋଷ୍ଠୀ ଏହି ଲୁଟ୍ କରିଥିବା ଅଭିଯୋଗକାରୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ପ୍ରାଥମିକ ଭାବେ ମୁମ୍ବାଇରୁ ଏହି କଲ୍ ଆସିଥିବା ପୋଲିସ ଜାଣିବାକୁ ପାଇଛି । ଅଭିଯୋଗକାରୀଙ୍କ ଏତଲା ଅନୁସାରେ ୧୮ ତାରିଖର ଘଟଣା ସମୟ ପ୍ରାୟ ଅପରାହ୍ନ ଗୋଟାଏରେ ମୋ ହ୍ୱାଟ୍ସଆପ୍‌କୁ ଅଜଣା ନମ୍ବରରୁ ଏକ ଭିଡିଓ କଲ୍ ଆସିଥିଲା । ଏକ ଅଫିସ ଭଳି ଦେଖାଯାଉଥିବା ଘରେ କିଛି ବ୍ୟକ୍ତି ବସିଥିଲେ । ଫୋନ୍ କରିଥିବା ବ୍ୟକ୍ତି ଜଣକ ନିଜକୁ 'ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ' (ଏନ୍‌ସିବି) ଅଧିକାରୀ ବୋଲି ପରିଚୟ ଦେଇଥିଲା । କହିଥିଲା ତୁମର ଆଧାରକାର୍ଡ ନମ୍ବରରେ ଏକାଧିକ ଫୋନ୍ ନମ୍ବର ଆକ୍ଟିଭ୍ ରହିବା ସହିତ ତମ ନାମରେ ମନି ଲଣ୍ଡରିଂ ଅଭିଯୋଗ ରହିଛି । ବିଦେଶ ଲିଙ୍କ ସହ ବିଭିନ୍ନ ବ୍ୟାଙ୍କରୁ ଟଙ୍କା ଠକେଇ ଭଳି ବେଆଇନ୍ କାରବାରରେ ତମର ସମ୍ପୃକ୍ତି ରହିଛି । ତୁମ ଫୋନ୍ ନମ୍ବରର ଏକ ଲିଙ୍କ୍ ବିଦେଶର ଏକାଧିକ ନିଶା ବେପାରୀଙ୍କ ସହିତ ମିଳିଛି । ତମକୁ ଡିଜିଟାଲ୍ ଆରେଷ୍ଟ କରାଗଲା ଓ ଆସନ୍ତାକାଲି ସ୍ପେଶାଲ୍ 'ସିବିଆଇ' କୋର୍ଟରେ ତମର ବିଚାର ହେବ । ତମେ ଉପସ୍ଥିତ ରହିବ ବୋଲି କହିଥିଲେ । ଅଭିଯୋଗକାରୀ କହିଛନ୍ତି, ଏହାପରେ ପୁଣି ୧୯ ତାରିଖରେ ହ୍ୱାଟ୍ସଆପରେ ଆଉ ଏକ ଭିଡିଓ କଲ୍ ଆସିଲା । ଅଭିଯୁକ୍ତମାନେ ବସିଥିବା ସ୍ଥାନ ପୁରା କୋର୍ଟ ରୁମ୍ ଭଳି ଦେଖାଯାଉଥିଲା । ବିଚାରପତି ଭଳି ଜଣେ ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ସେନା ଅଧିକାରୀଙ୍କୁ ପଚରାଉଚରା କରିଥିଲେ । କହିଥିଲେ ତମ ବିରୋଧରେ ଆର୍ଥିକ ଠକେଇ ଅଭିଯୋଗ ହୋଇଛି । ତେଣୁ ତୁମେ ଡ଼ିଜିଟାଲ୍ ଆରେଷ୍ଟ ହୋଇଛ ଓ ବେଲ୍ ପ୍ରଦାନ କରାଯିବନାହିଁ । ତୁରନ୍ତ ଯେଉଁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଟ୍ରାନ୍‌ଜାକ୍ସନ୍ ହୋଇଛି ସମସ୍ତ ଟଙ୍କା ପଠାଅ । ମାମଲା ସରିବା ପରେ ତମେ ଟଙ୍କା ଫେରସ୍ତ ପାଇବ । ଏହାପରେ ମୁଁ ପ୍ରଥମେ ୬୭ ଲକ୍ଷ ଏବଂ ପରେ ଏହା ପରଦିନ ଫିକ୍ସଡ୍ ଡିପୋଜିଟ୍ ଥିବା ଟଙ୍କା ଉଠାଇ ୩୭ ଲକ୍ଷ ଟଙ୍କା ପଠେଇ ଦେଇଥିଲି । ଟଙ୍କା କାରବାର କିଛି ଦିନ ପରେ ପୂର୍ବତନ ସେନାଧିକାରୀ ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ । ଏନେଇ ସେ ସାଇବର ଥାନାରେ ଏତଲା ଦେଇଛନ୍ତି । ତେବେ ପୋଲିସ ପ୍ରାଥମିକ ତଦନ୍ତ ପରେ ଏହି ଫୋନ୍ କଲ୍ ମୁମ୍ବାଇରୁ ଆସିଥିବା ଜାଣିବାକୁ ପାଇଛି । ଏହାର ନମ୍ବର ଯାଞ୍ଚ କରିବା ସହ 'ଆଇପି' ଆଡରେସ୍ ମଧ୍ୟ ସାଇବର ପୋଲିସ ଯାଞ୍ଚ କରୁଛି । ହେଲେ ପୋଲିସ ପ୍ରକୃତ ଅପରାଧୀଙ୍କ ପାଖରେ ପହଞ୍ଚିବା ପାଇଁ ଆବଶ୍ୟକ ପଡ଼ିଲେ ରାଜ୍ୟ ବାହାରକୁ ଟିମ୍ ଯିବ ବୋଲି କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ।



# 'ପୁସ୍ତକ ମଣିଷକୁ ଅନ୍ଧକାରରୁ ଆଲୋକକୁ ନେଇଯାଏ'

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ୩ୟ ସନ୍ଧ୍ୟା ଆନୁଷ୍ଠାନିକ ଭାବରେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଯାଜପୁର ଜିଲ୍ଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ପୁସ୍ତକ ମହୋତ୍ସବକୁ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ । ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ । ଉଦ୍‌ଘାଟକ ଭାବେ ଶ୍ରୀ ଦାସ ଯୋଗଦେଇ ପୁସ୍ତକ ମଣିଷକୁ ଅନ୍ଧକାରରୁ ଆଲୋକକୁ ନେଇଯାଏ । ଜୀବନର ସବୁଠାରୁ ବିଶ୍ୱସ୍ତ ଓ ଅନ୍ତରଙ୍ଗ ବନ୍ଧୁ ପୁସ୍ତକ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ସମରେନ୍ଦ୍ର ଦାସ ଯୋଗଦେଇ ପୁସ୍ତକ ମାଧ୍ୟମରେ ଏହି ସମଗ୍ର ବିଶ୍ୱକୁ ଜାଣିବାର ସୁଯୋଗ ମିଳିଥାଏ । ପୁସ୍ତକ ବିନା ମନୁଷ୍ୟର ଜୀବନ ଜଳ ବିନା ମତ୍ସ୍ୟ ପରିସ୍ଥିତି ଭଳି ପ୍ରତୀୟମାନ ହୁଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ବାର୍ କାଉନ୍‌ସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ପୁସ୍ତକ ମେଳାର ବର୍ଣ୍ଣାଢ଼୍ୟ ପରିବେଶର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ପୃଥିବୀରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ସଚେତନ ବ୍ୟକ୍ତି ପୁସ୍ତକର ବର୍ଣ୍ଣମାଳା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯଥା ପ୍ରାବନ୍ଧିକ ବୈଜ୍ଞାନିକ କବି, ସାରସ୍ୱତ ସାଧକ ମାନଙ୍କର ପୁସ୍ତକ ପଢ଼ି ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ସହିତ ନିଜର ଅସ୍ତିତ୍ୱ ପରିପ୍ରକାଶ କରିବାର ସୁଯୋଗ ଲାଭ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାବିତ ରବି ଶତପଥୀ, କବୟିତ୍ରୀ ନିର୍ମଳା ବାଳା ମିଶ୍ର, ଶିକ୍ଷାବିତ ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ପୁସ୍ତକ ମାଧ୍ୟମରେ ଯେଉଁ ଜ୍ଞାନ ଆହରଣ କରାଯାଏ ତାର କେବେ ହେଲେ ମୃତ୍ୟୁ ହୁଏନାହିଁ । ପୁସ୍ତକର ଆବଶ୍ୟକତା ଡିଜିଟାଲଇଜେସନ୍ ପରେ ମଧ୍ୟ ହ୍ରାସ ପାଇ ନାହିଁ ବୋଲି ପ୍ରକାଶ କରିଥିଲେ । ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ପ୍ରତ୍ୟେକ ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବାରୁ ପୁସ୍ତକ ମହୋତ୍ସବ କମିଟି ତରଫରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା । ଶେଷରେ ସୁବାସ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ପ୍ରତାପଙ୍କ ଗୋଟି ଚାଳନା ସଫଳ ହେଲା:କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଲା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ମାହାଙ୍ଗା ପ୍ରାକ୍ତନ ବିଧାୟକ ତଥା ବରିଷ୍ଠ ବିଜେଡ଼ି ନେତା ପ୍ରତାପ ଜେନାଙ୍କ ରାଜନୈତିକ ଗୋଟି ଚାଳନା ସଫଳ ହୋଇଛି । କୋରମ ଅଭାବରୁ ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ କାଟ୍ ଖାଇଛି । ସରପଞ୍ଚ ପୁନର୍ବାର ତାଙ୍କର ପଦ ମର୍ଯ୍ୟାଦା ଫେରି ପାଇଛନ୍ତି । ଏହି ଘଟଣାଟି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା ବେଳେ ବିରୋଧିଙ୍କୁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତର ଯୁବ ସରପଞ୍ଚ ଜୟଦେବ ରାଉତ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଏକାନ୍ତ ଅନୁଗତ ହୋଇଥିଲା ବେଳେ ସେ ବିଜେଡ଼ିର ଜଣେ ଆଗ ଧାଡିର ତାଗ୍ଡ଼ା ଯୁବନେତା ରୂପେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଅଛନ୍ତି । ତାଙ୍କ ନେତୃତ୍ୱରେ ଏହି ପଞ୍ଚାୟତରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ମାତ୍ର ତାଙ୍କର କ୍ରମ ବର୍ଦ୍ଧିଷ୍ଣୁ ଲୋକପ୍ରିୟତାରେ ଇର୍ଷା ପରାୟଣ ହୋଇ କେତେକ ଖଳ ପ୍ରକୃତିର ରାଜନୈତିକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ନିମନ୍ତେ ପ୍ରୟାସ ଆରମ୍ଭ କରିଦେଇଥିଲେ । ସରପଞ୍ଚ ଶ୍ରୀ ରାଉତ କାଳେ ମନ ମୁଖି ଭାବେ ଉନ୍ନୟନ ମୂଳକ କାର୍ଯ୍ୟ କରୁଛନ୍ତି ଏବଂ ୱାର୍ଡ ସଭ୍ୟ ସଭ୍ୟାମାନଙ୍କୁ ଉପେକ୍ଷା କରୁଥିବା ୱାର୍ଡ ସଭ୍ୟା କମଳା ବସ୍ତିଆ, ଲକ୍ଷ୍ମୀପ୍ରିୟା ରାଉତ, ଗୀତାଞ୍ଜଳୀ ବେହେରା, ଭକ୍ତବନ୍ଧୁ ପଣ୍ଡା, ନମିତା କର, ଭାଗବତ ଦାସ ପ୍ରମୁଖ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଲାଗି କଟକ ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ । କଟକ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କରରାୟ ଏହି ଆବେଦନର ବିଚାର କରି ଡିସେମ୍ବର ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ନଟକାଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରିବା ସହ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍ ଗ୍ରହଣ ନିମନ୍ତେ ମାହାଙ୍ଗା ତହସିଲଦାର ସୁଶାନ୍ତ କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିରୋଧି ଶିବିରରେ ଥିବା ଏହି ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୫ ଜଣ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲା ବେଳେ ସରପଞ୍ଚ ଓ ତାଙ୍କର ସମର୍ଥିତ ୬ ଜଣ ୱାର୍ଡ ସଭ୍ୟା ଅନୁପସ୍ଥିତ ଥିଲେ । ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଲା ବୋଲି ନିର୍ବାଚନ ଦାୟିତ୍ୱରେ ଥିବା ମାହାଙ୍ଗା ତହସିଲଦାର ଶ୍ରୀ ମିଶ୍ର ଘୋଷଣା କରିଥିଲେ । ତେବେ ଏହି ଘୋଷଣା ସରିବା ମାତ୍ରେ ସରପଞ୍ଚ ଶ୍ରୀ ରାଉତଙ୍କ ନେତୃତ୍ୱରେ ତାଙ୍କର ସମର୍ଥକ ମାନେ ବିଭିନ୍ନ ନାରାବାଜି ଦେବା ସହ ବାଣ ଫୁଟାଇ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ତେବେ ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନାଙ୍କ ସଫଳ ଗୋଟି ଚାଳାନା ହେତୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ ମାହାଙ୍ଗାର ନବ ନିର୍ବାଚିତ ରାଜନେତାଙ୍କ ନିମନ୍ତେ ଏହା ଏକ ଶକ୍ତ ଧକ୍କା ହୋଇଛି । ତେବେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ତେବେ ଏହି ଘଟଣାଟି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା ବେଳେ ବିଜେଡ଼ି ପାଇଁ ଏହା ସାଲାଇନ୍ ସଦୃଶ ହୋଇଛି ।

# ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତିକ୍ଷିତ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରି ମହୋତ୍ସବ ଭାଇଚାରା ଓ ଏକତା ରକ୍ଷା କରିବା ସଙ୍ଗେ ସଙ୍ଗେ କଳା ସଂସ୍କୃତିକୁ ଉଜ୍ଜୀବିତ କରିଥାଏ । ମହୋତ୍ସବ କମିଟିର ସଭାପତି ରବୀନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲା ବେଳେ କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ପାଠ କରିଥିଲେ । ସମ୍ମାନୀତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ, ଯାଜପୁର ସାଂସଦ ଡ଼କ୍ଟର ରବିନାରାୟଣ ବେହେରା, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବରୀ ବିଜେପି ନେତା ଉମେଶ କୁମାର ଜେନା ଯୋଗ ଦେଇ ଚଳିତବର୍ଷ ମହୋତ୍ସବ ସରସ ସୁନ୍ଦର ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ । ଧର୍ମଶାଳା ବାସୀଙ୍କର ଏହି ମହୋତ୍ସବ କଳା ସଂସ୍କୃତିକୁ ବଞ୍ଚାଇ ରଖିବ ଓ ଶିଖରରେ ପହଞ୍ଚିବ । ଶେଷରେ କମିଟିର ସଂଯୋଜକ ଦେବରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଠକାମୀର ଶିକାର ଖାଉଟିମାନଙ୍କ ଅଧିକାର ନେଇ ପ୍ରଶାସନକୁ ପ୍ରଶ୍ନକଲା ଜନଯାଗରଣ ମଞ୍ଚ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**



ଉପଖଣ୍ଡସ୍ତରୀୟ ଖାଉଟି ଦିବସ ପୂର୍ବାହ୍ନ ସମୟରେ ବିଶ୍ୱନାଥ ବିଦ୍ୟାପୀଠ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଆଠଗଡର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶ୍ୱନାଥ ବିଦ୍ୟାପୀଠରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ତତ୍‌ପରେ ଆଠଗଡ ବିଶ୍ୱନାଥ ବିଦ୍ୟାପୀଠ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ବୈଠକର ପ୍ରାରମ୍ଭରେ ବୈଠକରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଆଠଗଡ ଖାଉଟି ସଂଘର ସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ପ୍ରାଣକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଡେପୁଟୀ କଲେକ୍ଟର ମଧୁସ୍ମିତା ବିଶି, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଏବଂ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅରକ୍ଷୀ ଅଧୀକ୍ଷକ ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି ଯୋଗଦେଇଥିଲେ । ଗ୍ରାହକମାନେ ସଚେତନ ହେଲେ ସୁରକ୍ଷିତ ରହିବେ । ଖାଉଟିମାନେ ଠକାମିର ଶିକାର ନେହେବା ନିମନ୍ତେ ବିଭିନ୍ନ ଆଇନ୍ ରହିଛି ବୋଲି ଅତିଥିମାନେ ସଭାରେ ବକ୍ତବ୍ୟ ରଖିଥିଲେ । ହେଲେ କେବଳ ଏହି ଡିସେମ୍ବର ୨୪ରେ ହିଁ ଖାଉଟି ଦିବସ ପାଳନ କରିଦେଇ ଚୁପ୍ ରହିଯାଏ ପ୍ରଶାସନ । ଆଠଗଡରେ ମାପ ଓଜନ ବ୍ୟବସ୍ଥା ଗୁଡିକ ଯାଞ୍ଚ ନହେବାରୁ ଏଠାକାର ବ୍ୟବସାୟୀ ମାଲାମାଲ୍ ହେଉଥିବା ବେଳେ ଶୋଷିତ ହେଉଛନ୍ତି ଗ୍ରାହକ । ଏହାକୁ ନେଇ ଗତ ବାହୁଡା ଦଶମୀରେ ଆଠଗଡ଼କୁ ଆସିଥିବା ଯୋଗାଣ ମନ୍ତ୍ରୀଙ୍କୁ ସାମ୍ବାଦିକ ମାନଙ୍କ ପକ୍ଷରୁ କରାଯାଇଥିବା ପ୍ରଶ୍ନରେ ମନ୍ତ୍ରୀ ଗ୍ରାହକମାନେ ଠକାମୀରେ ପଡୁଥିବା କଥା ସ୍ୱୀକାର କରିଥିବା ସହିତ ତୁରନ୍ତ ବିଭାଗ ପକ୍ଷରୁ ମୁନାଫାକାର ବ୍ୟବସାୟୀ ମାନଙ୍କ ଉପରେ ଚଢ଼ଉ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ମନ୍ତ୍ରୀଙ୍କ ପ୍ରତିଶୃତିକୁ ପ୍ରଶାସନ ଫୁ କରିଦେଇଛି । ଯାହାକି ସେଭଳି କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ବିଭଗ ପକ୍ଷରୁ ଗ୍ରହଣ କରାଯାଇନାହିଁ । ଯାହାକି ଖାଉଟିମାନେ ପକୃତ ମୂଲ୍ୟର ସାମଗ୍ରୀ ପାଇବାରେ ବଞ୍ଚିତ ହେଉଛନ୍ତି । ଯଥା ପ୍ରତ୍ୟେକ ଦିନ ଠକାମୀର ଶିକାର ହେଉଛନ୍ତି । ଖାଉଟି ମାନଙ୍କ ଅଧିକାର ପ୍ରସଙ୍ଗକୁ ନେଇ ପ୍ରଶାସନକୁ ପ୍ରଶ୍ନ କରିଛି । ଆଠଗଡ ଜନଯାଗରଣ ମଞ୍ଚ ଏହି ଅବସରରେ ଗୋପାବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନ ଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ପୂର୍ବରୁ ଆୟୋଜିତ ହୋଇଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା । ଏହି ଦିବସ ପାଳନ ଉପଲକ୍ଷେ ଏକ କୁଇଜ୍ ପ୍ରତିଯୋଗୀତା ମଧ୍ୟ ଆୟୋଜନ କରଯାଇଥିଲା । ଉକ୍ତ ବୈଠକରେ ଏବଂ ଆଠଗଡ ଖାଉଟି ସଂଘର ସଂପାଦକ ଅଶୋକ କୁମାର ପଟ୍ଟନାୟକ ସମସ୍ତ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଆଠଗଡ ଖାଉଟି ସଂଘର ଉପସଭାପତି ବିଷ୍ଣୁ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଆଠଗଡ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ ସ୍ୱାଗତ ଭାଷଣ ପ୍ରଦାନ ଏବଂ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମଗ୍ର ବିଶ୍ୱ ଶାନ୍ତି ଋହେଁ ଯୁଦ୍ଧ ନୁହେଁ-ବିଶ୍ୱଭୂଷଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଅଟଳ ବିହାରୀ ବାଜପେୟୀଙ୍କୁ ମନେପକାଉଛି ଓଡ଼ିଶା । ସେ ଏକାଧାରାରେ ଜଣେ ସାହିତ୍ୟିକ, ଗାଳ୍ପିକ, ସାମ୍ବାଦିକ, କବି, ଶିକ୍ଷକ, ସମାଜ ସଂସ୍କାରକ ଓ ରାଜନେତା ଭାବେ ବେଶ୍ ଜଣାଶୁଣା । ୧୯୨୪ ମସିହା ଡିସେମ୍ବର ୨୫ ତାରିଖରେ ଉତ୍ତର ପ୍ରଦେଶର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା ବାଜପେୟୀ ନିଜର ପ୍ରଧାନମନ୍ତ୍ରୀଙ୍କ ସମୟରେ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରେ ବ୍ୟାପକ ଅଭିବୃଦ୍ଧି ହୋଇଥିଲା । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହାର କମିଥିଲା । ସ୍କୁଲ୍ ଚଲେ ହମ୍ ନାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ବେଶ୍ ସହାୟକ ହୋଇଥିଲା । ରାଜୀତିରୁ ଉର୍ଦ୍ଧ୍ୱରେ ରହି ସେ ସେବା ବଳରେ ଗରିବ ନିଷ୍ପେସିତ, ଦୁସ୍ଥଙ୍କ ସମସ୍ୟାର ସମାଧାନ ସୂତ୍ରରେ ଯୋଡ଼ି ହେଉଥିଲେ । ଓଡ଼ିଶାକୁ ଏ.ଏସ୍.ଏସ୍ ମେଡ଼ିକାଲ୍ ତାଙ୍କର ବଡ଼ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସକାଳ ସମୟରେ ଏମ୍ସ ପରିସରରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । 'ସେବା, ସହଯୋଗ ଓ ସଚେତନ ଟ୍ରଷ୍ଟ' ପକ୍ଷରୁ ବୁଧବାର ଭୁବନେଶ୍ୱରର ସ୍ଥିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ୍ ଆସୋସିଏସନ୍ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଦିବସ ଓ ସୁଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ । ସେବା, ସହଯୋଗ ଓ ସଚେତନ ଟ୍ରଷ୍ଟର ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟପାଳ ତଥା ନରେନ୍ଦ୍ର ମୋଦି ଷ୍ଟଡ଼ି ସେଣ୍ଟର ପରିଷଦର ଉପଦେଷ୍ଟା ବିଶ୍ୱଭୂଷଣ ହରିଚନ୍ଦନ, ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟଧୀଶ ଏବଂ ଓଡ଼ିଶା ସ୍ଥାବର ସମ୍ପତ୍ତି ପୁନର୍ବିଚାର ନ୍ୟାୟାଧିକରଣ ଅଧ୍ୟକ୍ଷ ପ୍ରଥମ ପଟ୍ଟନାୟକ ଏବଂ ବରିଷ୍ଠ ବିଜେପି କାର୍ଯ୍ୟକାରୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବିଶ୍ୱଭୂଷଣ କହିଥିଲେ ଯେ ଅଟଳ ବିହାରୀ ବାଜପେୟୀ ଜଣେ ବିକାଶ ପୁରୁଷ । ପୋଖରାନରେ ପରମାଣୁ ବିସ୍ଫୋରଣ କରି ଭାରତ ଏକ ପରମାଣିକ ଶକ୍ତି ବୋଲି ପ୍ରତିଷ୍ଠିତ କରିଥିଲେ । ସମଗ୍ର ବିଶ୍ୱକୁ ବନ୍ଧୁତ୍ୱ ରଜ୍ଜୁରେ ବାନ୍ଧି ରଖିଥିଲେ । ଦେଶର ବିକାଶ କ୍ଷେତ୍ରରେ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଅନ୍ନପୂର୍ଣ୍ଣ ଯୋଜନା ସହ ଦେଶରେ ବିକାଶର ଧାରା ସୃଷ୍ଟି କରିଥିଲେ । ତାଙ୍କ କଥାରେ ଯାଦୁକାରୀ ସ୍ପର୍ଶ ଥିଲା । ତାଙ୍କର ବିକାଶଧାରାକୁ ପ୍ରଧାନମନ୍ତ୍ରୀ ଅନୁକରଣ କରୁଛନ୍ତି । ସମଗ୍ର ବିଶ୍ୱ ଶାନ୍ତି ଋହେଁ, ଯୁଦ୍ଧ ନୁହେଁ ବୋଲି ବିଶ୍ୱଭୂଷଣ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ସେହିପରି ବାଜପେୟୀଙ୍କ ମହାନ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ ବିଜେପିର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଜଗନ୍ନାଥ ପ୍ରଧାନ । ନିଜର ୫ ବର୍ଷ ପ୍ରଧାନମନ୍ତ୍ରୀତ୍ୱ କାଳରେ ସାରା ବିଶ୍ୱରେ ନିଜର ରାଜନୈତିକ ପାରଦର୍ଶିତା ପରିଦର୍ଶନ କରିଥିଲେ । ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଋରପତି ପ୍ରଥମ ପଟ୍ଟନାୟକ । ଏହି ଅବସରରେ ସୂଚନା ଟିଭିର ମୁଖ୍ୟ ସମ୍ପାଦକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଦାସ, ଅନନ୍ୟା ହସ୍ପିଟାଲ୍, ଶକ୍ତି ସାମଲ୍ ଓ ଯୁବ ଶିଳ୍ପୀ ଉଦ୍ୟୋଗୀ ଜଗଦୀଶ ସାମଲ, ସାମାଜିକ ସଂଗଠନ ହେଲ୍ପ ଓଡ଼ିଶା, ଜନମଙ୍ଗଳ ପରିଷଦ, ସମାଜସେବୀ ଅଜିତ ପଟ୍ଟନାୟକ, ଶିକ୍ଷାବିତ୍ ଅଶୋକ ଧଳ, ପ୍ରମୋଦ ପରିଡ଼ା, ପଙ୍କଜ ଦ୍ୱିବେଦୀ, ସିଦ୍ଧେଶ୍ୱର ନାୟକ, ଧୀରେନ ରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସହ ଦରିଦ୍ର ନାରାୟଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ବାଳକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



# ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ୨୫୫ ଚିତ୍ରକଳା ପ୍ରଦର୍ଶିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

୧୦ମ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନି କ୍ରିୟେଟିଭ ସ୍କୁଲ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍, ଦେଉଳସାହି, ବାରିପଦା ଆନୁକୂଲ୍ୟରେ ବାରିପଦା ମ୍ୟୁନିସିପାଲଟିର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା ଶୁଭଉଦ୍‌ଘାଟନ ୨୬ ତାରିଖ ସକାଳରେ ହୋଇଯାଇଛି । ଏହି ଶୁଭ ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ରବୀନ କୁମାର ମହାପାତ୍ର, ସମ୍ପାଦକ ଭିଭୁଦତ୍ତ ଦାସ, ଉପସଭାପତି ସୌର ବିହାରୀ ଦାସ, ମୁଖ୍ୟ ଉପଦେଷ୍ଟା ଋରୁ ଚନ୍ଦ୍ର ଦାସ, କର୍ମକର୍ତ୍ତା ରାକେଶ କୁମାର ବେହେରା, ସମୟ କୁମାର ଦାସ, ସଦାଶିବ ଦାସ, ଶପଥ ଦାସ, ସୁବିନୟ ଦାସ, ରୁନୁ ରାଣୀ ବେହେରା, ସମୀର ମହାନ୍ତ, ସ୍ୱୟମ, କଳ୍ପନା ଓ ଆଶାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସମସ୍ତ ପ୍ରାନ୍ତରୁ କଳାକାରଙ୍କ କଳାକୃତି ଗୁଡିକ ଉଚ୍ଚକୋଟୀର ହୋଇଥିବାର ନଗରପାଳ ମନ୍ତବ୍ୟ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବଛାବଛା କଳାକାର ମାନଙ୍କର ୭୦ଟି ଚିତ୍ରକଳା ସ୍ଥାନ ପାଇଥିବା ବେଳେ ସ୍କୁଲର ମ୍ୟାନେଜମେଣ୍ଟ ସଦସ୍ୟ ତଥା ଷ୍ଟାଫ୍ ମାନଙ୍କର ୨୫ଟି ଚିତ୍ରକାଳ ସ୍ଥାନ ପାଇଥିବା ସହିତ ଛୋଟ ଛୋଟ ପିଲାମାନଙ୍କର ୧୬୦ଟି ସର୍ବମୋଟ ୨୫୫ଟି ଚିତ୍ର ସ୍ଥାନ ପାଇଛି । ଏହି ଚିତ୍ରକଳା ପ୍ରଦର୍ଶନ ୪ଦିନ ଧରି ଅନୁଷ୍ଠିତ ହେବ । ଆସନ୍ତା ୩୦ ତାରିଖ ସୋମବାର ଦିନ ଉଦ୍‌ଯାପନୀ ସନ୍ଧ୍ୟା ୫ଟା ସମୟରେ ସହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର କିଶୋର କୁମାର ବସା, ସମ୍ମାନିତ ଅତିଥି ଇଞ୍ଜିନିୟର ଅଶୋକ କୁମାର ବସାଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି । ଆପଙ୍କ ମାନଙ୍କ ଅବଗତି ନିମନ୍ତେ ଜଣାଉଛୁ ରାଜ୍ୟସ୍ତରୀୟ ଚିତ୍ର କଳା ପ୍ରଦର୍ଶନ କ୍ରମାଗତ ଭାବେ ୧୦ ବର୍ଷ ଆୟୋଜନ କରିବା ଓଡ଼ିଶାରେ କୌଣସି ଅନୁଷ୍ଠାନ ପାଇଁ ବିରଳ ଯାହାକି ଏହି କ୍ରିୟେଟିଭ୍ ସ୍କୁଲ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ସ୍କୁଲ୍ କରିପାରିଛି । ଏହିଭଳି ଭାବେ ଆପଣମାନଙ୍କ ସାହାର୍ଯ୍ୟ, ସହଯୋଗ ଓ ଭଲ ପାଇବା ରହିଲେ ଆମ୍ଭେ ମୟୂରଭଞ୍ଜ ମାଟିର କଳାକୁ ଆଗକୁ ନେବାରେ ସାମର୍ଥ୍ୟ ହୋଇପାରିବୁ । ଶେଷରେ ମୁଖ୍ୟ ଉପଦେଷ୍ଟା ଋରୁ ଚନ୍ଦ୍ର ଦାସ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ସମସ୍ତେ ସ୍ୱପରିବାର ସହିତ ଆସି ରାଜ୍ୟ ସ୍ତରୀୟ ଚିତ୍ର କଳା ପଦର୍ଶନୀକୁ ଉପଭୋଗ କରନ୍ତୁ ।

# କୃଷି ଅଧିକାରୀର ପରିଚୟ ଦେଇ ୩ ଜଣଙ୍କୁ ଠକିଲେ ଯୁବକ:ବଳି ପଡ଼ିଲେ ନିରୀହ ପରିବା ବ୍ୟବସାୟୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ନିଜକୁ କୃଷି ବିଭାଗର ଅଧିକାରୀ କହି ଧାମନଗର ଥାନା ଅଞ୍ଚଳ ଦିହୁଡ଼ି ଆନନ୍ଦପୁର ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଲୁଟିନେଲେ ଦୁର୍ବୃତ୍ତ । ତାଙ୍କ ଅଞ୍ଚଳରେ ସରକାରୀ କୃଷି ଯନ୍ତ୍ରପାତି ବିତରଣ ଦୋକାନ ଖୋଲିବା ନାଁରେ ଚଞ୍ଚକତା କରି ଅବସରପ୍ରାପ୍ତ ଶିକ୍ଷକ ଅଜୟ ଦାସଙ୍କ ଠାରୁ ୭୧ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ଧାମନଗର ଥାନା ପୋଲିସ କେଶ ନଂ/୫୫୩ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮ (୪) ଓ ୩୧୯ (୨)ରେ ଦଫା ଲଗାଯାଇଛି । ନିଜକୁ ସରକାରୀ ଅଧିକାରୀ କହି ଠକେଇ କରିଥିବା ଦଫାରେ ପୋଲିସ ତଦନ୍ତ କରୁଛି । ପ୍ରାଥମିକ ଭାବେ ଦୋବଲ୍ ଷ୍ଟେଟ୍ ବ୍ୟାଙ୍କର ସୂଚନା ଆଧାରରେ ମୁସ୍ତଫାପୁର ଅଞ୍ଚଳର ସେକ୍ ଶାହାଜାନ୍ ଅଲ୍ଲିକାଦ୍ରିକୁ ଥାନାରେ ଆଣି ଅଟକ ରଖିଥିଲା । ତେବେ ଶାହାଜାନ ଅଲ୍ଲିର କହିବା କଥା ଯେ, ୨୦ ତାରିଖ ଦିନ ଜଣେ ଯୁବକ ଆସି ମୋତେ ଅନୁରୋଧ କଲେ କହିଲେ, ମୋର ଆକାଉଣ୍ଟରେ ପ୍ରୋବ୍ଲମ୍ ରହିଛି । ଟଙ୍କା ଉଠି ପାରୁନି ଏଣୁ ତୁମେ ଟିକେ ଏହି ଚେକ୍ ନେଇ ତୁମ ନାଁରେ ଉଠାଇ ମୋତେ ଦେଇଦିଅ । ତାକୁ ବିଶ୍ୱାସ କରି ମୁଁ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇ ତାଙ୍କୁ ଦେଇ ଦେଇଥିଲି ହେଲେ ସେ ଲୋକଙ୍କୁ ମୁଁ ଜାଣିନାହିଁ । ଡିସେମ୍ବର ୨୦ ତାରିଖ ସକାଳ ୧୧ଟା ସମୟରେ କେହି ଜଣେ ବ୍ୟକ୍ତି ଅଜୟ ଦାସଙ୍କ ଘରେ ପହଞ୍ଚିଥିଲେ । ସେତେବେଳେ ସେ ପଣସମାହାରା ଠାରେ ଥିବା ଉତ୍ତରବାହିନୀ ମଠରେ ପ୍ରଭୁ ଜଗନ୍ନାଥଙ୍କ ସେବା କରୁଥିଲେ । ଘରୁ ସୂଚନା ପାଇ ମଠରେ ପହଞ୍ଚିଥିଲେ । ନିଜକୁ ଭଦ୍ରକ ଜିଲ୍ଲା କୃଷି ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ତାଙ୍କ ସହ ମଠ ବାଡ଼ି ବୁଲି ଦେଖିଥିଲେ । ଏହାପରେ ଅଜୟଙ୍କ ବଡ଼ ଭାଇ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ତାଙ୍କୁ ଏଠାକୁ ପଠାଇଥିବା କହିଥିଲେ । କଥାବାର୍ତ୍ତା ଭିତରେ ସେ କହିଥିଲେ କି, ଆପଣ ଜଣେ ଉତ୍ତମ ଋଷୀ ବୋଲି କୃଷି ବିଭାଗ ପାଖରେ ରେକର୍ଡ ରହିଛି । ଏଣୁ ଆପଣଙ୍କ ମାର୍ଫତ୍‌ରେ ଏହି ପାଖ ଛକରେ ସରକାର ଗୋଟିଏ କୃଷି ଯନ୍ତ୍ରପାତି ବିତରଣ କେନ୍ଦ୍ର ଖୋଲିବାକୁ ଋହୁଁଛନ୍ତି । ଏ ବାବଦରେ ଆପଣଙ୍କୁ ସବ୍‌ସିଡି ଟଙ୍କା ମିଳିବ ଓ ଆନୁସଙ୍ଗିକ ସୁବିଧା ମିଳିବ । ଏଥିପାଇଁ ଲାଗିବାକୁ ଥିବା ଗୋଟିଏ ସରକାରୀ ସୂଚନା ଫଳକ ବାବଦରେ ହଜାରେ ଟଙ୍କାର ଚେକ୍ ପ୍ରଦାନ କରିବାକୁ ହେବ । ହେଲେ ସେହି ହଜାରେ ଟଙ୍କା ଆପଣଙ୍କୁ କ୍ୟାସ୍ ଆକାରରେ ମୁଁ ଦେଇଦେବି କହିଥିଲା । ସଂପୃକ୍ତ ଠକ ଏତିକି କଥାରେ ଅଜୟ ତାଙ୍କୁ ବିଶ୍ୱାସକୁ ନେଇଥିଲେ ଆଉ ଘରକୁ ଆସି ଏକ ଚେକ୍ ଦେଇଥିଲେ । ଏତିକି ବେଳେ ସଂପୃକ୍ତ ଠକ ଚେକ୍ ପୂରଣ କରିଥିଲେ ଆଉ ଅଜୟଙ୍କୁ ଦେଇଥିଲେ । ଦସ୍ତଖତ କରିବା ଲାଗି ହେଲେ ଅଜୟ ସେ ଚେକ୍‌ଟିକୁ ଆଉ ନଜର ଦେଇନଥିଲେ । ସଂଖ୍ୟାରେ ଓ ଅକ୍ଷରରେ ଲେଖା ହୋଇଥିବା ସ୍ଥାନରେ ବାଁ ପଟକୁ ଯେ ଜାଗା ଛଡ଼ାଯାଇଛି, ତାକୁ ଧ୍ୟାନ ଦେଇନଥିଲେ । ଅଜୟ ଏହାପରେ ସଂପୃକ୍ତ ଠକ ପଳାଇଥିଲା । ଦୋବଲ୍ ଷ୍ଟେଟ୍ ବ୍ୟାଙ୍କରୁ ଦିନ ୧ଟା ୪ ସମୟରେ ୭୧ ହଜାର ଟଙ୍କା ଉଠାଯାଇଥିବା ନେଇ ତାଙ୍କ ମୋବାଇଲ୍‌କୁ ମେସେଜ୍ ଆସିଥିଲା । ଦି ଦିନ ପରେ ସେ କୌଣସି କାରଣରୁ ଆକାଉଣ୍ଟ ଚେକ୍ କରିବାରୁ ଜାଣିବାକୁ ପାଇଥିଲେ । ଯେ, ତାଙ୍କ ଆକାଉଣ୍ଟରୁ ୭୧ ହଜାର ଟଙ୍କା ଉଠାଯାଇଛି । ଏନେଇ ସେ ଧାମନଗର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏନେଇ ଦୋବଲ୍ ଷ୍ଟେଟ୍ ବ୍ୟାଙ୍କରେ ପହଞ୍ଚି ତଦନ୍ତ କରିଥିଲା । କେବଳ ଅଜୟ ଦାସ ନୁହଁନ୍ତି ଏକ ସପ୍ତାହ ତଳେ ୨ ଜଣ ଶିକ୍ଷକଙ୍କୁ ମଧ୍ୟ ସମାନ ଢଙ୍ଗରେ ଠକାଇଛି । ସଂପୃକ୍ତ ଯୁବକ ମୁସ୍ତଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆ ଅଞ୍ଚଳର ଚନ୍ଦ୍ରଶେଖର ରାଉତ ଓ ଚୁଡ଼ାକୁଟି ଅଞ୍ଚଳର ଆଉ ଜଣେ ଶିକ୍ଷକ ମଧ୍ୟ ୮୧ ଓ ୭୧ ହଜାର ଟଙ୍କା ଲେଖାଏଁ ଠକାମିର ଶିକାର ହୋଇଛନ୍ତି ।

# କେନ୍ଦୁଝରର ନୃତ୍ୟ ଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଲେ ସାଂସଦ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସାଂସଦ ଅନନ୍ତ ନାୟକ ରାଜଧାନୀ ଭୁବନେଶ୍ୱର ଠାରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେଉଥିବା କେନ୍ଦୁଝରର ନୃତ୍ୟଶିଳ୍ପୀ ମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ନାୟକ ବୁଧବାର ଦିନ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା କେନ୍ଦୁଝର (ଇନ୍ଦ୍ରଧନୁ ଅନୁଷ୍ଠାନ)ର ଓଡ଼ିଶୀ ନୃତ୍ୟଶିଳ୍ପୀ ମାନଙ୍କୁ ରାଜ୍ୟ ଅତିଥି ଗୃହ ଠାରେ ଭେଟିଥିଲେ ଓ ସେମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରୋତ୍ସାହିତ କରିବା ସହ ବିଜୟୀ ହୋଇ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିବାକୁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ତାଙ୍କ ସହ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରରେ ତିନି ଦିନିଆ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ –୨୦୨୪ ହୋଇଥିଲା । ଏହି ଯୁବ ମହୋତ୍ସବ ଡିସେମ୍ବର ୨୪ରେ ଆରମ୍ଭ ହୋଇ ଡିସେମ୍ବର ୨୬ରେ ଶେଷ ହୋଇଛି ।



# ନାବାଳକର ଶବ ରଖି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ଇଞ୍ଜେକ୍‌ସନ୍ ଯୋଗୁଁ ନାବାଳକର ମୃତ୍ୟୁ ହୋଇଥିବା ଅଭିଯୋଗ କରି ତାର ବାପା ଓ ପରିବାର ଲୋକେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ଧାରଣା ଦେଇଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଧିନ ଶୈଳେନ୍ଦ୍ର ନଗର ଥାନା ଅଧିନ ରାଜୁ ଜାନାଙ୍କ ୯ ବର୍ଷର ନାବାଳକ ପୁତ୍ର ସୂର୍ଯ୍ୟକାନ୍ତ ଜାନାକୁ ଜ୍ୱର ହୋଇଥିବାରୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ କେନ୍ଦ୍ରାପଡା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ପାଖରେ ଚିକିତ୍ସା କରାଉଥିଲେ । ତେବେ ନାବାଳକର ଅବସ୍ଥା ସାଂଘାତିକ ହୋଇଥିବା ବେଳେ ତାକୁ ଏକ ଇଞ୍ଜେକ୍‌ସନ୍ ଦେବାକୁ ଡାକ୍ତର ନର୍ସକୁ କହିଥିଲେ । ସଂପୃକ୍ତ ଇଞ୍ଜେକ୍‌ସନ୍‌ଟି ଏକ ମେଡିସିନ୍ ଦୋକାନରୁ କିଣାଯାଇଥିଲା । ତେବେ ଇଞ୍ଜେକ୍‌ସନ୍ ନେବାପରେ ସୂର୍ଯ୍ୟକାନ୍ତର ପାଟିରୁ ଫେଣ ବାହାରିବା ସହ ସେ ଛାଟିପିଟି ହେବାରୁ ତାଙ୍କୁ କେନ୍ଦ୍ରାପଡା ମେଡିକାଲ୍‌କୁ ନିଆଯାଇ ଅକ୍ସିଜେନ୍ ଦିଆଯିବା ସତ୍ୱେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ରାଜୁ କେନ୍ଦ୍ରାପଡା ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା କେସ୍ ନଂ ୨୫୫/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଅପରପକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ରେଡ଼କ୍ରସ୍ ଫଣ୍ଡରୁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରିବା ପରେ ଶବ ଧରି ପରିବାର ଲୋକେ ଧାରଣାରୁ ଉଠିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ / ୬ବୃ | ୫ | ରା୪ / ୩ଶ୍ମ |
| ୮ମ୍ଭ | ୧୭ / ୭ | ୨ଶୁ |
| ୯ / ୧୦କେ | ୧୧ | ରଲ / ଚନ୍ଦ୍ର୧୨ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୧୨।୨୦୨୪, ପୌଷ ଦି୧୩ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୨୦।୧୫ ଚନ୍ଦ୍ରୋଦୟ- ନିଘ ୪।୪୭।୧୨**

**ତ୍ରୟୋଦଶୀ-** ରାଘ ୩।୩୩ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୧୦।୧୨ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୩।୩୩ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୦ ଗତେ ଘ ୯।୦୬ ମଧ୍ୟେ । ଦିଘ ୨।୩୦ ଗତେ ଘ ୩।୦୩ ମଧ୍ୟେ ।

**ମେଷ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ସମସ୍ତ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଘରେ ଶାନ୍ତି ଲାଭ ।

**ବୃଷ:** ଉପର ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି । ବନ୍ଧୁ ଦର୍ଶନର ସୁଯୋଗ ରହିବ । ଅର୍ଥ ପ୍ରାପ୍ତି ହେବ । ଅପେକ୍ଷା କରିଥିବା ଖବରଟି ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।

**ମିଥୁନ:** ଶତ୍ରୁ ହାନି ଘଟିବ । କୌଣସି କାର୍ଯ୍ୟ ତରବରିଆ ଭାବରେ କଲେ କ୍ଷତିରେ ପଡ଼ିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ବନ୍ଧୁ ଦର୍ଶନ ।

**କର୍କଟ:** ଭ୍ରମଣ କରିପାରନ୍ତି । ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ବହୁ ସମୟ ଅନ୍ୟମନସ୍କ ରହିବେ ।

**ସିଂହ:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସାବଧାନତା ବଶତଃ ଦ୍ରବ୍ୟ ହାନୀ ଘଟିପାରେ । ରେଜଗାର ସ୍ଥିର ରହିବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ ।

**କନ୍ୟା:** ଚାକିରୀ କ୍ଷେତ୍ରରେ ଉଚ୍ଚ ପ୍ରଶଂସା ଲାଭ ହେବ । ଅସାଧ୍ୟ ସାଧନ କରିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ରୋଜଗାର ପରିମାଣ ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମନ ଭଲ ରହିବ ।

**ତୁଳା:** ସମସ୍ତ କାର୍ଯ୍ୟରେ ଆଶା ରଖି କାର୍ଯ୍ୟ କଲେ ସଫଳତା ପ୍ରାପ୍ତ ହେବ । କଚେରି ମାମଲାରେ ଶୁଣାଣି ମନ୍ଥର ହୋଇପାରେ । ଶରୀର ସାମାନ୍ୟ ଅସୁସ୍ଥ ରହିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।

**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ଅଟେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ ।

**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଅଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।

**ମକର:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ଶତ୍ରୁମାନେ ପରାଜିତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ମହିଳାମାନେ ସୁଖୀ ହେବେ ।

**କୁମ୍ଭ:** କର୍ମକ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବେ । ପାରିବାରିକ ଜୀବନ ସୁଖପ୍ରଦ ହେବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । ଶତ୍ରୁମାନେ ଶରଣାଗତ ହେବେ । ଆୟ ଯୋଗ ।

**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଦେବ ଦର୍ଶନ ସହିତ ସେବା ପୂଜାରେ ସୁଯୋଗ । ପିଲାମାନେ ପଢ଼ାପଢ଼ିରେ ସଫଳତା ହାସଲ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୧୨।୨୦୨୪, ପୌଷ ଦି୧୪ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୨୦।୪୦ ଚନ୍ଦ୍ରୋଦୟ- ନିଘ ୫।୪୭।୧୦**

**ଚତୁର୍ଦ୍ଦଶୀ-** ରାଘ ୪।୦୨ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ରାଘ ୧୦।୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧୦।୨୧ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୧୦।୨୧ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୪।୦୨ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୭ ଗତେ ଘ ୯।୧୭ ମଧ୍ୟେ । ଦିଘ ୧।୦୯ ଗତେ ଘ ୩।୦୩ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପେନ୍‌ସନରେ ଅଧିକ ଖର୍ଚ୍ଚ

କେନ୍ଦ୍ର ସରକାର ଏବଂ ତିନିଟି ରାଜ୍ୟ କର୍ମଚାରୀମାନଙ୍କ ବେତନ ଓ ପାଉଣାରେ ଯେତିକି ଟଙ୍କା ଖର୍ଚ୍ଚ କରୁନାହାନ୍ତି, ତାଠାରୁ ଅଧିକ ଟଙ୍କା ପେନସନ ପାଇଁ ବ୍ୟୟ କରୁଛନ୍ତି ସିଏଜି ରିପୋର୍ଟରୁ ଏହା ଜଣାପଡିଛି । ଗୁଜୁରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଦରମାଠୁ ପେନସନ ଖର୍ଚ୍ଚ ଅଧିକ ରହିଛି । ସିଏଜି ରିପୋର୍ଟ ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ରଙ୍କ ମୋଟ ବ୍ୟୟ ୯.୭୮ ଲକ୍ଷ କୋଟି ଟଙ୍କା ଥିଲା । ସେଥିରୁ ବେତନ ଓ ପାଉଣା ବାବଦରେ ୧.୩୯ ଲକ୍ଷ ଟଙ୍କା ଏବଂ ୧.୮୩ ଲକ୍ଷ କୋଟି ଟଙ୍କା ପେନସନ ଦେବାରେ ଖର୍ଚ୍ଚ ହୋଇଥିଲା । ଋଣ ପରିଶୋଧ ଓ ସୁଧ ପ୍ରଦାନରେ ସରକାର ୬.୫୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ । କେନ୍ଦ୍ର ସରକାରଙ୍କ ମୋଟ ଖର୍ଚ୍ଚରେ ପେନ୍‌ସନର ଭାଗ ୧୯ ପ୍ରତିଶତ ଓ ଦରମା ଭାଗ ୧୪ ପ୍ରତିଶତ ରହିଥିଲା । ୨୦୧୯-୨୦ରେ ଗୁଜୁରାଟ ୧୭,୬୩୩ କୋଟି ଟଙ୍କା ପେନ୍‌ସନରେ ଖର୍ଚ୍ଚ କରିଥିବା ବେଳେ ବେତନ ପାଇଁ ୧୧,୧୨୬ କୋଟି ଟଙ୍କା ବ୍ୟୟ କରିଥିଲା । ସେହିପରି କର୍ଣ୍ଣାଟକ ପକ୍ଷରୁ ପେନ୍‌ସନରେ ୧୮,୪୦୪ କୋଟି ଟଙ୍କା ଏବଂ ବେତନରେ ୧୪,୫୭୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ପଶ୍ଚିମବଙ୍ଗର ପେନସନ ଖର୍ଚ୍ଚ ୧୭,୪୬୨ କୋଟି ଟଙ୍କା ଏବଂ ବେତନ ଖର୍ଚ୍ଚ ୧୬,୯୧୫ କୋଟି ଟଙ୍କା ଥିଲା । ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ବେତନ ଖର୍ଚ୍ଚର ଦୁଇ ତୃତୀୟାଂଶ ହେଉଛି ପେନସନ ଖର୍ଚ୍ଚ । ଗୁଜରାଟ ଓ ହିମାଚଳପ୍ରଦେଶ ନିର୍ବାଚନରେ ପୁରୁଣା ପେନସନ ସ୍କିମ ଏକ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ଭାବେ ଉଭା ହୋଇଥିଲା । ଭୋଟ ହାତେଇବା ଲାଗି କିଛି ରାଜ୍ୟ ପୁରୁଣା ପେନସନ ସ୍କିମ୍‌କୁ ପୁଣି ଥରେ ଲାଗୁ କରିବା ବିଷୟରେ ବିଚାର କରୁଛନ୍ତି । କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସରକାର ଏହି ସ୍କିମ୍‌କୁ ପୁନର୍ବାର ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେତନ, ପେନ୍‌ସନ, ଋଣ ପରିଶୋଧ ଓ ସୁଧ ଆଦିରେ ହେଉଥିବା ଖର୍ଚ୍ଚକୁ ପ୍ରତିବଦ୍ଧ ଖର୍ଚ୍ଚ କୁହାଯାଉଛି । ଏଥିରେ ଅଧିକ ଖର୍ଚ୍ଚ ହେଲେ ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ସ୍କିମ ବା ପ୍ରକଳ୍ପରେ ଖର୍ଚ୍ଚ ବଢାଇବା ଲାଗି ସରକାରଙ୍କ ପାଖରେ ସୁଯୋଗ ରହେନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ହା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ହା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ ୯

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୨. ପ୍ରଭାତେ ଚିଲିକା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପରଦିନ ସକାଳରେ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ତିନି ସଖୀ ନିତ୍ୟକର୍ମ ସମାପନରେ ଲାଗିଗଲୁ। ପ୍ରଥମେ ମୁଁ 'କଲ୍ଲୋଳିନୀ' ଓ ସୁହାସୀ ଏକତ୍ର ସ୍ନାନ କରି ବସ୍ତ୍ର ପରିଧାନ ପୂର୍ବକ ପ୍ରସ୍ତୁତ ହୋଇଗଲୁ। ଆମ ପରେ ମଂଜୁଳିକା (ମଂଜୁଳା) ସ୍ନାନାଗାର ଗଲା। ଆମ୍ଭେ ଦୁଇ ସଖୀ ବାହାରକୁ ଆସି ଚିଲିକାର ସୌମ୍ୟ ସୁଂଦର ଅପରୂପ ଦର୍ଶନ କରିବାରେ ମନୋନିବେଶ କରିଲୁ। ଏ ମନୋମୁଗ୍ଧକର ଦୃଶ୍ୟ ଦେଖି ମୁଁ ଭାବୁକ ହୋଇ ମନର ଭାବ ପ୍ରକାଶପାଇଁ ସୁନ୍ଦରୀ ଚିଲିକାର ସୌନ୍ଦର୍ଯ୍ୟ ସୁହାସୀ ଆଗରେ ବର୍ଣ୍ଣନା କରି କହିଲି ଯାହାଥିଲା ଏପରି।

କଳିଙ୍ଗ କଟି ସୁମଣ୍ଡନା — ମନୋରମା ମନମୋହନା
ସାଗର ସୁତା ସୁଶୋଭନା — ଶୀରର ସୁନୀଳ ବରନା
ସଖୀରେ ତୁ ଆନନ୍ଦେ ଅନା
ହ୍ରଦିନୀ ଚିଲିକା ଜନ୍ମାଏ — ମନେ କି ସୌନ୍ଦର୍ଯ୍ୟ ଭାବନା ।।୧।।
ସମୁଦ୍ର ଗର୍ଭୁ ନିର୍ଗମନ — ରକ୍ତବର୍ଣ୍ଣ ବାଳ ତପନ
ଗାଭୀ ଉଦରୁ ଯେହ୍ନେ — ସଦ୍ୟଜାତ ବସ୍ସା ଆଗମନ
ସଜନୀରେ ଦେଇଣ ଧ୍ୟାନ
ଦେଖ ତୁ କେହ୍ନେ ରବି ଦେହୁଁ — ଲୋହିତ ହେଉଛି ବିଲୀନ ।।୨।।
ରକ୍ତିମ ରୂପ ରବିକିରଣ — ଚିଲିକା ସଲିଳେ ପତନ
ଝଲକୁଛି ସାରା ଗଗନ — ଆଣି ସ୍ୱର୍ଣ୍ଣ ଜଗତ ଜ୍ଞାନ
ସଖୀରେ ମନ ମୋ ପ୍ରସନ୍ନ
କରୁଛେ କି ଆମେ ଭ୍ରମଣ — ପ୍ରବେଶି ଅଳକା ଭୁବନ ।।୩।।
ସରସେ ସାରସ ସକଳ — କରନ୍ତି ଜଳେ କୋଳାହଳ
ତରଙ୍ଗେ ଗତି ଉର୍ଦ୍ଧ୍ୱ ତଳ — ନାଚନ୍ତି ହୋଇ ମତୁଆଳ
ସଖୀ ଦେଖ ନ କରି ଗୋଳ
ଦିଶଇ କି ଚିଲିକା ରାଣୀ — ଗଳେ ଧବଳ ପୁଷ୍ପମାଳ।।୪।।
ହ୍ରଦିକା ଚିଲିକା ବେଷ୍ଟିତ — କ୍ଷୁଦ୍ର ବୃହତ୍ ପରବତ
ନୀଳ ଶ୍ୟାମ କାନ୍ତି ସଂଯୁକ୍ତ — ପ୍ରକୃତି ରାଣୀ କି ବିଚିତ୍ର
ସଜନୀ ଦେଖ ଦେଇ ଚିତ୍ତ
ଦୀର୍ଘିକା ମଧ୍ୟେ ଉପସ୍ଥିତ — ଦ୍ୱୀପ ଅନେକ କି ଅଦ୍ଭୁତ ।।୫।।
ସ୍ଥଳ ଜଳାଶୟଙ୍କ ରାଣୀ — କଳିଙ୍ଗ ସାଗର ଭଗିନୀ
ବର୍ଣ୍ଣେ ଚିଲିକା କଲ୍ଲୋଳିନୀ — ଶୁଣେ ତାହାକୁ ସୁହାସିନୀ
ମନ ହରଷ ଏହା ଶୁଣି
(ଲେଖକଙ୍କ 'କାବ୍ୟ କଲ୍ଲୋଳିନୀ'ରୁ)

[ଶବ୍ଦ/ପଦର ଅର୍ଥ:

ପଦ (୧) : କଟିମଣ୍ଡନା – ଅଣ୍ଟାକୁ ମଣ୍ଡନ କରୁଥିବା । ସାଗରସୁତା - ଲକ୍ଷ୍ମୀ । ବରନା- ବର୍ଣ୍ଣା, ବର୍ଣ୍ଣ ଧାରଣ କରିଥିବା । ହ୍ରଦିନୀ – ହ୍ରଦ ।

ପଦ (୨) : ସମୁଦ୍ରର ଗର୍ଭରୁ ରକ୍ତବର୍ଣ୍ଣ (ଲାଲ ବର୍ଣ୍ଣ)ର କଅଁଳିଆ ସୂର୍ଯ୍ୟ (ବାଳ ତପନ) ବାହାରି ଆସୁଛି (ନିର୍ଗମନ କରୁଛି) । ଗାଭୀ (ଗାଈ)ର ଉଦର (ପେଟ)ରୁ ଯେହ୍ନେ (ଯେପରି) ସଦ୍ୟଜାତ ବସ୍ସା (ବାଛୁରୀ) ବାହାରି ଆସିଯାଉଛି । ଏହା ସେପରି ଦେଖାଯାଉଛି । ହେ ସଖୀ, ତୁ ଧ୍ୟାନ ଦେଇ ଦେଖ କିପରି ଲାଲ ରଙ୍ଗର ବାଳ ସୂର୍ଯ୍ୟ ଦେହର ଲାଲ ରଙ୍ଗ ଧିରେ ଧିରେ ବିଲୀନ (ଲୋପ) ହୋଇଯାଉଛି । (ଉଦୟ ହେଲାବେଳେ ସୂର୍ଯ୍ୟ ସାଧାରଣତଃ ଲାଲ ରଙ୍ଗର ଥାଏ। ସେପରି ଗାଈ ପେଟରୁ ବାଛୁରୀ ଜନ୍ମ ହେଲାବେଳେ ତା' ଦେହରେ ରକ୍ତ ଲାଗିଥିବାରୁ ତାହା ଲାଲ ଦେଖାଯାଏ । ଗାଈ ତା'ପରେ ଚାଟି ସଫାକରି ଦେଲେ ନାଲିରଙ୍ଗ ବାଛୁରୀ ଦେହରେ ରହି ନଥାଏ । ସେହିପରି ବାଳ ସୂର୍ଯ୍ୟର ଲାଲରଙ୍ଗ ଅଧିକ ଖରା ହେଲେ ଆପେ ଆପେ ଚାଲିଯାଇ ଧଳା ରଙ୍ଗର ନିକଟବର୍ତ୍ତୀ ରଙ୍ଗ ହୋଇଯାଇଥାଏ ।)

ପଦ (୩) : ରବି (ସୂର୍ଯ୍ୟ)ଙ୍କ କିରଣ ରକ୍ତିମ (ଲାଲ) ରୂପ ଧାରଣ କରି ଚିଲିକାର ସଲିଳ (ଜଳ)ରେ ପଡିଅଛି । ଏଣୁ ସାରା ଗଗନ ଝଲକୁଛି ଓ ତାହା ଦେଖି ମନରେ ଜ୍ଞାନ ଆସୁଛି ସତେ କି ଏହାସବୁ ସୁନାର ଲହରୀ ଅଟେ । ହେ ସଖୀ, ଏସବୁ ଦେଖୁ ମନ ଅତୀବ ପ୍ରସନ୍ନ ହେଉଅଛି । ମୋତେ ଲାଗୁଛି ଯେ ଆମେମାନେ କ'ଣ ସ୍ୱର୍ଗର ଭଣ୍ଡାର ରକ୍ଷକ ଦେବତା କୁବେରଙ୍କ ବାସସ୍ଥଳି ଅଳକାପୁରରେ ଭ୍ରମଣ କରୁଛେ ? (ପୁରାଣରେ ଅଳକାପୁରୀ ସୁନାରେ ତିଆରି ବୋଲି ବର୍ଣ୍ଣିତ ହୋଇଅଛି]

### ୨୩-ଖୋର୍ଦ୍ଧା ଦର୍ଶନ

ଚିଲିକା ଦର୍ଶନପରେ ଜଳପାନ ଶେଷକରି ଆମ୍ଭର ଯାତ୍ରୀଗୋଷ୍ଠୀ ଉତ୍ତର ଦିଗକୁ ଗମନ କରିଲା। ଲକ୍ଷ୍ୟ ଥିଲା ପଥଦେଶରେ ଏକରାତ୍ର ବିଶ୍ରାମ କରି ତତ୍‌ପର ଦିନର ସଂଧ୍ୟା ସମୟରେ ଖୋର୍ଦ୍ଧା ହାଟରେ ଉପନୀତ ହୋଇ ସେଠାରେ ରାତ୍ରଯାପନ କରିବା। ସକାଳରୁ ଅଭିଯାନର ଆରମ୍ଭ ହେଲା।

ପଥଦେଶ ବଂଧୁର ଓ ବନାନୀ ବେଷ୍ଟିତ। କିନ୍ତୁ ପ୍ରକୃତିର କୋଳରେ ଏ ଗମନ ବହୁତ ରୋମାଞ୍ଚକର ଥିଲା । ପଥର ଦୁଇ କଡରେ ବିରାଟ ବିରାଟ ବୃକ୍ଷରାଜି ପ୍ରାୟ ସମସ୍ତ ପଥକୁ ଆଚ୍ଛାଦିତ କରି ରଖିଥାଏ। ମନରେ ଏପରି ଭାବାବେଶ ଉଦ୍ରେକ ହେଉଥିଲା ଯେପରି କି ପ୍ରକୃତିରାଣୀ ଅନେକ ତୋରଣ ସର୍ଜ୍ଜନା କରି ସେମାନଙ୍କୁ ଆମ୍ଭର ସଂବର୍ଦ୍ଧନା ନିମିତ୍ତ ସଂଯୁକ୍ତ କରିଦେଇଛି। ପୁନଶ୍ଚ ଜ୍ଞାତ ହେଉଥିଲା କି ଆମ୍ଭେମାନେ ପ୍ରକୃତିର ଦ୍ରୁମଲତାଦ୍ୱାରା ନିର୍ମିତ ଏକ ବିଶାଳ ସୁଡଙ୍ଗ ମଧ୍ୟ ଦେଇ ଗତି କରୁଅଛୁ। ଏହି ସୁଡଙ୍ଗରେ ଅନେକ ପୁଷ୍ପଯୁକ୍ତ ଲତାମାନେ ପୁଷ୍ପମାଳା ସଦୃଶ ଦୋଳାୟମାନ ହୋଇ ଆମ୍ଭର ସୁଗମ ଯାତ୍ରାକୁ ମନୋମୁଗ୍ଧକର କରୁଅଛନ୍ତି।

ଏହି ଗମନ ସମୟରେ ଅନେକ ପ୍ରାକୃତିକ ଦୃଶ୍ୟ ଆମକୁ ଅବଲୋକନ କରିବାକୁ ମିଳିଲା। ସେସବୁକୁ ଚିହ୍ନାଇ ଦେବା କାର୍ଯ୍ୟ ମଂଜୁଳିକା ଓ ଶକଟ ଚାଳକ କରିଲାଗିଲେ। ଯେଉଁ ସବୁ ପୁଷ୍ପଲତା, ବୃକ୍ଷାଦି ଦେଖିଲୁ ସେମାନଙ୍କ ବିଷୟରେ ସେମାନଙ୍କଠାରୁ ଶ୍ରବଣ କରିବା ଆମ୍ଭର ଅତୀବ ଜ୍ଞାନପ୍ରଦ ଥିଲା, ବିଭିନ୍ନ ପୁଷ୍ପ, ଶକଟଚାଳକ ତୋଳି ଆଣୁଥିଲେ ଓ ଆମ୍ଭେ ସେଗୁଡିକ ନିଜ ଶରୀରରେ ତଥା ଶକଟରେ ସଜାଇ ଉଲ୍ଲସିତ ହେଉଥିଲୁ। ଯେତେବେଳେ ବିଭିନ୍ନ ସ୍ୱାଦର ଭିନ୍ନ ଭିନ୍ନ କୋଳି, ଫଳ ପ୍ରଭୃତିର ବୃକ୍ଷଗୁଳ୍ମ ଆଦି ଦେଖାଯାଉଥାଏ, ଆମ୍ଭେମାନେ ନିଜେ ତୋଳି ବା ରକ୍ଷୀ ଓ ଶକଟ ଚାଳକଙ୍କ ଦ୍ୱାରା ତୋଳି ଆଣି ଖାଇବାରେ ଅପାର ଆନନ୍ଦ ନେଉଥିଲୁ। ରାସ୍ତା ମଝିରେ ମଝିରେ ପୁଷ୍କରିଣୀ ଓ ନଦୀ ଆସିଥାଏ। ସେଠାରେ ଯାନରୁ ବାହାରି ସ୍ୱଚ୍ଛଜଳ ପାନକରି ତୃଷା ମେଣ୍ଟାଇବା ସଂଗେ ସଂଗେ ପୁଷ୍କରିଣୀରେ ଥିବା କମଳ (ପଦ୍ମ), କୁମୁଦିନୀ (କଇଁ) ଆଦି ପୁଷ୍ପମାନଙ୍କୁ ତୋଳି ଅଣାଉଥିଲୁ।

ଏସବୁ ଚିତ୍ତବିନୋଦକ ଅନୁଭୂତି ମଧ୍ୟରେ ଆମକୁ ମଧ୍ୟ ସମ୍ମୁଖୀନ ହେବାକୁ ପଡୁଥିଲା ଭୟପ୍ରଦ ରୋମାଂଚକର ଦୃଶ୍ୟାବଳୀ ଯାହାକି ଜୀବନରେ ଚିର ସ୍ମରଣୀୟ ହୋଇ ରହିଯାଇଛି। ତାହା ହେଉଛି ଯେତେବେଳେ ଆମ୍ଭେ ସର୍ପ, ବ୍ୟାଘ୍ର, ସିଂହ, ହସ୍ତୀମାନଙ୍କ ଗର୍ଜନ ଶୁଣୁଥିଲୁ ଓ ସେମାନେ ଆମ ସମ୍ମୁଖରେ ପଥ ଅତିକ୍ରମ କରିଯାଉଥିଲେ। ତତ୍ତ୍ୱାବଧାରକ ପ୍ରଭୃତି ସମସ୍ତେ ଆମ୍ଭଙ୍କୁ ଦମ୍ଭଦେଇ କହୁଥିଲେ, "ଭୟ କରନାହିଁ" ଆମ୍ଭେ ସେମାନଙ୍କର କ୍ଷତି ନ କଲେ ସେମାନେ ଆମ୍ଭକୁ ଆକ୍ରମଣ କରିବେ ନାହିଁ। ଯେତେ କହିଲେ ଭୟ କ'ଣ ଦୂର ହୋଇଯିବ ? ଭୟଭୀତ ହେଉଥିଲୁ। ସଂପୃକ୍ତ ପ୍ରାଣୀଟି ଦୂରେଇଗଲା ପରେ ସେ ପରିସ୍ଥିତି ଆମ୍ଭପାଇଁ ଚିତ୍ତବିନୋଦକ ଓ ରୋମାଂଚକର ଅନୁଭୂତିରେ ପରିବର୍ତ୍ତିତ ହୋଇଯାଉଥିଲା। ଏ ସ୍ଥିତି ବ୍ୟତୀତ ଅନେକ ନିରୀହ ବନ୍ୟପ୍ରାଣୀଙ୍କ ଆବିର୍ଭାବ ସର୍ବଦା ଆମ୍ଭନିମିତ୍ତ ସୁଖଳର ଆବେଗ ସୃଷ୍ଟିକରୁଥିଲା। ସେ ବନ୍ୟପ୍ରାଣ୍ୟମାନେ ହେଲେ ମୟୂର, ଶଶକ (ଠେକୁଆ), କୋଟରା, ହରିଣ, ମର୍କଟ, ଗୁଣ୍ଡୁଚି ମୂଷା, ଶୃଗାଳ ଇତ୍ୟାଦି ଏବଂ କୋଚିଲାଖାଇ, ହଳଦୀବସନ୍ତ, ଶୁଆ, ସାରୀ, କୋଇଲି ଇତ୍ୟାଦି ପକ୍ଷୀଗଣ। ଏସବୁ ଅନୁଭୂତି କହିଚାଲିଲେ ବହୁକାଳ ଲାଗିବ। ଅତଏବ ଏପରି ଅନୁଭୂତି ଆହରଣ ପୂର୍ବକ ଆମ୍ଭେ ଚିଲିକାର କିଛି ଦୂରରେ ଥିବା ଏକ ଚଟିଘରେ ରାତ୍ରଯାପନ କରି ଏବଂ ତା'ପରଦିନ ସେହିପରି ସାରାଦିନ ଗମନ କରି ଆମ୍ଭର ତୃତୀୟ ରଜନୀ ଖୋର୍ଦ୍ଧା ନଗରର ଏକ ପଥିକାଳୟରେ ଅତିବାହିତ କଲୁ।

ପ୍ରଭାତରୁ ଚଂଚଳ ଉଠି ଖୋର୍ଦ୍ଧା ଦର୍ଶନ କଲୁ। ଏହି ପ୍ରାଚୀନ ନଗରୀ ହଜାର ହଜାର ଗ୍ରାମମାନଙ୍କ କେନ୍ଦ୍ରସ୍ଥଳି ଥିଲା। ଏହି ଖୋର୍ଦ୍ଧା ଅଂଚଳର ସାମାଜିକ ଖ୍ୟାତି ଥିଲା ସେଠାରେ ବସବାସ କରୁଥିବା ସକ୍ରିୟ ପାଇକମାନଙ୍କ ନିମିତ୍ତ। ଏହି ପାଇକମାନେ ଥିଲେ ବୀରଯୋଦ୍ଧା ଓ ଯୁଦ୍ଧ ସ୍ଥିତି ଆସିଲେ ସେମାନେ ସମଗ୍ର ସୁରକ୍ଷା କର୍ମ ସାଧନପାଇଁ ସ୍ୱଗୃହରୁ ଅବତୀର୍ଣ୍ଣ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆବଶ୍ୟକ ସମୟର ସାମୟିକ ସୈନ୍ୟ ଥିଲେ। ଅନ୍ୟ ସମୟରେ ସେମାନେ କୃଷିକାର୍ଯ୍ୟ, ଆଦି କରି ନିଜର ପ୍ରଧାନ ଜୀବିକା ନିର୍ବାହ କରିଥାନ୍ତି। ରାଜା, ଧନୀକବର୍ଗ ଆଦି କୌଣସି ଯୁଦ୍ଧ, ସୁରକ୍ଷା ଜନିତ ସମସ୍ୟା ଆସିଲେ ସେମାନଙ୍କର ସାହାଯ୍ୟ ନେଇଥାନ୍ତି। ସେଥିପାଇଁ ରାଜାମାନେ ନିଶୁଳ୍କ ଚାଷକ୍ଷେତ୍ର ସେମାନଙ୍କୁ ଦେଉଥିଲେ। ଏଣୁ ଏମାନେ ନିଜର ସୀମିତ ଆୟରେ ଜୀବନଯାପନ କରୁଥିଲେ ମଧ୍ୟ ସର୍ବଦା ନିଜକୁ ଗର୍ବିତ ମନେ କରନ୍ତି। ସୈନ୍ୟ, ଶରୀରରକ୍ଷୀ, ଗୃହରକ୍ଷୀ ଆଦି କାର୍ଯ୍ୟ ସେମାନେ କେବେ କେବେ ସାମୟିକ ଭାବେ ତ କେତେବେଳେ ବର୍ଷସାରା କରି ପରିବାରର ଭରଣ ପୋଷଣ କରିଥାନ୍ତି। ଏହି ପାଇକମାନେ ସେମାନଙ୍କ ବୀରତ୍ୱପାଇଁ ପ୍ରସିଦ୍ଧ। ମୁଖ୍ୟତଃ ସେମାନେ ଖଣ୍ଡାୟତ ଜାତିର ହୋଇଥିଲେ ମଧ୍ୟ ଅନ୍ୟ କେତେକ ଜାତିର ଯୋଦ୍ଧା ପୁରୁଷ ସେମାନଙ୍କ ଦଳର ଅଂଶ ବିଶେଷ ହୋଇଥାନ୍ତି।

ପଥିକ ନିବାସରୁ ବାହାରି ଆମ୍ଭେ ଖୋର୍ଦ୍ଧାର ଏକ ପାଇକ ଯୋଦ୍ଧାଙ୍କ ପ୍ରଶିକ୍ଷଣ ସ୍ଥାନକୁ ଗଲୁ। ସେଠାରେ ବର୍ଚ୍ଛାଯୁଦ୍ଧ, ଦଣ୍ଡ ଚାଳନ ବିଦ୍ୟା, କରବାଳ (ଖଣ୍ଡା) ଯୁଦ୍ଧ, ମଲ୍ଲଯୁଦ୍ଧ ଇତ୍ୟାଦି କିପରି ଅନେକ ଶୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା ତାହା ମଧ୍ୟ ଦେଖିଲୁ। ତା'ପରେ ଆଉ ଏକ ସ୍ଥାନରେ ପାଇକ ନୃତ୍ୟ ଶିକ୍ଷା ଦିଆଯାଉଥିବାର ଦୃଶ୍ୟ ମଧ୍ୟ ଦେଖିଲୁ। ନୃତ୍ୟ ମାଧ୍ୟମରେ ଖଣ୍ଡାଯୁଦ୍ଧ, ଅନେକ ଲୋକ ବସିଥିବା ଏକ ଶକଟକୁ ରସିରେ ବାନ୍ଧି କରି ମଲ୍ଲମାନେ ଏକ ଏକ କରି ଦାନ୍ତରେ ଧରି ଟାଣିବା, ନୃତ୍ୟରତ ପାଇକମାନେ କିପରି ବାଉଁଶ ଠେଙ୍ଗା ଚଳାଇ ଯୁଦ୍ଧ କରନ୍ତି ଇତ୍ୟାଦି ମନୋରଂଜକ ସମର କଳା ଆମ୍ଭପାଇଁ ଥିଲା ଆଶ୍ଚର୍ଯ୍ୟକର ଅନୁଭୂତି।

ଏ ସବୁ ଦେଖିଲା ପରେ ଆମ୍ଭେ ସମସ୍ତେ ଗଲୁ ନଗର ବାହାରେ ରହିଥିବା ପ୍ରସିଦ୍ଧ ବରୁଣେଇ ଠାକୁରାଣୀଙ୍କ ପୀଠସ୍ଥଳିକୁ। ଏହା ଏକ ଛୋଟ ସୁଂଦର ପାହାଡ ଉପରେ ଅବସ୍ଥିତ। ଛୋଟ ଝରଣାଟିଏ ବହିଯାଉଛି। ଅନେକ ପ୍ରାକୃତିକ ଦୃଶ୍ୟରେ ଭରପୂର। ଯାହା ଦେଖିଲୁ ତାହା ମୁଁ କେତୋଟି ପଦର କବିତାରେ ପ୍ରକାଶ କରୁଛି।

ଦ୍ୱିତୀୟ ରାତ୍ର ଯାପନ — ଚିଲିକା ନିକଟ
ତା'ପରେ ନିଶିନିବାସ — ଖୋରଧା କଟକ ।।
ବରୁଣେଇ କରୁଣେଇ — ଯୁଗଳ ଭଗିନୀ
ବରୁଣେଇ ପରବତ — ଶିଖର ବାସିନୀ ।।
ସ୍ୱର୍ଣ୍ଣଗଙ୍ଗା ଧାରା ଯା'ର — ପଦ ପ୍ରକ୍ଷାଳିନୀ
ଖୋରଧାବାସୀଙ୍କ ଦେବୀ — ରକ୍ଷା ପ୍ରଦାୟିନୀ ।।
ଦରଶନ କଲୁ ତତ୍ର — ମାତା ବରୁଣେଇ
ଚତୁର୍ଥ ନିଶି କାଟିଲୁ — ଏକାମ୍ରରେ ଯାଇ।।
(ଲେଖକଙ୍କ କାବ୍ୟ କଲ୍ଲୋଳିନୀରୁ ଉଦ୍ଧୃତ)

ଅତଃ ମାତା ବରୁଣେଇଙ୍କ ଦର୍ଶନ କଲାପରେ ଆମ୍ଭେ ଯାତ୍ରାକରି ଏକାମ୍ର କ୍ଷେତ୍ରର ବହିଃଭାଗରେ ଥିବା ଖଣ୍ଡଗିରି-ଉଦୟଗିରିର ନିକଟବର୍ତ୍ତୀ ଏକ ଚଟିଘରରେ ଆମ୍ଭର ଚତୁର୍ଥ ରାତ୍ର କଟାଇଲୁ। (କ୍ରମଶଃ)

# ଭବିଷ୍ୟତ ପାଇଁ ଆମେ କେତେ ଚିନ୍ତିତ ?

ଡି ଦେବହରି ରେଡ୍ଡି
ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ପରାମର୍ଶ ଦାତା
ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର
ଗଞ୍ଜାମ
ମୋ-୯୪୩୭୨୫୩୩୩୨

ଖାଲି ଯେ ମଣିଷ ସଭ୍ୟତା ହଇରାଣ ହେବ ତାହା ନୁହେଁ ବୃକ୍ଷ କ୍ଷୟ ଦ୍ୱାରା ପରିବେଶ ଭାରସାମ୍ୟ ମଧ୍ୟ ରକ୍ଷା କରାଯାଇପାରିନାହିଁ। ବନ୍ୟ ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଜଙ୍ଗଲ କ୍ଷୟ ଦ୍ୱାରା ଜଙ୍ଗଲ ପରିସଂସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟୟ, ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁ ଆଉ ସହରକୁ ପଶି ଆସିଯାଉଛନ୍ତି । ଅନେକ ସମୟରେ ମଣିଷ ବନ୍ୟ ଜୀବଜନ୍ତୁ ମଧ୍ୟରେ ଦ୍ୱନ୍ଦ୍ୱ ହେଉଛି । ଅନେକ ଜୀବନ ନଷ୍ଟ ହେଉଛି । କେବଳ ଯେ ଜୀବଜନ୍ତୁ ନୁହେଁ ଜଙ୍ଗଲ ସମ୍ପଦ କ୍ଷୟ ଦ୍ୱାରା ଔଷଧୀୟ ବୃକ୍ଷ ତଥା ଝୁଣା, ହରିଡା, ବାହାଡ଼ା, ଅଁଳା, ମହୁ, ଲାଖ ପ୍ରମୁଖ ଦ୍ରବ୍ୟର ଅଭାବ ସୃଷ୍ଟି ହେଉଛି। ବୃକ୍ଷ କ୍ଷୟ ମଧ୍ୟ ମୃତ୍ତିକା କ୍ଷୟର ଏକ ପ୍ରମୁଖ କାରଣ । ଜଳବାୟୁର ଦ୍ରୁତ ପରିବର୍ତ୍ତନ ଯୋଗୁଁ ପରିବେଶକୁ ସନ୍ତୁଳନ ରଖିବା ପାଇଁ ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥିବା ଅନେକ ଜୀବ ଲୋପ ପାଇବାକୁ ବସିଲାଣି । ଏହି ଭଳି ଯଦି ଲାଗି ରୁହେ ଆଗାମୀ ଦିନରେ ପୃଥିବୀର ଅବସ୍ଥା କଣ ହେବ? ବଞ୍ଚିବା ପାଇଁ ଆବଶ୍ୟକ ଥିବା ସମସ୍ତ କାରକ ଅଭାବରେ କଣ କେବଳ ମଣିଷ ସଭ୍ୟତା ତିଷ୍ଠି ରହିବା ସମ୍ଭବ? ତେଣୁ ଏକ ସୁସ୍ଥ ସନ୍ତୁଳନ ପରିବେଶ ଆବଶ୍ୟକ ଅଛି। ଆସନ୍ତା କାଲିର ଭବିଷ୍ୟତ ପାଇଁ ଆଜି ହିଁ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ।

ଆଦିମ ପ୍ରକୃତି ଠାରୁ ସୃଷ୍ଟି ହୋଇଥିବା ଆଜିର ଆଧୁନିକ ମଣିଷ ସଭ୍ୟତା ବର୍ତ୍ତମାନ ନିଜ ସ୍ୱାର୍ଥ ସାଧନରେ ବ୍ୟସ୍ତ। କିଭଳି ଅଧିକରୁ ଅଧିକ ଟଙ୍କା ରୋଜଗାର କରିବ ଏକାଧିକ ଗାଡ଼ି, ଉଚ୍ଚ ଅଟ୍ଟାଳିକା, ଅଜସ୍ର ସଂପତ୍ତି ସାଇତି ରଖିବ ସେଥି ନିମନ୍ତେ ସଦାସର୍ବଦା ପ୍ରୟାସ ଜାରି ରଖିଛି। ଜୀବନକୁ ଅଧିକ ସହଜ, ସୁନ୍ଦର ଓ ସୁଖଦ କରିବା ସ୍ୱପ୍ନରେ ଆତ୍ମବିଭୋର ହୋଇପଡିଛି । ଏହି ସବୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନେକ ସମୟରେ ନାନା ଅସାଧ କାର୍ଯ୍ୟକୁ ମଧ୍ୟ ସାଧ କରିବାକୁ ପଛାଉ ନାହିଁ । କିଏ ବଞ୍ଚିବା ପାଇଁ ସଙ୍ଘର୍ଷ କରୁଛି ତ କିଏ ନିଜେ ବଞ୍ଚିବା ପାଇଁ ଅନ୍ୟକୁ ମୃତ୍ୟୁ ମୁଖକୁ ଠେଲି ଦେଉଛି । ନିଜ ଭବିଷ୍ୟତ, ନିଜ ପରିବାରର ଭବିଷ୍ୟତ ପାଇଁ ସମସ୍ତେ ଚିନ୍ତିତ, ତେଣୁ ଦିନରାତି ଏକ କରି ଘଣ୍ଟାର ସେକେଣ୍ଡ କଣ୍ଟା ଠାରୁ ମଧ୍ୟ ଅଧିକ ବେଗରେ କାମ କରି ଚାଲିଛନ୍ତି। ତଥାପି ମନ ଭିତରେ ରହିଯାଉଛି ଅନେକ ପ୍ରଶ୍ନ, ଅନେକ ଆଶଙ୍କା, ସତରେ କଣ ଏତିକି ଧନ ସଂପତ୍ତି ପରିବାର ଭବିଷ୍ୟତ ପାଇଁ ପର୍ଯ୍ୟାପ୍ତ ହେଇପାରିବ ? ସମସ୍ତ ଆବଶ୍ୟକତା ପୂରଣ କରିପାରିବ? ଛୁଆର ପଠା ପଢା, ବାହାଘର, ଘର, ଗାଡ଼ି ଭଳି ଯାବତୀୟ ଖର୍ଚ୍ଚ ସାଙ୍ଗକୁ ସାଂପ୍ରତିକ ପରିସ୍ଥିତିରେ ଶରୀରର ଚିକିତ୍ସା ଖର୍ଚ୍ଚ ପାଇଁ ଯଥେଷ୍ଟ ହେଇପାରିବ ? ତା ସହ ବର୍ତ୍ତମାନ ଜ୍ଞାନୀ ଅପେକ୍ଷା ଧନୀ ଲୋକଙ୍କୁ ସମାଜରେ ଯଥେଷ୍ଟ ସମ୍ମାନ ମିଳେ। ସେ ହତ୍ୟାକାରୀ, ଲୁଣ୍ଠନ କରି କିମ୍ବା ବଳାତ୍କାରୀ ହେଉ ପଛେ, ଯଦି ଧନ ଅଛି ସମ୍ମାନ ମିଳିବା ସୁନିଶ୍ଚିତ। ତେଣୁ ସମସ୍ତେ କଳେ ବଳେ ଧନ ସଂଗ୍ରହ କରିବା ପାଇଁ ବ୍ୟସ୍ତ ବିବ୍ରତ। କିନ୍ତୁ କେହି ବି ଚିନ୍ତା କରୁନାହାନ୍ତି ଯେ, ଏ ପ୍ରକୃତି ରହିଲେ ସିନା ମଣିଷ ବଞ୍ଚିବ, ଏ ଧରିତ୍ରୀ ରହିଲେ ତ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିବ, ଯେବେ ଦିନକୁ ଦିନ ପ୍ରଦୂଷଣ ବଢ଼ି ବଢ଼ି ଯାଉଛି, ଜଳବାୟୁ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଫଳସ୍ୱରୂପ ଅସହ୍ୟ ଗରମ, ଅସମୟରେ ପ୍ରବଳ ବର୍ଷା ସାଙ୍ଗକୁ ବାୟୁ, ଶବ୍ଦ, ପାଣି, ମାଟି ପ୍ରଦୂଷଣ ପରିସଂସ୍ଥାକୁ ଅସହାୟ କରିସାରିଲେଣି । ସେତେବେଳେ କେବଳ ଧନ ସଂପତ୍ତି ରଖି ସୁନ୍ଦର ଭବିଷ୍ୟତର ରଙ୍ଗୀନ ସ୍ୱପ୍ନ ଦେଖିବା ବୋକାମି ନୁହେଁ କି? ଉତ୍ତର ପିଢ଼ି ପାଇଁ ଧନ ସମ୍ପତ୍ତି ଗଚ୍ଛିତ ରଖିବା ଯେତିକି ଜରୁରୀ, ସେସବୁର ଉପଭୋଗ କରିବାକୁ ସୁସ୍ଥ ପରିବେଶ ଟିଏ ସାଇତି ରଖିବା ମଧ୍ୟ ସେତିକି ଜରୁରୀ । ନଚେତ ମାନବ ସଭ୍ୟତାର ଭବିଷ୍ୟତ ଇତିହାସ ପାଲଟି ଯିବାପାଇଁ ଅନେକ ସମୟ ଲାଗିବ ନାହିଁ । ନିକଟ ଅତୀତରେ କୋଭିଡ ଯାହା ପ୍ରମାଣିତ କରିଦେଇ ଯାଇଛି। କୋଟି କୋଟି ଟଙ୍କାର ମାଲିକ କୋଭିଡ୍ ସଂକ୍ରମଣରେ ଅମ୍ଳଜାନ ଅଭାବରେ ହେଉ କି ଚିକିତ୍ସା ଅଭାବରୁ ହେଉ ଛଟପଟ ହେଇ ମୃତ୍ୟୁବରଣ କରିଛନ୍ତି। ସେତେବେଳେ ଗଚ୍ଛିତ ଅର୍ଥ କାମରେ ଲାଗିଲା ନାହିଁ। ଜୀବନ ପାଇଁ ସ୍ୱାସ୍ଥ୍ୟକର ପରିବେଶ, ବିଶୁଦ୍ଧ ବାୟୁ, ଶୁଦ୍ଧ ପାଣି ନିହାତି ଆବଶ୍ୟକ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦିନକୁ ଦିନ ଗରମର ବୃଦ୍ଧି, ଭୂତଳ ଜଳସ୍ତର କମିବା, ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଭଳି ବିଷାକ୍ତ ବାୟୁର ବୃଦ୍ଧି ସାଙ୍ଗକୁ ଅମ୍ଳଜାନର ଅଭାବ, ପାନୀୟ ଜଳର ଘୋର ସଙ୍କଟ, ଅଦିନ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ମାଧ୍ୟମରେ ପରିବେଶ ବିପର୍ଯ୍ୟୟ ସତର୍କ ଘଣ୍ଟି ବାଜି ଚାଲିଛି। ତଥାପି ଏହି ସ୍ୱାର୍ଥପର ମଣିଷ ବର୍ତ୍ତମାନରେ ବଞ୍ଚି ସୁସ୍ଥ ଭବିଷ୍ୟତ ପାଇଁ ସ୍ୱପ୍ନରେ ବିଭୋର ହୋଇ ବିକାଶ ନାଁ ରେ ଜଙ୍ଗଲ ସମ୍ପଦ ଧ୍ୱଂସ, ପ୍ଲାଷ୍ଟିକର ଅତ୍ୟଧିକ ବ୍ୟବହାର, ଶିଳ୍ପାୟନ ସାଙ୍ଗକୁ ଚାଷ ଜମିରେ ରାସାୟନିକ ପଦାର୍ଥର ବହୁଳ ବ୍ୟବହାର କରିଚାଲିଛି। ଏପରିକି ନିଜର ସ୍ୱାର୍ଥ ଦୃଷ୍ଟିରୁ ଉଦ୍ଭିଦ ଜଗତ ସହ ପ୍ରାଣୀ ଜଗତ ଉପରେ ମଧ୍ୟ ଦାଉ ସାଜିଛି। ଅନେକ ନିରୀହ ପଶୁପକ୍ଷୀ ପୃଥିବୀରେ ଲୋପ ପାଇବାରେ ଲାଗିଛନ୍ତି ଆଉ କିଛି ବଞ୍ଚିବା ପାଇଁ ସଙ୍ଘର୍ଷ କରୁଛନ୍ତି। ହେଲେ ଜାଣି ପାରୁନି ଏହି ଅଶୁଦ୍ଧ ବାୟୁ, ପ୍ରଦୂଷିତ ପରିସଂସ୍ଥା ଓ ବିଷାକ୍ତ ପାଣି ସାଙ୍ଗକୁ ନୂଆଁ ନୂଆଁ ମାରାତ୍ମକ ରୋଗର ସୃଷ୍ଟିକୁ ନେଇ ବଞ୍ଚିବ କେମିତି? ନିଜର ଆଗାମୀ ପିଢ଼ିର ଭବିଷ୍ୟତ କଣ ରହିବ? ସ୍ୱାର୍ଥରେ ବୁଡି ଆଗାମୀ ପୀଢ଼ିର ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତର କଳ୍ପନା କରି ପରୋକ୍ଷରେ ବିଷ ବଳୟ ତିଆରି କରିଚାଲିଛି। ଆଜିର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ବୃକ୍ଷ ସମ୍ପଦର କ୍ଷୟ। ଏକଦା ବୃକ୍ଷ ଥିଲା ମାନବର ପ୍ରଥମ ବନ୍ଧୁ। ମାନବ ସଭ୍ୟତାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଜୀବନ ଧାରଣ, ଗୃହ ନିର୍ମାଣ ପାଇଁ ସେ ବନ୍ଧୁତ୍ୱର ଅମୀୟ ରଜ୍ଜୁକୁ ଛିଡେଇ ତାକୁ ନିର୍ମମ ଭାବରେ ହତ୍ୟା କରି ଚାଲିଛି। ତାର ଆତ୍ମୀୟତା, ଉପାଦେୟତା ଓ ଉପଯୋଗିତାକୁ ଆଜି ପର୍ଯ୍ୟନ୍ତ ବୁଝି ପାରୁନାହିଁ ଏହି ଆଧୁନିକ ସଭ୍ୟତାର ମଣିଷ ଜାତି।

ଏହି ମାନବ ସଭ୍ୟତା, ଜଙ୍ଗଲ କ୍ଷୟ ଦ୍ୱାରା ଅନେକ ସମସ୍ୟାର ସମ୍ମୁଖୀନ ହେଇ ଆସୁଛି। ଜଙ୍ଗଲ ସମ୍ପଦ କମିବା ଫଳରେ ବୃକ୍ଷ ଗୁଡ଼ିକ ଲୋପ ପାଇଯାଇଥିବାରୁ ବୃଷ୍ଟିପାତ ହ୍ରାସ ଘଟୁଛି। ଫଳ ସ୍ୱରୂପ ମରୁଡି ଓ ଦୁର୍ଭିକ୍ଷ ଡେଣା ମେଲାଇ ବସୁଛି। ବୃକ୍ଷ ସମ୍ପଦ କମିବା ଫଳରେ ବାୟୁ ମଣ୍ଡଳରେ ଦିନକୁ ଦିନ ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସ୍ ବୃଦ୍ଧି ପାଇବା ସହ ଜୀବନ ବଞ୍ଚିବା ପାଇଁ ନିହାତି ଜରୁରୀ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। ଏବେ ଯଦି ସତର୍କ କିମ୍ବା ଚିନ୍ତା ନକରିବା ତେବେ ଯେତେ ଅମ୍ଳଜାନ ନିର୍ମାଣ କାରଖାନା ରହିଲେ ମଧ୍ୟ ଭବିଷ୍ୟତରେ ଅମ୍ଳଜାନ ଅଭାବରେ ଛଟପଟ ହେଇ ମରିବା ଥୟ । ଖାଲି ଯେ ମଣିଷ ସଭ୍ୟତା ହଇରାଣ ହେବ ତାହା ନୁହେଁ ବୃକ୍ଷ କ୍ଷୟ ଦ୍ୱାରା ପରିବେଶ ଭାରସାମ୍ୟ ମଧ୍ୟ ରକ୍ଷା କରାଯାଇପାରିନାହିଁ। ବନ୍ୟ ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଜଙ୍ଗଲ କ୍ଷୟ ଦ୍ୱାରା ଜଙ୍ଗଲ ପରିସଂସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟୟ, ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁ ଆଉ ସହରକୁ ପଶି ଆସିଯାଉଛନ୍ତି । ଅନେକ ସମୟରେ ମଣିଷ ବନ୍ୟ ଜୀବଜନ୍ତୁ ମଧ୍ୟରେ ଦ୍ୱନ୍ଦ୍ୱ ହେଉଛି । ଅନେକ ଜୀବନ ନଷ୍ଟ ହେଉଛି । କେବଳ ଯେ ଜୀବଜନ୍ତୁ ନୁହେଁ ଜଙ୍ଗଲ ସମ୍ପଦ କ୍ଷୟ ଦ୍ୱାରା ଔଷଧୀୟ ବୃକ୍ଷ ତଥା ଝୁଣା, ହରିଡା, ବାହାଡ଼ା, ଅଁଳା, ମହୁ, ଲାଖ ପ୍ରମୁଖ ଦ୍ରବ୍ୟର ଅଭାବ ସୃଷ୍ଟି ହେଉଛି। ବୃକ୍ଷ କ୍ଷୟ ମଧ୍ୟ ମୃତ୍ତିକା କ୍ଷୟର ଏକ ପ୍ରମୁଖ କାରଣ । ଜଳବାୟୁର ଦ୍ରୁତ ପରିବର୍ତ୍ତନ ଯୋଗୁଁ ପରିବେଶକୁ ସନ୍ତୁଳନ ରଖିବା ପାଇଁ ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥିବା ଅନେକ ଜୀବ ଲୋପ ପାଇବାକୁ ବସିଲାଣି । ଏହି ଭଳି ଯଦି ଲାଗି ରୁହେ ଆଗାମୀ ଦିନରେ ପୃଥିବୀର ଅବସ୍ଥା କଣ ହେବ? ବଞ୍ଚିବା ପାଇଁ ଆବଶ୍ୟକ ଥିବା ସମସ୍ତ କାରକ ଅଭାବରେ କଣ କେବଳ ମଣିଷ ସଭ୍ୟତା ତିଷ୍ଠି ରହିବା ସମ୍ଭବ? ତେଣୁ ଏକ ସୁସ୍ଥ ସନ୍ତୁଳନ ପରିବେଶ ଆବଶ୍ୟକ ଅଛି। ଆସନ୍ତା କାଲିର ଭବିଷ୍ୟତ ପାଇଁ ଆଜି ହିଁ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ। ଆସନ୍ତୁ ଏବେ ବି ସମୟ ଅଛି ନିଜର ଆଗାମୀ ପିଢ଼ିର ସୁସ୍ଥ ଭବିଷ୍ୟତ ପାଇଁ ଟିକେ ଚିନ୍ତା କରନ୍ତୁ। ବର୍ତ୍ତମାନ ପରିବେଶ ସୁରକ୍ଷା ଏକ ଗପ କି କାହାଣୀ ନୁହେଁ ବରଂ ଏକ ଆହ୍ୱାନ, ଏକ ଉତ୍ତର ଦାୟିତ୍ୱ ସହ ଏକ କର୍ତ୍ତବ୍ୟ ହେଇଯାଇଛି। ତେଣୁ ଅତି ଗଭୀରରୁ ଗଭୀର ଭାବରେ ବିଚାର କରି ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ଜଣେ ଜଣେ ଯୋଦ୍ଧା ହୁଅନ୍ତୁ। ବିକାଶ ନାଁରେ ବିନାଶ କରନ୍ତୁ ନାହିଁ। ଅଧିକରୁ ଅଧିକ ବୃକ୍ଷରୋପଣ କରି ଚାରାରୁ ମହାଦ୍ରୁମ ହେବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରନ୍ତୁ। ଅଟ୍ଟାଳିକା ନିର୍ମାଣ ପାଇଁ ଅଯଥା ପ୍ଲଟିଂ ନାମରେ ଚାଷ ଜମି କି ଜଙ୍ଗଲ ନଷ୍ଟରୁ ନିବୃତ ରୁହନ୍ତୁ। ଯଥା ସମ୍ଭବ ମଟର ଯାନ କମ୍ ବ୍ୟବହାର ଓ ଜଳ ସଂରକ୍ଷଣ କରନ୍ତୁ। ଜୈବ ଇନ୍ଧନ ସୁରକ୍ଷିତ ରଖନ୍ତୁ, ପ୍ଲାଷ୍ଟିକର ବ୍ୟବହାର କମ୍ କରନ୍ତୁ। ପଶୁପକ୍ଷୀଙ୍କ ସହ ବନ୍ଧୁତା କରନ୍ତୁ। ନିଜେ ବଞ୍ଚିବା ସହ ସେମାନଙ୍କ ବଞ୍ଚିବା ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ। ବିଷାକ୍ତ ଖାଦ୍ୟ ବଳୟରୁ ମୁକ୍ତି ନିମନ୍ତେ ଜୈବିକ ପଦ୍ଧତିର ଖତ ପ୍ରସ୍ତୁତି କରି ଚାଷ ଜମିକୁ ଉର୍ବର କରନ୍ତୁ। ବାୟୁ ମଣ୍ଡଳରେ ବୃଦ୍ଧି ପାଉଥିବା ଅଙ୍ଗାରକାମ୍ଳକୁ ନିୟନ୍ତ୍ରିତ କରିବା ପାଇଁ ସାଇକେଲର ବହୁଳ ବ୍ୟବହାର କରିଚାଲନ୍ତୁ। ଆବର୍ଜନା ବା ବର୍ଜ୍ୟବସ୍ତୁ ପରିମାଣ ହ୍ରାସ କରନ୍ତୁ। ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ ଓ ପୁନଃ ବିନିଯୋଗ କରିବାପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ। ଏହି ସବୁ କରିପାରିଲେ ନିଜ ଭବିଷ୍ୟତ ନିଜ ପରିବାରର ଭବିଷ୍ୟତ ସୁସ୍ଥ ରହିବା ସହ ଆଗାମୀ ବଂଶଜ ପାଇଁ ସୁରକ୍ଷିତ ଓ ଅମୃତମୟ ହୋଇ ରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସବୁ ଲାଗେ ନୂଆ ନୂଆ

*ଆଦ୍ୟାଶା ମହାପାତ୍ର*

ନୂଆ ଅଭ୍ୟାଗତ ଆସିବେ ବୋଲି ତ ବାଜିଲାଣି ସାହାନାଇ
ସଜେଇ ହେଲେଣି ଧରିତ୍ରୀ ଆକାଶ ପାହାଡ଼ ସମୁଦ୍ର ନଈ,
ମଙ୍ଗଳ ପ୍ରଦୀପ ଜାଳି ରଖିଲେଣି ନହୁଲି ଫୁକିଆ ତାରା
ପକ୍ଷୀଙ୍କ ସ୍ୱରରେ ଆବାହନୀ ଗୀତି ପୁଲକିତ ସସାଗରା

ନୂଆ ବାସ୍ନା ଧରି ପବନ ଉଚ୍ଚାଟ ଶୁଭିଲାଣି କୁହୁ କୁହୁ
ଛିଟ ପ୍ରଜାପତି ଉଡି ବୁଲିଲେଣି ପିଇବାକୁ ନୂଆ ମହୁ,
ପ୍ରୀତି ବାଣ୍ଟିବାକୁ ଭ୍ରମଇ ଭ୍ରମର ସୁର ତାନେ ଗୀତ ଗାଇ
ପ୍ରକୃତି ସଜ୍ଜିତ ନୂଆ ଅତିଥିଙ୍କ ଶୁଭ ଆଗମନ ପାଇଁ

ପଦାର୍ପଣେ ତାଙ୍କ ଏ ବିଶ୍ୱ ଭୁବନୁ ହଟିଯିବ ଦୁଃଖ ରାତି
ଅନ୍ତର ପ୍ରଦେଶୁ ଅନ୍ତରୀକ୍ଷ ଯାଏଁ ଶୁଭଇ ସ୍ୱାଗତ ଗୀତି,
ଭାଟ ସାଜି ଆସି କୁଆ କୁମ୍ଭାଟୁଆ ଯାଆନ୍ତି ବାରତା ଦେଇ
ଗଭାକୁ ସଜାଇ ପ୍ରତୀକ୍ଷାରେ ଉଭା ଗେଣ୍ଡୁ, ମଲ୍ଲି ଯୁଇ ଜାଇ

ନୂଆ ବରଷଟେ ଅତିଥି ରୂପରେ ଆସେ ଯେଣୁ ଧରା ଝଳେ
ନୂଆ ଅଙ୍ଗୀକାରେ ନବୀନ ସପନ ପ୍ରତିଟି ମନରେ ଖେଳେ,
ନୂତନ ଆଶ୍ୱାସେ ସେ ଅତିଥି ଆସେ ଲଗାଇ ସତେକି ମାୟା
ଭୂମି ଠାରୁ ଭୂମା ଦୃଷ୍ଟି ପରିସୀମା ସବୁ ଲାଗେ ନୂଆ ନୂଆ ।

*ନୂଆପଡ଼ା, କଟକ*

## ନବବର୍ଷ

*ଡକ୍ଟର ମନୋରଞ୍ଜନ ବିଷୋୟୀ*

ରଜନୀର ଯୋନି ଚିରି
ଆସିବାର ପ୍ରୟାସରେ
କଥା କୁହେ ନବବର୍ଷ
ତା' ସ୍ୱାଗତ ଲାଗି
ଅନେକ ସମ୍ଭାର ନେଇ
ପ୍ରତୀକ୍ଷାମାଣ ଏ ମନ
ଆସିବାଟା କିପରି ?
କାହିଁକି ?
ନୂଆ ଲାଗି ସବୁକଥା
ଆଗ୍ରହୀ ମନ ତଳେ ରୂପନିଏ
ବାସନାର ଝଙ୍କାର ତୋଳି ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ଖଲ୍ଲିକୋଟ ଏକକ*
*ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ମୋ:୮୮୯୫୧୪୧୭୨୭*

## ଏ ବର୍ଷର ଶେଷ କବିତା

*ଡ. ଦୀପକ କୁମାର ମିଶ୍ର*

ମୁଁ ଜାଣେ
ଆଜିଯାଏଁ ଲେଖି ପାରିନି ବିଶେଷ କିଛି
କାହା ହୃଦୟକୁ ସରୁ ସିଆରଟେ କାଟି
ମଡ଼େଇ ପାରିନି ପ୍ରେମର ଆଞ୍ଜୁଳାଏ ପାଣି
ଯାହା ବି ଲେଖିଛି ଅଳ୍ପ ବହୁତ
ମନେହୁଏ ଅର୍ଣ୍ଣବକୁ ଅର୍ଦ୍ଧପୂର୍ଣ୍ଣ ଶଙ୍ଖଟିଏ ପରି

ଏହା ମଧ୍ୟ ଭଲଭାବେ ଜାଣେ ଯେ
ବହୁବାର ଭାବ ଅପପୁଷ୍ଟିର ଶିକାର ହୋଇ
ଛଟପଟ ହେଉଥିବା
କବିତା ମାଧୁର୍ଯ୍ୟର ରୁଗ୍ଣ ପ୍ରେମୀଟିଏ ମୁଁ
ଯିଏ କବିତାକୁ ଖୁବ୍ ଭଲପାଏ
ନୁଖୁରା ଯୌବନରେ
କେଉଁ ମନେଇ ଝିଅକୁ ଭଲ ପାଇଲା ପରି

ସମର୍ପିତ ସ୍ୱୀକାରୋକ୍ତିରେ ବରଂ କହିରଖେ
ସମ୍ପର୍କର ଅଭାବପଣ ଓ ବିରୋଧାଭାସକୁ ହିଁ
ମୁଁ ମୋ କବିତାରେ ଲେଖେ
ହୁଏ ତ ହୋଇପାରେ କେବଳ ମୋ ପାଇଁ
କାରଣ ଦିନେ କୈବଲ୍ୟ ଓ କବିତା ମଧ୍ୟରୁ
ମୁଁ କବିତାକୁ ହିଁ ବାଛିଥିଲି
ଅପୂର୍ଣ୍ଣତାର ଚିର ଆହ୍ଲାଦରେ

ଯେତେବେଳେ ସାରା ଦୁନିଆ
ମତେ ମାଡ଼ି ମକଚି ଫିଙ୍ଗିଦେଇଥିଲା
ଦୁର୍ଦ୍ଦିନର ଅଳିଆଗଦାରେ
ହୀନମନ୍ୟତାର ହାଣରେ
ସରି ସରି ଆସୁଥିଲା ଜୀବନର ସରଗମ୍
ଅକାମି କରିଦେବାକୁ ଚକ୍ରବ୍ୟୁହ ରଚ୍ଚସରିଥିଲା
ଜୀବନର ଦ୍ୱନ୍ଦ୍ୱଯୁଦ୍ଧରେ

ମତେ ତା କୋଳକୁ ଟାଣିନେଇ
ପ୍ରବୋଧି ଥିଲା କବିତା
ବଞ୍ଚିବାର ମହାମୃତ୍ୟୁଞ୍ଜୟ ମନ୍ତ୍ରଟି ଶିଖେଇ

ଅତୀନ୍ଦ୍ରିୟ ଉଜାଗରଟିଏ ଛଡ଼ା
କବିତା ମତେ କିଛି ବି ମାଗିନି ଆଜିଯାଏଁ
ମା' ଦୁଧଭାତ ବଳେଇ ଖୋଇଦେଲା ପରି
ପ୍ରେମିକାର ଆଖିର ହିରଣ୍ମୟୀର ଚାହାଣିଟେ ପରି
ସିଏ ହିଁ ଭାବକୁ ଉସେଇଁ ଶବ୍ଦ ଖୋଜେ
ମୋ ହାତକୁ ବଢ଼େଇଦେଇ
କହେ – ପାଗଳା ଟା,
ନେ ଗଣ୍ଡେ ଲେଖ ଆବୁରୁଜାବୁରୁ ....ମୁଁ ଅଛି

କେତେବେଳେ ଅଝଟ ପ୍ରେମିକା
କେତେବେଳେ ଛୁଆ ରଙ୍କୁଣୀ ମା'
ମୁଣ୍ଡ ଉପରେ ହାତ ଥୋଇ, ବୋକ ଦେଇ,
କାନିରେ ମୁହଁ ପୋଛି କହେ–
ଚାଲ, ଜୀବନର ସବୁ ଅଡୁଆଖିଅର
ସମାଧାନ ସୂତ୍ର ମୋ ପାଖରେ ଅଛି

କବିତା ମୋର ଅହଂ ନୁହେଁ, ଆତ୍ମା
ବେଉସା ନୁହେଁ, ବୋଧିସତ୍ତା
ପରିଚୟ ନୁହେଁ, ପ୍ରତିବିମ୍ବ
ସତେକି ଫେରିବା ଠିକଣା ଭୁଲିଯାଇଥିବା
ପ୍ରବାସୀ ଶୀତପକ୍ଷୀଟିଏ,
କବିତା ମୋ ପାଇଁ
ଯୌଗିକ ରାସାୟନିକ ଉପାଦାନରେ ଗଢ଼ା
ସୌଖିନ ପଦାର୍ଥଟେ ନୁହେଁ
ବରଂ ଦୈନନ୍ଦିନ ଜୀବନଚର୍ଯ୍ୟାରେ
ବଞ୍ଚିବାର ସରଳ ଉପାୟଟିଏ କେବଳ ।

*ଭୁବନେଶ୍ୱର*

## ଜାନୁଆରୀ ଏକ



*ଚନ୍ଦନ କୁମାର ଦାସ*

ଜାନୁଆରୀ ଏକ
ମୋର ପୁରୁଣା ହେବାର ଇଚ୍ଛା ହିଁ
ତୁମକୁ ନୂଆ କରି ଗଢ଼ି ତୋଳେ

ମୁଁ ପୁରୁଣା ହେଲେ ବି
ତୁମକୁ ଛୁଇଁବାର ପ୍ରତ୍ୟାଶା ହିଁ
ମୋତେ ନୂଆ କରି ତୁମ ଅଗଣାର
ଇପ୍ସିତ ଅତିଥିଟିଏ ସଜାଏ
ତୁମକୁ ପ୍ରତିଥର ସ୍ମୃତିର ସଜ ଫୁଲିଟିଏ
ଦେବି ବୋଲି ଭାବି ଦେଇ ପାରେନି ବୋଲି ତ
ତୁମେ ଆଉ ଥରେ ଲେଉଟି ଆସ
ପୁଣି ନିରାଶ ହୋଇ ଫେରିଯାଅ
ତୁମ ଫେରିବା ରାସ୍ତାରେ କିନ୍ତୁ ମୁଁ ବିଛାଇ ଦିଏ
ଲୋହିତ ଏକ ସୁଦୀର୍ଘ ରକ୍ତର ଚାଦର,
ବିଞ୍ଛିଦିଏ କିଛି ଅର୍ବାଚିନ ଶଠତାର ଅବାଞ୍ଛିତ ଅତର
ତୁମେ କିନ୍ତୁ ଚୁପ ଚାପ ମୋଠୁଁ ମାଗି ନିଅ
ପୁଣି ସେହି ବେହିସାବ ବେଦନା, ପ୍ରାଣଭରା ପ୍ରତାରଣା
ଅତୃପ୍ତ ଅସୂୟା, ଚିତ୍ରିତ ଛଳନା ଓ ବିଚ୍ଛେଦର ବିଭାବନା
ତୁମକୁ ଦେବା ଠାରୁ ତୁମ ନିର୍ବିବାଦ ନେବାର ନିରାଶାରେ
ମୁଁ ଏ ଯାଏ ବନ୍ଦୀ
ହେ ଜାନୁଆରୀ ଏକ !
ତୁମ ଏକତ୍ୱର ଆକାଶ ତଳେ
ମୁଁ ସଂପର୍କର ବିଖଣ୍ଡିତ ଦିଗ୍‌ବଳୟ
ମୋତେ ଆଲୋକ ଦିଅ, ଦିଅ ଉଡ଼ିବାର ସାହାରା
ମୋତେ ବନ୍ଧନ ଦିଅ, ଦିଅ ଏକ ଈକ୍ଷିତର ଇସାରା ।

*ଭୋଗରାଇ, ବାଲେଶ୍ୱର*
*ମୋ- ୮୧୧୪୩୪୫୯୮୮*

## ଛକ ...

*ଇଂ ବିଜୟ କୁମାର ସେନାପତି*

ଛକରୁ ଛକ,ଏ ଛକରୁ ସେ ଛକ
ସବୁଥର ଛକ ପାଶେ ରୋକିଥାଏ ଆଖି
କାଳେ କିଏ ଦେଖାହେବେ ଚିହ୍ନାଲୋକ
ପଛରୁ କି ଦେବେ କିଏ ଡାକି ?
ରାସ୍ତା ସାରା କେତେ କେତେ ଛକ
ସେ ଛକ ସବୁରେ ଥାଏ ଭିନ୍ନଭିନ୍ନ
ଇତିହାସ, ନିଆରା ସଉକ ।

ମନଗଢା ହେଉ ପଛେ ଇତିହାସ ତା'ର
ଅବା ହେଉ ଷୋଳଅଣା ମାର୍କା ସତକଥା
ଟହଲୁଥିବା ଚରିତ୍ର ଅବିରତ ବଖାଣନ୍ତି
ସେ ଛକର ଜନ୍ମଗାଥା ଆଉ ମହାନତା
କୋଉଠି କା ସ୍ୱପ୍ନବଳେ ଲିଙ୍ଗହୋଇ ଉଭା,
ପାଉଥାନ୍ତି ପୂଜା ପୁଣି ପାଞ୍ଚ ହାତି ଗୁମୁଟିରେ
ଉଡାଇଣ ତାଙ୍କ ଧର୍ମଧ୍ୱଜା

ବୁଢା ବରଗଛ ଥିଲେ, ଥିବ ତା'ର
ମୋଟାମୋଟା ଅସଂଖ୍ୟ ଓହଳ
ସେ ଓହଳେ ରାତିହେଲେ କାଳେ କେବେ
ଓହଳନ୍ତି ଭୂତ ଓ ବେତାଳ
ଗଛ ମୂଳେ ନାଲିଶାଢି ପିନ୍ଧା ଉଭା
ହୋଇ ମା ମଙ୍ଗଳା,
ଉଦେହୋଇ ନାଶିଥାନ୍ତି ଭୂତ, ପ୍ରେତ
ପିଶାଚଙ୍କ ଖେଳା ।

ଛକରୁ ଲମ୍ବିଛି ରାସ୍ତା କେତେ ଆଡେ
ଅସରନ୍ତି ଅଲଂଘ୍ୟ ସେ ପଥ
ପଥରର ଛାତିନେଇ ଧରିରଖେ ସଭିଙ୍କୁ ସେ
ଆବୋରିଣ ଦମ୍ଭ ତା' ଅନେକ
ପଥିକ ଯେ ହେଲେ ହେଉ ଚିହ୍ନା କି ଅଚିହ୍ନା !

ସମଭାବେ ଆପ୍ୟାୟିତ କରେ ସିଏ
ମଣିଥାଏ ସଭିଙ୍କୁ ଆପଣା

ଖୋଜୁଥାଏ କିଏ ସେଠି ହଜିଥିବା କାନଫୁଲ
ପାଦର ଝୁମୁକା
ପାଇଥାଏ ଖୋଜୁଖୋଜୁ ହଜିଥିବା ସମ୍ପର୍କର
ଖିଅଟି ଯା ଏକା
ଦିଲ୍ଲୀରୁ ପଲ୍ଲୀର କଥା ହୁଏ ଫେଣ୍ଟାଫେଣ୍ଟି,
ରାଜନୀତି ସିନେମାକି କ୍ରିକେଟର ଚର୍ଚ୍ଚା ସବୁ
ନିକମା ମଣିଷଙ୍କର ଉଚ୍ଚବାଚ ସେଠି

କେବେ ଥାଏ ଭିଡ ଓ ଗହଳି ସେଠି
କେବେ ପୁଣି ତୁଚ୍ଛା ନିର୍ଜନତା
କେବେ ହର୍ଷୋତ୍ଫୁଲ୍ଲ ସିଏ, କେବେ ପୁଣି
ଗ୍ରାସେ ତା'ରେ ମୃତ୍ୟୁ, ଶୋକ ବ୍ୟଥା
ବତୀଖୁଣ୍ଟ ପରେ ଜଳେ ତୋଫା ଜହ୍ନ
ଏଲିଡି ଆଲୁଅ,
କେବେପୁଣି ଅନ୍ଧାରର ଉହାଡରେ ଚାଲୁଥାଏ
ବ୍ୟଭିଚାର, ଚୋରା ମଦ ସୁଅ

ଯେଉଁଦିନ ବୁଲା କାଳିକୁତ୍ତି ଛୁଆ
ଗାଡିଦେଲା ଚକତଳେ ଚାପି
ମାଆ ତା'ର ବାହୁନିଲା ତା ପାଶରେ
ମୁହଁଟେକି ଭୁକି
ଖାଇବା ପିଇବା ଭୁଲି ରହିରହି କାନ୍ଦି,
ଆକାଶକୁ ଚାହିଁ ଅବା ଶାପଦେଲା
ଈଶ୍ୱରଙ୍କୁ ନିନ୍ଦି

ସେବେଳର ମୁକ ସାଖୀ ଏଇ ଛକ
ମନେମନେ ନିଶ୍ଚେ କାନ୍ଦିଥିବ
ମାଆକୁ ତା ମମତାର ପ୍ରତିଦାନ

କିଏ ଅବା ଫେରାଇ ପାରିବ ?
ଜନମ ଓ ମରଣର ଖେଳ,
ନା ବୁଝିଛି କିଏ ଏଠି, ଅଛି ଅବା ବୁଝିବାକୁ
କାହାକୁ ଯେ ବେଳ ?

ନୂଆନୂଆ ଶାଢିପିନ୍ଧା ଶିଖିଥିବା କିଶୋରୀର
ଲାଜୁଆ ଚାହାଣୀ
ଚାଲୁଚାଲୁ ଝୁଣ୍ଟୁଥିବା ବୟସର ଅଲେଖା ଓ
ଅଶୁଣା କାହାଣୀ
ଘୁରିଘୁରି ଦେଖୁଥିବା ଆଖିଙ୍କର ଭିଡ,
ଛକ ପରେ କୁରୁସଭା
ଆୟୋଜିତ ହେବାପରି
ଶକୁନିଙ୍କ ପଶାପାଲି ଖେଳ ଖଡଖଡ

ଏହି ଛକ ସାଖୀ ଅଛି ଯାଏ ଯେବେ
ବିଦେଶ ତରୁଣ
ଗାଆଁ ମାଟି ମୋହ ତେଜି ରୋଜଗାର
ପନ୍ଥା ପାଇଁ ଜାଣ
ଛାତିର କଳିଜା ସତେ ଯାଉଥାଏ ଚିରି,
ଅମାନିଆ ଆଲୁହ ଓଦା କରେ
ଝରିଝରି ଛକ ମାଟି ଧୂଳି

ବିଦେଶରୁ ଟଙ୍କାଧରି
ଯେବେସିଏ ଖୁସିମନେ
ଘରକୁ ତା ଫେରେ
ଗାଆଁ ମାଟି ଛୁଇଁବାର ଲାଳସା ତା ଏହି ଛକ
ଫଳବତୀ କରେ
ଛକ ତାକୁ ପ୍ରଶ୍ନ ପଚାରଇ,
କାହିଁକି ଫେରିଛ ଆଜି ଭଗ୍ନସ୍ୱାସ୍ଥ୍ୟ,କ୍ଷୀଣ ଦୃଷ୍ଟି
ଶୁଷ୍କ ଚର୍ମ ନେଇ ?

ଛକ କିନ୍ତୁ ହସୁଥାଏ ନିତିନିତି
ନୂଆ ନୂଆ ପରିପାଟି ନେଇ,
ଅବୟବ ବଢେ ତା'ର ଦିନୁଁଦିନ
ସଙ୍କୁଚିତ କେବେ ସେ ନ ହୋଇ
ବିକଶିତ ହେଲେ ରାଜ୍ୟ, ଦେଶ
ଛକ ମୁହେଁ ଫୁଟିଥାଏ ଅସରନ୍ତି
ମଲ୍ଲିଫୁଲ ହସ ।

*ଜି-୧୯,ସେକ୍ଟର-୨,ରାଉରକେଲା-୬*
*ମୋ-୮୮୯୫୫୦୦୯୯୨*

## ଗାନ୍ଧାରୀର ଲୁହ



*ବବିତା ଦାଶ*

କେତେଦିନ ଆଖିବାନ୍ଧି ରହିବୁ ଗାନ୍ଧାରୀ ?
ପାଣ୍ଡବେ ଫେରିଗଲେ
ଅଭିମାନର ଗଣ୍ଠିଲିରେ ଚାଲିଗଲା ଧର୍ମ
ଧର୍ମଛଡା ରାଜ୍ୟର ହେଉଚି ଅଭିଷେକ
ଛଅ ଚାରି ଛଅ ଚାରି, ଅଧର୍ମର ପଶାପାଲିରେ
ଖେଳୁଚି ସମୟ

ରାଜରାସ୍ତାରେ ଲୋଟୁଚି ଭୁଆସୁଣୀର ଉଲଗ୍ନ ଶରୀର
ଫେରୁଚି ସାରୀ, ବାଘମାମୁଁ କହିଚି
ଖାଇବ ମଙ୍ଗନେ ହାଣ୍ଡିଏ ପିଠୋଉର ପିଠା
ସଜା କୋକେଇରେ ବାପାର କାନ୍ଧ
ରାମନାମ ସତ୍ୟ'ରେ କାନ୍ଦୁଚି ସହର
ମା' କହୁଚି ମୋ ଝିଅର ବାହାଘର !



ଦୁଶାସନର ଅଟ୍ଟହାସ୍ୟରେ କମ୍ପୁଚି ମେଦିନୀ
ଭୀରୁ କାପୁରୁଷ ମାପୁଚି
କୁମାରୀ ଦେହର ଉଷ୍ମତା
ମଶାଣୀର ବିଳାପ'ରେ ତଟସ୍ଥ ପୃଥିବୀ
ଅମାବାସ୍ୟାର ଆବରଣେ
ଅଦୃଶ୍ୟ ପୂର୍ଣ୍ଣମୀ

କେତେକାଳ ଆଉ ବୃଦ୍ଧଭୀଷ୍ମର ଶରଶଯ୍ୟା ?
ନଇଁବ ନଇଁବ ହେଉଚି ସିନା ସଞ୍ଜ
ଦିନ, ଦେଉଚି ସମୟର କଣ୍ଟ
କହ ଗାନ୍ଧାରୀ ଲୁହ କଣ ମାପିପାରେ
ଲହୁର ଓଜନ ?

*ଫୋନ-୯୧ ୭୯୭୮୩ ୬୮୮୨୫*

## ନୂଆ ବର୍ଷକୁ ସ୍ୱାଗତ ପାଇଁ



*ଚିତ୍ତରଞ୍ଜନ ବେହେରା*

ପୁରୁଣା ବର୍ଷକୁ
ବିଦାୟ ଦେଉଥିବା ବେଳେ
ଆଖିରୁ ଲୁହ ଆସି ଯାଉଥିଲା
ମନେ ପଡ଼ି ଯାଉଥିଲା
ତା ସହିତ ବିଦାୟ ଦେଉଥିବା
ଗତବର୍ଷ ସେ ପୁରୁଣା ମିଠା
ସ୍ମୃତିକୁ..... !!

ମନରେ ନାଚି ଉଠୁଥିଲା
ତା ପାପୁଲିରେ ମୋ ପାପୁଲିର
ନବ ବର୍ଷକୁ ସ୍ୱାଗତ କରିବାର
ସେ ଅନ୍ତରଙ୍ଗ ମୁହୂର୍ତ୍ତକୁ
ସେ ଅତୀତକୁ
ତା ସହିତ ବିତିଥିବା ସେ ଅଭୁଲା
ସ୍ମୃତିକୁ.... !!

ଏ ସହରଟା ଶୋଇ ଯାଇଥିଲା
ନିଘୋଡ଼ ନିଦରେ
ସେ ମୋତେ କହୁଥିଲା...ଏ ଉଠ
ନବ ବର୍ଷକୁ ସ୍ୱାଗତ କରିବା
ଆମ ନୂଆ ଜୀବନ ଆରମ୍ଭ କରିବା..
ଯାହା ଆଜି ମୋ ପାଇଁ
ସ୍ୱପ୍ନଠୁ ବି ଦୂରରେ.... !!

ନବବର୍ଷ ନ ହେଉଣୁ
ମେଞ୍ଚା ମେଞ୍ଚା ତା ଅଭିନନ୍ଦନ ପତ୍ର
ଆଉ ପେନ୍ଥା ପେନ୍ଥା ଗୋଲାପରେ ସଜ୍ଜିତ
ରକ୍ତରେ ଲେଖା ତା କୋମଳ ହୃଦୟର
ସାଧା କାଗଜରେ ଲେଖା ଥିବା
ମୋ ନାଁ..... !!

ଆଜି ନୂଆ ବର୍ଷ ଆସିଛି
ସେ ବି ହସୁଛି
ମୋତେ ବି ଦେଖୁଛି
ଫରକ ଖାଲି ଏତିକି
ସେ ଅନ୍ୟ କାହା ଅଗଣାରେ
ଆଉ କାହା ସାଥେ
ନୂଆ ବର୍ଷକୁ ସ୍ୱାଗତ ପାଇଁ
ଅନ୍ୟ କାହା ସିନ୍ଦୂର ନାଇଁ
ସଜେଇ ହେଇ ସେ ଜହ୍ନ ରାତିକୁ
ମୁଁ ଆଖିର ଦି ଟୋପା ଲୁହକୁ ଦେଖି
ଦେଖି
ଅନ୍ୟ କାହା ବାହୁ ବନ୍ଧନରେ ବାନ୍ଧି ହୋଇ
ପୁରୁଣା ବର୍ଷକୁ ବିଦାୟ ଦେଇ
ନୂଆ ବର୍ଷକୁ ସ୍ୱାଗତ ପାଇଁ
ଜହ୍ନକୁ ଚାହିଁ ହସୁଛି..... !!

*ବୌଦ୍ଧ*
*ମୋ- ୯୪୩୮୭୧୦୩୮୭*

## ରାତି ମଝିରେ କବିତା ଖଟି


ସତ୍ୟନାରାୟଣ ଗନ୍ତାୟତ



ନୂଆ ବର୍ଷ ଆସିବ ଆସିବ ହୁଅନ୍ତେ ଯେଉଁ ବହୁ ପ୍ରସାରିତ ଘଷରା ହସକଥାଟି କବି ସର୍ବଜ୍ଞଙ୍କର ମନେ ପଡିଗଲା, ତା' ହେଲା ଏଇ ବର୍ଷଟା ବି ବାର ମାସରୁ ଅଧିକ ଯିବନି ମ !

ସତ କଥା ବର୍ଷକ ପରା ବାର ମାସ । ବାର ମାସ ଶେଷ ବେଳକୁ ବର୍ଷଟି ଆପେ ଆପେ ପୁରୁଣା ହୋଇଯାଇଥାଏ । ବଦଳି ଯିବାକୁ ବାଧ୍ୟ ହୁଏ । ସୁତରାଂ ବର୍ଷ ବଦଳେ । ଅର୍ଥାତ୍ ପୁରୁଣା ବର୍ଷ ସରିଯାଏ ଏବଂ ନୂଆ ବର୍ଷଟିଏ ପୁଣି ଆସିଯାଏ । ଆଗାମୀ ବର୍ଷକ ପାଇଁ ହିଁ ଏମିତି ବର୍ଷ ପରେ ବର୍ଷ ପ୍ରତି ବର୍ଷ ଶେଷରେ ନୂଆ ବର୍ଷ ମାନେ ଆସୁଛନ୍ତି ଓ ଆସୁଥିବେ ମଧ୍ୟ ।

ନିହାତି ଗତାନୁଗତିକ ଏହି ନୂଆ ବର୍ଷ ଆସିବାକୁ ନେଇ କିନ୍ତୁ ନାନା କଥା, ନାନା ବ୍ୟଥା । ନାଇଁ ନଥିବା ଉତ୍ସାହରେ ତଥା କଥିତ ନୂଆ ବର୍ଷକୁ ସ୍ୱାଗତ କରିବାକୁ ଯାବତ୍ ହୋହୋ ଘୋଘୋ ଶୁଭେ । କେତେକ ତ' ଏତେ ଘାଏଁ ମାତି ଯାଆନ୍ତି । ଯେମିତି ଆସିବାର ନିମିଷକ ଭିତରେ ହିଁ ନୂଆବର୍ଷଟି କେବଳ ସେଇ ମାନଙ୍କର ହିଁ ହୋଇଯିବ ।

ତେବେ ଏଇ ନୂଆବର୍ଷ ପାଳନ ମାମଲାରେ କବି ସର୍ବଜ୍ଞ ବି କିଛି କମ୍ ନୁହଁ । ସବୁବେଳେ କ'ଣ ଅଗଡମ୍ ବଗଡମ୍ ସବୁ କବିତା ନାଁରେ ତୁଚ୍ଛା ଧାଡି ପରେ ଧାଡିମାନ ଯାହି ତାହି ଜରୁର ଗାରେଇ ଥାଏ ସେ । ଫେର୍ କୌଣସି ନା କୌଣସି ପତ୍ରିକାକୁ ସେସବୁକୁ ପଠାଇ ପିମ୍ପା ପିମ୍ପା ତେଲ ଇଡି ଛପାଇ ଥାଏ ।

ସେତିକିରେ ବି ସରେନି ତା ସୃଜନଶୀଳତା !

ଛପା ହେଉ ହେଉ ଫେସ୍‌ବୁକ୍‌ରେ ନିଜର ଏହେ ବଡ ଫିଲଟର୍ଡ ଫଟୋଟିଏ ତହିଁରେ ଯୋଡି ଆଖି ଦୃଶିଆ କରି ପୋଷ୍ଟ କରିବାରେ ଆଦୌ ହେଳା କରିନଥାଏ କବି ସର୍ବଜ୍ଞ ।

ଏମିତି ବାରମାସି ଅଷ୍ଟକାଳିଆ ମହାନ୍ କବି ପୁଙ୍ଗବ ସର୍ବଜ୍ଞ ସୁତରାଂ ଏକରକମ ଟାକି ବସିଥାଏ ଫି ବର୍ଷ ବର୍ଷାନ୍ତରେ ହେଉଥିବା ମଧ୍ୟ ରାତ୍ରୀ କବିତା ଆସରକୁ ।

ତ' ଏବର୍ଷ ବି ସବୁ ବର୍ଷ ପରି ଲେଖକଙ୍କ ଯାବତ୍ ଚୁଗୁଲି ଚମଚଗିରିଠୁ ଆରମ୍ଭ କରି ଗୋଛି କଟାକଟି ମନ ଫଟାଫଟିର ମୂକସାକ୍ଷୀ ଭାବେ ପରିଚିତ ଓଲଡ୍ ଟାଉନ୍ ସାହିତ୍ୟ ଖଟିରେ ହେବାର ଥାଏ ମଧ୍ୟ ରାତ୍ରୀ କବିତା ଆସର ।

ସର୍ବଜ୍ଞ ଜାମାଯୋଡ଼ ହୋଇ କିଞ୍ଚିତ ଭିନ୍ନ ପ୍ରଜାତୀୟ କବି ଭାବ ନେଇ ସେଠି ଯୋଗ ଦେବାକୁ ବାହାରିବା ବେଳେ ଏବର୍ଷ କିନ୍ତୁ ତା ପତ୍ନୀ ସୁରମା ତାକୁ ନାନା ରାଣ ନିୟମ ପକାଇ ବାରଣ କଲା । ଆଉ ଝିଅ ଦି ଜଣ ବି ନ ଛୋଡବନ୍ଧା ହୋଇଯିବାକୁ ମନାକଲେ ।

ସାନ ଝିଅ ସୁଇଟି କହିଲା : ବାପା, ସେଠି ଯାଇ ଏ ଶୀତ ରାତିରେ କବିତା ପଢିବା ପୁରୁଣା କାଳିଆ ଲାଗୁନି ? ବରଂ ଏଠି ଆମ ଘରେ ଆମେ ଦି ଭଉଣୀ ବାର୍ଥ ଡେ ପାର୍ଟି ବେଳେ ସଜାଇବା ଭଳି ନିଉ ଇଅର ପାର୍ଟି ପାଇଁ ଆମ ଡ୍ରଇଁରୁମ୍‌କୁ ଏମିତି ସୁନ୍ଦର କରି ସଜାଇ ଦେବୁ ଯେ ଏଠି ଠିକ୍ ମଧ୍ୟ ରାତ୍ରୀ ହେଉ ହେଉ କବିତା ପଢିବ ଓ ତାହା ୟୁଟୁବ୍‌ରେ ବି ଅପ୍‌ଲୋଡ୍ କରିବା ସହ ଫେସ୍‌ବୁକ୍‌ରେ ବି ଲାଇଭ୍ କରିଦେବା ଯେ ସମସ୍ତେ ଦେଖିପାରିବେ ।

ବାସ୍, ତା ସ୍ମାର୍ଟ ସାନଝିଅ ସୁଇଟିର ଏ କଥା ପଦକ ପ୍ରଶଂସା ପାଗଳ କବି ସର୍ବଜ୍ଞ କ୍ଷେତ୍ରରେ କୁହୁକ ପରି କାମ ଦେଲା ଓ ଏବର୍ଷ ଆଉ ଖଟିକୁ ଗଲାନି ସର୍ବଜ୍ଞ ।

ହେଲେ ଏ କଣ ?

ଝିଅ ଦୁହିଁଙ୍କ ସହ ସିଏ ଘରେ ମଧ୍ୟରାତ୍ରୀ ଆସର ପାଳିବାକୁ ସଜବାଜ ହେବା ବେଳକୁ ହଠାତ୍ ତା କବି ବନ୍ଧୁ ବୀରବର ଭିଡ଼ିଓ କଲ୍ କଲା !

ଖଟିରେ ସବୁବେଳେ ତା ଔକାତ ଠଉଁ ଢେର ଅଧିକ ମାପର ବଡବଡ କଥା ମାନ କହିବା ସହ କେଉଁ ଏକ ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ବିଷୋଦ୍‌ଗାର କରି ହାତଗୋଡ ହଲାଇ ଏକ ଭିନ୍ନ ରକମ ବୀରରସପୂର୍ଣ୍ଣ କବିତା ମାନ ବାର୍ ବାର୍ ଦୋହରାଇ ଦୋହରାଇ ବଡ ପାଟିରେ ପଢୁଥିବା ଜନିତ କାରଣରୁ ବୀରକବି ଭାବେ ପରିଚିତ ଥିଲା କବି ବୀରବର !

ତ' ନିଜ ଘରର କାର୍ଯ୍ୟକ୍ରମ ଆୟୋଜନରେ ଅଚାନକ୍ ତାର ଏ ଭିଡିଓ କଲ୍ ଷଣ୍ଢ ପୁରାଇଥିବାରୁ କିଞ୍ଚିତ ରୁଷ୍ଟ ହୋଇଥିଲେ ହେଁ ସର୍ବଜ୍ଞ କଲ୍ ରିସିଭ୍ କରି ବୀରକବି ବୀରବରକୁ ନୂଆବର୍ଷର ଶୁଭକାମନା ଜଣାଇଲା ବେଳେ ଦେଖିଲା ସେଠି ଖଟି ଥାନର ମଝିରେ ଧୁନି ଜାଳି ତା ଚାରିକଡେ ବସିଛନ୍ତି ଖଟିର ବଡ, ମଝିଆ, ସାନ ତଥା ନାମକୁ ମାତ୍ର ପ୍ରଜାତିର ଭଳିକି ଭଳି କବି ଏବଂ ଯେ ଯା କବିତା ଏକା ସଙ୍ଗେ ପଢି ଚାଲିଛନ୍ତି । ସର୍ବଜ୍ଞ ବୁଝିଗଲା ଯେ ସଭିଏଁ ଆପଣା ଆପଣା କବିପଣ ନେଇ ଏକାନଟେ ଗଦଗଦ ଓ ଆପଣା ବାସ୍ନାରେ ଆପେ ବିମୋହିତ ! ତେଣୁ ଏ ସମାହିତ ଅବସ୍ଥା ରାଜୁତି କରୁଛି ଖଟିରେ !!

ଏଥର ବୀରକବି ବୀରବର ସର୍ବଜ୍ଞ ଉଦ୍ଦେଶ୍ୟରେ ଛିଗୁଲାଇବା ପରି ମୁହଁ ବିଚିକିଟିଆ କରି କହିଲା : ହେିରେ, ଡରପୋକ କବି ସର୍ବଜ୍ଞ, ଘରେ ରହିଥା ମୁହଁ ଛପା ଦେଇ ! ଦେଖ ଆମେ କବିମାନେ କେମିତି ବାହାରିଛୁ କବିତା ପଢି ପଢି ହାଡଥରା ଜାଡକୁ ବେଖାତିର କରି ରାତିକୁ ଅକ୍ତିଆର କରିବା ନିଶାରେ !!

*ସୁହାସିତମ୍, କସ୍ତୁରୀ ନଗର,*
*ରାୟଗଡା-୭୬୫୦୦୧*
*ମୋ-୯୪୩୭୯୦୯୬୭୫*

## ବୋଉ ଶୋଇଛି !



*ସଂଯୁକ୍ତା ଦାଶ*

ଏ କି ଅଭାବିତ କଥା
ବୋଉକୁ ତ ଶୋଇବା ଦେଖିନି କେହି
ନିର୍ଜନ ଦ୍ୱିପ୍ରହର କି ନିସ୍ତବ୍ଧ ରାତି
କାଉ କୋଇଲି କି ଆଉ କେଉଁ ରାତ୍ରିଚର ପକ୍ଷୀ
ଯେତେବେଳେ ଡାକ ଦେଲେ 'ଓ' କରୁଥାଏ ବୋଉ
ସିଏ ପୁଣି ଅବେଳରେ ଶୋଇବ କେମିତି ??

ବୋଉ ଶୋଇଛି ବୋଲି
ଝାଉଁଳି ପଡିଛି ତା ପ୍ରିୟ ମନ୍ଦାର ଗଛ
ଠାକୁର ବି ବିଷର୍ଣ୍ଣ ଦିଶୁଛନ୍ତି
ଜୋତା ଷ୍ଟାଣ୍ଡରୁ ପଢା ଟେବୁଲ ଯାଏଁ
ଲୁଗା ଆଲଣାରୁ ଲୁଗା ଶୁଖା ତାର
ସବୁ ଚାହିଁ ରହିଛନ୍ତି ତା ପାଦଶବ୍ଦକୁ
ଆଉ ତା ହାତର ସ୍ପର୍ଶକୁ
ବୋଉ ଦିନ ଯାକ
ତାଙ୍କ ଚାରିକଡେ ଆତ ଯାତ ହେଉଥାଏ
ବୋଉ ଛଡା ଆଉ କାହାର ତାଙ୍କ ଆଡେ ନିଘା ଥାଏ ?

କାମ ସରିଲା ବୋଲି ଭାବିଲା ବେଳକୁ
ଆଉ ଗୋଟିଏ ଆସି ଯାଉଥିବ
ଟିକିଏ ଗଡି ପଡିବାକୁ ହାତ ଗୋଡ ନେହୁରା ହେଉଥିବେ
ସେ ନିଦକୁ ଦୂରକୁ ଛାଟି ଦେଉଥିବ

ବୋଉ ଶୋଇଛି ବୋଲି
ଅବେଳରେ ଚୁଲି ଜଳୁନି
କଲିଂ ବେଲ୍ ବାଜୁନି
ଲାଣ୍ଡ ଲାଇନ୍ ଫୋନ୍ ଏନ୍‌ଗେଜ୍ ରହୁନି
ତରଙ୍ଗ ଚାନେଲ୍ ଚାଲୁନି
'ସମାଜ'ର ଭାଙ୍ଗ ଖୋଲୁନି

ଏତେ କାଳ ହେଲା
ଯେଉଁ ଜରା ବ୍ୟାଧି ଆଳସ୍ୟକୁ
କାବୁ କରି ରଖିଥିଲା
ଏବେ ସେ ନିରସ୍ତ୍ର ଅଭିମନ୍ୟୁ ପରି
ଅସହାୟ ତାଙ୍କ ଚକ୍ରବ୍ୟୁହରେ
ପରିବାରର ଢାଲ ସିଏ
ଜାଣେନା କିନ୍ତୁ ନିଜକୁ ରକ୍ଷା କରିବ
କେଉଁ ଉପାୟରେ

ଷାଠିଏ ବର୍ଷ ହେଲା ଶୋଇନି ବୋଉ
କାହାର ରାତି ଅନିଦ୍ରା ପଢା ଟେବୁଲ୍‌ରେ ଚା
କାହାର ଭୋର୍ ଟ୍ରେନ୍ ପାଇଁ ଜଳଖିଆ
କିଏ ସ୍କୁଲ୍ ଯିବ ସକାଳ ଆଠରେ
କିଏ ଅଫିସ୍ ବାହାରିବ ଆଉ ଘଣ୍ଟେ ପରେ
ପୂଜା ସାରି ଖାଇବା ବେଳକୁ
ଆଉ କିଏ ଘରକୁ ଫେରୁଥିବ

ନା ନା ବୋଉ କେବେ ହାରି ପାରେନା
ସାମାନ୍ୟ ଜରରେ ସେ ଅଣସର ଘରେ ଅଛି
ପୁଣି ଉଭାହେବ ପନ୍ଦର ଦିନ ପରେ
ବିଜେହେବ ତା ସଂସାରର ଘୋଷ ଯାତ୍ରାରେ ।

*ମୋ- ୮୪୨୦୮୯୬୫୪୬*

# କଳା ବ୍ୟାଣ୍ଡ୍ ପିନ୍ଧି ପଡ଼ିଆକୁ ଓହ୍ଲାଇଲେ ଭାରତୀୟ ଖେଳାଳି

**ମେଲବର୍ଣ୍ଣ**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ କ୍ରିକେଟ ଦଳ କଳା ବ୍ୟାଣ୍ଡ ପିନ୍ଧି ପଡ଼ିଆକୁ ଆସିଥିଲେ। ଏହି ଦୃଶ୍ୟ ଦର୍ଶକ ଏବଂ ପ୍ରଶଂସକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିଲା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିବାକୁ ଟିମ୍ ଇଣ୍ଡିଆ ଏହି ପଦକ୍ଷେପ ନେଇଥିଲା। ପଡ଼ିଆରେ ଖେଳାଳିମାନେ ପିନ୍ଧିଥିବା କଳା ବ୍ୟାଣ୍ଡ ଏହାର ପ୍ରତୀକ ଥିଲା ଯେ ଦଳ କେବଳ ଖେଳ ନୁହେଁ ଦେଶ ପ୍ରତି ମଧ୍ୟ ଦାୟିତ୍ୱ ଗ୍ରହଣ କରିଥାଏ। ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଏହି ଦୃଢ଼ ବାର୍ତ୍ତା ଦେଇଛି। ଡକ୍ଟର ମନମୋହନ ସିଂ ଗୁରୁବାର ଡିସେମ୍ବର ୨୦୨୪ ନୂଆଦିଲ୍ଲୀରେ ୯୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ସେ ଭାରତର ଦୀର୍ଘତମ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ। ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ସେ ୟୁପିଏ ସରକାରର ନେତୃତ୍ୱ ନେଇଥିଲେ। ଏହାପୂର୍ବରୁ ୧୯୯୧ରେ ଅର୍ଥମନ୍ତ୍ରୀ ଭାବରେ ସେ ଭାରତର ଅର୍ଥନୈତିକ ସଂସ୍କାରର ମୂଳଦୁଆ ପକାଇଥିଲେ, ଯାହା ଦେଶର ବିକାଶ ଦିଗରେ ଏକ ବଡ ପଦକ୍ଷେପ ବୋଲି ବିବେଚନା କରାଯାଏ।




# ବକ୍ସିଂ ଡେ ଟେଷ୍ଟ: ସଅଳ ୫ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌ରେ ଭାରତ

**ମେଲବର୍ଣ୍ଣ**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଐତିହାସିକ ମେଲବର୍ଣ୍ଣ ଷ୍ଟାଡ଼ିୟମରେ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯାଉଛି। ଗୁରୁବାର ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ଶୁକ୍ରବାର ଦ୍ୱିତୀୟ ଦିନରେ ମଧ୍ୟ ଡ୍ରାଇଭିଂ ସିଟ୍‌ରେ ରହିଛି। ଶୁକ୍ରବାର ଘରୋଇ ଦଳ ପ୍ରଥମେ ୪୭୪ ରନରେ ସମସ୍ତ ୱିକେଟ ହରାଇଥିଲା। ଜବାବରେ ପ୍ରଥମ ଇନିଂସରେ ମୈଦାନକୁ ଓହ୍ଲାଇଥିବା ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା କେବଳ ୧୬୪ ରନ କରି ୫ଟି ବହୁମୂଲ୍ୟ ୱିକେଟ ହରାଇଛି। ଅର୍ଥାତ କଙ୍ଗାରୁ ଦଳଠୁ ଏବେ ୩୧୦ ରନ ପଛୁଆ ରହିଛି ଭାରତ।




ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନରେ ଘରୋଇ ଦଳର ଶୀର୍ଷ ୪ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କିଛି ମାତ୍ରାରେ କମ୍‌ବ୍ୟାକ୍ କରିଥିଲା ଭାରତ। ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ଟି ୱିକେଟ ହରାଇ ଅଷ୍ଟ୍ରେଲିଆ ୩୧୧ ରନ କରିଥିଲା। ଅର୍ଦ୍ଧଶତକ ହାସଲ କରି ସାରିଥିବା ସ୍ମିଥ୍ ଓ ଅଧିନାୟକ ପାଟ କମିନ୍ସ କ୍ରିଜ୍‌ରେ ମହଜୁଦ ରହିଥିଲେ।

ଶୁକ୍ରବାର ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ପକ୍ଷରୁ ମଧ୍ୟ ଚମତ୍କାର ଆରମ୍ଭ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ଦଳର ସ୍କୋର ୭ ୱିକେଟ ବିନିମୟରେ ୪୫୪ ରହିଥିଲା। ତେବେ ମଧ୍ୟାହ୍ନ ଭୋଜନ ବିରତି ପରେ ୧୪୦ ରନର ଦମ୍‌ଦାର ପାଳି ଖେଳିଥିବା ଷ୍ଟିଭେନ ସ୍ମିଥ୍ ଆଉଟ୍ ହୋଇଥିଲେ। ଅଧିନାୟକ ପାଟ୍ କମିନ୍ସ ୪୯, ମିଚେଲ ଷ୍ଟାର୍କ ୧୫ ରନ ଏବଂ ନାଥନ ଲାୟନ ୧୩ ରନ କରି ପାଭିଲିୟନ ଫେରିଥିଲେ। ତେବେ ଅଷ୍ଟ୍ରେଲିଆ ପାଳି ୪୭୪ ରନରେ ଶେଷ ହୋଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ସ୍ୱିଡ୍‌ଷ୍ଟାର ଜସପ୍ରୀତ ବୁମ୍ରା ଚମତ୍କାର ବୋଲିଂ କରି ସର୍ବାଧିକ ୪ ୱିକେଟ ନେଇଥିଲେ। ଜାଡ଼େଜା ୩ଟି ୱିକେଟ ହାସଲ କରିଥିବାବେଳେ ଆକାଶ ଦୀପ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ସଫଳତା ପାଇଥିଲେ।

ଏହାପରେ ପ୍ରଥମ ପାଳି ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା ଭାରତ। ଦଳ ପକ୍ଷରୁ ଯୁବ ଓପନର ଜୈସ୍ୱାଲଙ୍କ ସହ ପାଳି ଆରମ୍ଭ କରିଥିଲେ ଅଧିନାୟକ ରୋହିତ ଶର୍ମା। ହେଲେ ଲୟ ଖୋଜି ପାଉନଥିବା ରୋହିତ କେବଳ ୩ ରନ କରି ଆଉଟ୍ ହୋଇଥିଲେ। ଜୈସ୍ୱାଲଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ବଢ଼ାଉଥିବା ରାହୁଲ ୨୪ ରନ କରି ଆଉଟ ହେବା ପରେ ଆସିଥିଲେ ବିରାଟ କୋହଲି। ଅନ୍ୟପଟେ ଚମତ୍କାର ବ୍ୟାଟିଂ ଜାରି ରଖିଥିବା ଜୈସ୍ୱାଲ ୮୨ ରନ ସ୍କୋର କରିଥିବାବେଳେ ରନ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ।

ସେପଟେ କୋହଲି ଆରମ୍ଭ ଭଲ କରିଥିଲେ ମଧ୍ୟ ପୁଣି ପୂର୍ବ ପରି ଭୁଲ କରିଥିଲେ। ସେ ସ୍କଟ୍ ବୋଲାଣ୍ଡଙ୍କ ଓଭରରେ ଆଉଟ ଷ୍ଟମ୍ପ ବାହାର ବଲକୁ ଖେଳିବାକୁ ଚେଷ୍ଟା କରି କିପର ଆଲେକ୍ସ କ୍ୟାରୀଙ୍କ ହାତରେ ଧରା ପଡ଼ିଥିଲେ। ଏହାପରେ ନାଇଟ ୱାଚ୍‌ମ୍ୟାନ ଭାବେ ପାଳି ବଞ୍ଚାଇବାକୁ ଆସିଥିବା ଆକାଶ ଦୀପ ମଧ୍ୟ ଖାତା ନଖୋଲି ଆଉଟ୍ ହୋଇଯାଇଥିଲେ। ତେବେ ଶୁକ୍ରବାର ଦ୍ୱିତୀୟ ଦିନର ଖେଳ ଶେଷ ହେବା ବେଳକୁ ଭାରତ ୪୬ ଓଭର ଖେଳି ୫ଟି ୱିକେଟ ହରାଇଥିବାବେଳେ କେବଳ ୧୬୪ ରନ କରିଛି। ଋଷଭ ପନ୍ତ (୬) ଓ ରବୀନ୍ଦ୍ର ଜାଡ଼େଜା (୪) କ୍ରିଜ୍‌ରେ ମହଜୁଦ୍ ରହିଛନ୍ତି।

# କୋହଲିଙ୍କ ପାଇଁ ମାଞ୍ଜରେକରଙ୍କ ସହ ଝଗଡ଼ା କଲେ ଇରଫାନ ପଠାନ



**ନୂଆଦିଲ୍ଲୀ**

ଆଜିକାଲି ଚର୍ଚ୍ଚାରେ ଅଛନ୍ତି ଟିମ୍ ଇଣ୍ଡିଆର ଭେଟେରାନ କ୍ରିକେଟର ବିରାଟ କୋହଲି। ପ୍ରଥମେ ଅଷ୍ଟ୍ରେଲିଆର ଡେବ୍ୟୁଟାଣ୍ଟ ସାମ୍ କନ୍‌ଷ୍ଟାସ୍‌ଙ୍କୁ ଧକ୍କା ମାରିବାକୁ ନେଇ ସେ ଆଲୋଚନାରେ ଥିବା ବେଳେ ଏବେ ଟିମ୍ ଇଣ୍ଡିଆ ଓପନର ଯଶସ୍ୱୀ ଜୈସ୍ୱାଲଙ୍କୁ ରନ୍ ଆଉଟ୍ କରିବା ଲାଗି ଚର୍ଚ୍ଚା ବଢ଼ିଛି। କାରଣ ଯଶସ୍ୱୀ ଆଉଟ୍ ହେବା ସମୟରେ ବିରାଟ ବ୍ୟାଟିଂ କରୁଥିଲେ। ଉଭୟଙ୍କ ମଧ୍ୟରେ ତାଳମେଳ ଅଭାବ ଯୋଗୁ ଜୈସ୍ୱାଲ ନିଜର ଉଇକେଟ ହରାଇଥିଲେ। ଏହି ମାମଲାକୁ ନେଇ ଏବେ ଭାରତର ଦୁଇ ପୂର୍ବତନ କ୍ରିକେଟର ସଞ୍ଜୟ ମାଞ୍ଜରେକର ଏବଂ ଇରଫାନ ପଠାନଙ୍କ ମଧ୍ୟରେ ଜୋରଦାର ବଚସା ହୋଇଛି।

ମାଞ୍ଜରେକର ଯଶସ୍ୱୀଙ୍କ ଆଉଟ୍ ହେବାରେ କୋହଲିଙ୍କୁ ଦୋଷୀ ବୋଲି କହିଥିଲେ। ଏହା ସ୍କୁଲ ଏରର୍ ଥିଲା ବୋଲି ଅଭିହିତ କରିଥିଲେ। ଏହା ପରେ ଇରଫାନ କହିଥିଲେ ଯେ, କ୍ରିକେଟର ସତ ହେଉଛି ଯେ ଯଦି କେହି କଟ୍ ମାରିଛନ୍ତି, ପଏଣ୍ଟ ଫିଲ୍ଡର ହାତକୁ ବଲ୍ ଯାଇଛି ତେବେ ସେଠାରେ ଯିଏ କଲ୍ ଦିଏ ସେ ନନ୍ ଷ୍ଟ୍ରାଇକର୍ ଥାଏ ଯିଏ ଷ୍ଟ୍ରାଇକ୍‌ରେ ଥାଏ ସେ ବି ଅନେକ ଥର ମନା କରିପାରେ। ଇରଫାନକୁ ମଝିରୁ ଅଟକାଇ ସଞ୍ଜୟ କହିଥିଲେ, ଏହା ପଏଣ୍ଟର କଥା, ଆମେ ପଛର କଥା ହେଉଛେ। ଏହାପରେ ଇରଫାନ କହିଥିଲେ ଯେ କଥା ସତ ଏବଂ ମିଛର ନୁହେଁ। ମୁଁ ଯାହା କହୁଛି, ତାକୁ ତୁମେ ବୁଝୁନାହଁ। ଏଠାରେ କୋହଲି ଅଛନ୍ତି ବୋଲି କଥା ପଡ଼ିନାହିଁ। କାଲି କୋହଲିଙ୍କ ବିଷୟରେ କଥା ପଡ଼ିଥିଲା। ସେତେବେଳେ ଆମେ ଛିଡ଼ା ହୋଇ କ'ଣ କରୁଥିଲେ। ଏହା ଶୁଣି ମାଞ୍ଜରେକର ମୁଁହ ମୋଡ଼ି ଦେଇଥିଲେ। ଏପରିକି ଯଦି ତୁମେ ମୋତେ କଥା ହେବାକୁ ଦେବାକୁ ଚାହୁଁନାହଁ ବୋଲି ତେବେ ଠିକ୍ ଅଛି। ଏହାପରେ ଇରଫାନ କିଛି କହିବା ମାତ୍ରେ ସେ ରାଗରେ ଲାଲ ପଡ଼ି ଯାଇଥିଲେ।

# ଶତକରୁ ବଞ୍ଚିତ ହୋଇ ବି ସଚିନଙ୍କ ରେକର୍ଡ ଭାଙ୍ଗିଲେ ଜୈସ୍ୱାଲ

**ମେଲବର୍ଣ୍ଣ**

ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତର ଷ୍ଟାର ଓପନର ଯଶସ୍ୱୀ ଜୈସ୍ୱାଲ ଦମ୍‌ଦାର ବ୍ୟାଟିଂ କରିଥିଲେ। ଐତିହାସିକ ମେଲବର୍ଣ୍ଣରେ ଖେଳାଯାଉଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ସେ ଶତକ ହାସଲ କରିବାରୁ ଅଳ୍ପ ଦୂରରେ ଅଟକିଯାଇଥିଲେ, ଏହା ସତ୍ତ୍ୱେ ସେ ତାଙ୍କ ନାମରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଥିଲେ। କିମ୍ବଦନ୍ତୀ ମାଷ୍ଟର-ବ୍ଲାଷ୍ଟରଙ୍କ ଏକ ରେକର୍ଡକୁ ପଛରେ ପକାଇ ସେ ଟେଷ୍ଟ କ୍ରିକେଟରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି।



ଅଷ୍ଟ୍ରେଲିଆ ସହ ଖେଳାଯାଉଥିବା ବକ୍ସିଂ ଡେ ଟେଷ୍ଟ ମ୍ୟାଚ୍‌ରେ ୮୨ ରନ୍‌ର ଇନିଂସ ଖେଳିବା ପରେ ଜୈସ୍ୱାଲ ରନ ଆଉଟ ହୋଇ ଯାଇଥିଲେ। ତେବେ ନିଜ ଇନିଂସରେ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହ କରିଥିବା ଭାରତୀୟ ବ୍ୟାଟରଙ୍କ ତାଲିକାରେ ଯୋଡ଼ି ହୋଇଛନ୍ତି। ଏହି ରେକର୍ଡ ସହ ସେ କିମ୍ବଦନ୍ତୀ କ୍ରିକେଟର ବିଶ୍ୱନାଥଙ୍କୁ ମଧ୍ୟ ପଛରେ ପକାଇଥିଲେ। ୧୯୭୯ରେ ବିଶ୍ୱନାଥ ଟେଷ୍ଟ କ୍ରିକେଟରେ ୧୩୮୮ ରନ ସ୍କୋର କରିଥିଲେ। ୨୦୦୨ରେ ସଚିନ ଟେଷ୍ଟ କ୍ରିକେଟରେ ୧୩୯୨ ରନ ସ୍କୋର କରିଥିଲେ। ତେବେ ଶୁକ୍ରବାର ପାଳି ପରେ ଜୈସ୍ୱାଲ ୨୦୨୪ରେ ଏପର୍ଯ୍ୟନ୍ତ ୧୩୯୪ ରନ ସ୍କୋର କରିଛନ୍ତି।

ଗୋଟିଏ ବର୍ଷରେ ସର୍ବାଧିକ ଟେଷ୍ଟ ରନ ସ୍କୋର କରିଥିବା ଭାରତୀୟ ଖେଳାଳିଙ୍କ ତାଲିକାରେ ଏବେ ବି ଶୀର୍ଷରେ ରହିଛନ୍ତି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର। ସେ ୨୦୧୦ରେ ଟେଷ୍ଟ କ୍ରିକେଟରେ ୧୫୬୨ ରନ ସ୍କୋର କରିଥିଲେ, ଯାହା କୌଣସି ଭାରତୀୟ ବ୍ୟାଟରଙ୍କ କ୍ଷେତ୍ରରେ ସର୍ବାଧିକ ଏହି ତାଲିକାରେ ଦ୍ୱିତୀୟରେ ଥିବା ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ୧୪୬୨ ରନ ସ୍କୋର କରିଥିଲେ। ସେହିଭଳି ତୃତୀୟ ସ୍ଥାନରେ ମଧ୍ୟ ସେହ୍ୱାଗ ଅଛନ୍ତି, ସେ ୨୦୧୦ରେ ଟେଷ୍ଟ କ୍ରିକେଟରେ ୧୪୨୨ ରନ ସ୍କୋର କରିଥିଲେ। ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ତାଲିକାର ଚତୁର୍ଥ ସ୍ଥାନରେ ଅଛନ୍ତି, ସେ ୧୯୭୯ରେ ୧୪୦୭ ରନ ସ୍କୋର କରିଥିଲେ। ବର୍ତ୍ତମାନ ଯଶସ୍ୱୀ ଜୈସ୍ୱାଲ ୨୦୨୪ରେ ଏପର୍ଯ୍ୟନ୍ତ ୧୩୯୪ ରନ ସ୍କୋର କରିସାରିଛନ୍ତି। ତାଙ୍କ ନିକଟରେ ଏବେ ଗାଭାସ୍କରଙ୍କୁ ପଛରେ ପକାଇବାର ମଧ୍ୟ ସୁଯୋଗ ରହିଛି। କାରଣ ମେଲବର୍ଣ୍ଣ ଟେଷ୍ଟର ଦ୍ୱିତୀୟ ଇନିଂସ ଏବେ ବି ବାକି ଅଛି ଏବଂ କିମ୍ବଦନ୍ତୀ ବ୍ୟାଟରଙ୍କୁ ପଛରେ ପକାଇବା ପାଇଁ ଜୈସ୍ୱାଲଙ୍କୁ ମାତ୍ର ୧୪ ରନ ଆବଶ୍ୟକ।

# ଆଜିଠୁ ହକି ଇଣ୍ଡିଆ ଲିଗ୍ : ଉତ୍ସାହିତ କ୍ରୀଡ଼ା ପ୍ରେମୀ

**ରାଉରକେଲା**

ରାଉରକେଲାରେ ହକି ଫିବର ସାତ ବର୍ଷ ପରେ ଫେରିଛି ହକି ଇଣ୍ଡିଆ ଲିଗ (ଏଚ.ଆଇ.ଏଲ)। ଶନିବାର ରାଉରକେଲା ବିର୍ଶାମୁଣ୍ଡା ଷ୍ଟାଡ଼ିୟମରେ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ଚଳିତ ଲିଗ୍‌ରେ ୮ଗୋଟି ଟିମ୍ ମଧ୍ୟରେ ହେବ କଡ଼ା ମୁକାବିଲା। ବିଦେଶୀ ସ୍ୱଦେଶୀ ସହ ନୂଆ ଖେଳାଳି ମିଳିତ ଭାବରେ ବିଭିନ୍ନ ଟିମ୍‌ରେ ଖେଳିବେ ହକି ଇଣ୍ଡିଆ ଲିଗ୍। ଗୁରୁବାର ଓଡ଼ିଶାର ଗୋନାସିକା ହକି ଟିମ୍ ଉନ୍ମୋଚନ କରିଛି ଜର୍ସୀ। ହକି ଇଣ୍ଡିଆ ଲିଗ୍‌କୁ ନେଇ ହକିପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେବାକୁ ମିଳିଛି।

ସୂଚନା ଥାଉକି, ଶନିବାରଠୁ ରାଉରକେଲାରେ ଆରମ୍ଭ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ୍‌ର (ଏଚ୍‌ଆଇଏଲ) ନୂଆ ସଂସ୍କରଣ। ଏଥର ଉଭୟ ପୁରୁଷ ଓ ମହିଳାରେ ଲିଗ୍ ଖେଳାଯିବ। ପୁରୁଷରେ ୮ଟି ଏବଂ ମହିଳାରେ ୪ଟି ଦଳ ସାମିଲ ହୋଇଛନ୍ତି। ପୁରୁଷ ଲିଗ୍ ଆସନ୍ତା ୨୮ ତାରିଖରୁ ରାଉରକେଲାରେ ଏବଂ ମହିଳା ଲିଗ୍ ଜାନୁଆରୀ ୧୨ରୁ ରାଞ୍ଚିରେ ଆରମ୍ଭ ହେବାକୁ ଯାଉଛି। ଶେଷ ଥର ୨୦୧୭ରେ ଏଚ୍‌ଆଇଏଲ୍ ଆୟୋଜିତ ହୋଇଥିଲା। କଳିଙ୍ଗ ଲାନ୍‌ସର୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା।

୨୦୧୧ରୁ ୨୦୧୭ ମଧ୍ୟରେ ଏଚ୍‌ଆଇଏଲ୍ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା। କିନ୍ତୁ ପର ବର୍ଷ ଠାରୁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଅନ୍ତର୍ଜାତୀୟ ସୂଚୀରେ ସମୟ ନଦେବାରୁ ଲିଗ୍ ହଠାତ ବନ୍ଦ ହୋଇଗଲା। ଲିଗ୍‌କୁ ପୁଣି ଆରମ୍ଭ କରିବା ନେଇ ହକି ଇଣ୍ଡିଆ ବହୁ ପ୍ରୟାସ କରିଥିଲା। ଶେଷରେ ଚଳିତ ବର୍ଷ ଠାରୁ ନୂଆ ରୂପରେ ଏଚ୍‌ଆଇଏଲ୍ ଆରମ୍ଭ ହେବାକୁ ଯାଉଛି।

# ବରୁଣ ମେମୋରିଆଲ କ୍ରିକେଟ ପାଣିକୋଇଲି ବିଜୟୀ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର କାଜିପାଟଣା ଗ୍ରାମରେ ନବମ ବାର୍ଷିକ ବରୁଣ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାରାୟଣ ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଡାହାଲ ବନାମ ସାଇକୋ ଇଲେଭେନ ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡାହାଲା ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବାପି ସର୍ବାଧିକ ୧୦ ବଲରେ ୧୮ ରନ ସଂଗ୍ରହ କରିଥିଲେ। ପାଣିକୋଇଲିର ରିଙ୍କୁ ୨ ଓଭର ବୋଲିଂ କରି ୭ରନ ଦେଇ ୪ ୱିକେଟ ନେଇଥିଲେ। ଜବାବରେ ପାଣିକୋଇଲି ୯.୧ ଓଭରରେ ୮ ୱିକେଟ ହରାଇ ୬୪ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ କାଦିର ୧୩ ବଲରେ ସର୍ବାଧିକ ୨୪ ରନ ସଂଗ୍ରହ କରିଥିବା ବେଳେ ଡାହାଲାର ଜଗା ୨ଓଭର ବୋଲିଂ କରି ୮ ରନ ଦେଇ ୨ ୱିକେଟ ହାସଲ କରିଥିଲେ। ସନ୍ତୋଷ ଦାସ ଓ ସନ୍ଦୀପ ମହାକୁଡ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରରଭାବେ ଅଂଶୁମାନ ମହାକୁଡ ଓ ବୁଦ୍ଧ୍ୟାଦିତ୍ୟ ବେହେରା ଓ ଭାଷ୍ୟକାର ଭାବେ ଆଶିଷ ମହାକୁଡ ଓ ସନ୍ଦୀପ ସେଠୀ ଯୋଗଦାନ କରିଥିଲେ। ଅୟୋଜକ କମିଟି ପକ୍ଷରୁ ରଶିକାନ୍ତ ବାରିକ, ରାଜେଶ ବେହେରା, ସମ୍ବିତ ବେହେରା, ସଂଜୟ ମହାକୁଡ, ପବିତ୍ର ମୋହନ ଦାସ, ରାଜେଶ ବେହେରା, ସରୋଜ ମହାକୁଡ, ସ୍ୱର୍ଣ୍ଣ ଦୀପନ ବେହେରା, ରାଜା ବେହେରା, ଅଭିଜିତ ବେହେରା, ମଣ୍ଟୁ ମହାକୁଡ, ରଣଜିତ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ବିଜ୍ଞାନ ଅଲମ୍ପିଆଡ୍‌ରେ ପ୍ରବାସୀ ଓଡ଼ିଆଙ୍କ କମାଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରୋମାନିଆର ବୁଚାରେଷ୍ଟଠାରେ ଚାଲିଥିବା ୨୧ତମ ଅନ୍ତର୍ଜାତୀୟ ଜୁନିଅର ବିଜ୍ଞାନ ଅଲିମ୍ପିଆଡ ଉଦଯାପିତ ହୋଇଛି। ଏଥିରେ ଓଡ଼ିଆ ପୁଅ ଅନିଶ ଜେନା ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସେ ୟୁଏଇକୁ ପ୍ରତିନିଧିତ୍ୱ କରୁଥିଲେ। ପ୍ରାୟ ୫୦ଟି ଦେଶରୁ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲାବେଳେ ଅନିଶ ଏହି କୃତିତ୍ୱ ହାସଲ କରିଛନ୍ତି।



ପ୍ରତିବର୍ଷ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଡିସେମ୍ବରରେ ଏହା ରୋମାନିଆ ବୁଚରେଷ୍ଟ ସ୍ଥିତ ପେଲେସ କାଷ୍ଟଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ଥିଓରି ଓ ପ୍ରାକ୍ଟିକାଲ ଭିତ୍ତିକ ବିଜ୍ଞାନ ପ୍ରଦର୍ଶନ କରିଥିଲେ। ତେବେ ଯାଜପୁର ଜିଲ୍ଲା ବରୀ ଡିହସାହିର ବୈଦ୍ୟନାଥ ଜେନାଙ୍କ ପୁଅ ଅନିଶ ଏହି ପ୍ରତିଯୋଗିତାରେ ୟୁଏଇକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ବୈଦ୍ୟନାଥ ଦୀର୍ଘ ଦିନ ଧରି ପ୍ରବାସୀ ଓଡ଼ିଆ ଭାବେ ୟୁଏଇରେ ଏକ ପ୍ରତିଷ୍ଠିତ ସଂସ୍ଥାର ନିର୍ଦ୍ଦେଶକ ଭାବେ କାମ କରୁଥିଲାବେଳେ ତାଙ୍କ ପତ୍ନୀ ଅନିମାରାଣି ଫାର୍ମାସୀ ଚଳାନ୍ତି। ପୁଅ ଅନିଶ ସେଠାରେ ପାଠ ପଢ଼ୁଛନ୍ତି। ଚଳିତ ପ୍ରତିଯୋଗିତାରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଥିଲା ବେଳେ ଅନିଶ ୟୁଏଇ ଲାଗି ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ଲାଗି ଜେଜେ ରାଜକିଶୋର ବେହେରା, ଜେଜେ ମା' ରାଧାରାଣୀ ଜେନା, ଅଜା ନାରାୟଣ ପ୍ରସାଦ ନାୟକ, ଆଈ କୁମୁଦଲତା ନାୟକ, ବନ୍ଧୁ ଓ ପରିବାରବର୍ଗଙ୍କ ସମେତ ଗାଁ ଓ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆ ସମୁଦାୟଙ୍କ ପକ୍ଷରୁ ଅନିଶଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏ ସମ୍ପର୍କରେ ଅନିଶ କୁହନ୍ତି, ଜୁନିଅର ସାଇନ୍ସ ଅଲିମ୍ପିଆଡ୍‌ରେ ଭାଗ ନେବା ସ୍ୱପ୍ନକୁ ସାକାର କରିବା ଭଳି ଥିଲା। ଏଥିଲାଗି ସେ ୟୁଏଇ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ସମସ୍ତ ସହଯୋଗ କରିଥିଲେ। ପିଲାଦିନୁ ବିଜ୍ଞାନମନସ୍କ ହେବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଥିଲା। ଆଗକୁ ସେ ଏ ଦିଗରେ ଆହୁରି କଠିନ ପରିଶ୍ରମ କରିବା ସହ ଦେଶ ଓ ମାଟିର ନାଁ ରଖିବେ ବୋଲି କହିଛନ୍ତି।

# କରିମ୍ ଖାନ୍ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ବିଶିଷ୍ଟ ଫୁଟବଲ୍ ଖେଳାଳି ସ୍ୱର୍ଗତଃ ଅବଦୁଲ କରିମ ଖାନ ୫ମ ବାର୍ଷିକ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଫକିରାବାଦ ସ୍ଥିତ ଲକି ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ସଭାପତି ସଲିମ୍ ଖାନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଆସନ୍ତା ଜାନୁୟାରୀ ମାସରେ କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ପଡ଼ିଆରେ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୮ଟି ବଛା ବଛା ଫୁଟବଲ୍ ଟିମ୍ ଅଂଶ ଗ୍ରହଣ କରିବେ। ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରି ଚାମ୍ପିଅନ ଓ ରନର୍ସଅପ୍‌ଙ୍କୁ ନଗଦ ଅର୍ଥରାଶି ପ୍ରଦାନ କରାଯିବା ସହ ଖେଳାଳିମାନଙ୍କୁ କପ୍ ସିଲ୍ ପ୍ରଦାନ କରାଯିବ ବୋଲି ପ୍ରସ୍ତୁତି ବୈଠକେର ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ ଲିଆକତ୍ ଅଲ୍ଲୀ, ମିର ବକାଉଲ୍ଲା, ଜାହିଦ ଖାନ, ସେକ ସାହାବୁଲ୍ଲାଙ୍କ ସମେତ କମିଟିର ସଭାପତି, ସଂପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ।

# ଆମ୍ବଝରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଆମ୍ବଝରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ୍ବଝରୀ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରେମାନନ୍ଦ ବାଘ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଆମ୍ବଝରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କର୍ଣ୍ଣ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ସହିତ କ୍ରୀଡ଼ାର ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଜ୍ଞେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ସହକାରୀ ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ାରେ ୧୫୬ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା।



ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକ ଯଜ୍ଞେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ବିଶ୍ୱାଳ, ଆମ୍ବଝରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରେମାନନ୍ଦ ବାଘ, ଆମ୍ବଝରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କର୍ଣ୍ଣ, ସି.ଆର୍.ସି.ସି ଗଙ୍ଗାଧର ସାହୁ, ରବୀନ୍ଦ୍ର ଦେହୁରୀ, ସନ୍ତୋଷ ଶତପଥୀ, ସୁବୋଧ କୁମାର ମଲ୍ଲିକ, ମୋହନ ଭବସାଗର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ମିଶ୍ର, ପ୍ରଧାନ ଶିକ୍ଷକ ଦେବେଶ ମହାଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିଗଣ ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ଚରିତ୍ରବାନ ହେବା ସହିତ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ନାଚ୍ ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ମେଟ୍ରନ ପ୍ରମୁଖ ସହଯୋଗ କରିଥିଲେ।

# ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତି ବ୍ୟବହାର ନେଇ ଚାଷୀଙ୍କୁ ପରାମର୍ଶ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆଠାରେ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନିଲ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା, ଜିଲ୍ଲା କୃଷି ଅଧିକାରୀ ଯାଜପୁର ଅରୁଣ କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (କୃଷି), କେନ୍ଦ୍ରାପଡ଼ା ସଞ୍ଜୀବ କୁମାର ତ୍ରିପାଠୀ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୪୨ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୬ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପ ଗୁଡିକରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଙ୍ଗ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। କୃଷି ମେଳାରେ କୃଷକ ଭାଇମାନଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ କରିବା ପାଇଁ ତାରିଖ ୨୭.୧୨.୨୪ରୁ ୨୯.୧୨.୨୪ ମଧ୍ୟରେ ୧୨ ଗୋଟି କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି। କୃଷି କ୍ଷେତ୍ରରେ ଲାଭ ବହୁଗୁଣିତ କରିବା ପାଇଁ କୃଷି ଯାନ୍ତ୍ରିକିକରଣ, କୃଷି କ୍ଷେତ୍ରରେ ସବୁଜ ଶକ୍ତିର ବ୍ୟବହାର, ମହିଳା କୃଷିଜୀବୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରଗତିରେ କୃଷି ଯନ୍ତ୍ରପାତି, ନିରନ୍ତର କୃଷି ପାଇଁ ସମନ୍ୱିତ କୃଷି ପଦ୍ଧତି, ସମନ୍ୱିତ ରୋଗପୋକ ପରିଚାଳନା ଓ କୃଷି କ୍ଷେତ୍ରରେ ଡ୍ରୋନ ପ୍ରଯୁକ୍ତିର ବ୍ୟବହାର, ଜଳ ବିଭାଜିକା ପ୍ରକଳ୍ପ ଓ ଆନୁଷଙ୍ଗିକ ଯନ୍ତ୍ରପାତି ଆଦି ବିଷୟ ଉପରେ ବିଭିନ୍ନ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଆଲୋଚନା ଚକ୍ରରେ ଶହେ ଜଣ କୃଷକ ଅଂଶଗ୍ରହଣ କରିବେ। ଯାଜପୁର ଜିଲ୍ଲାର ସମସ୍ତ ବ୍ଲକରୁ ୧୧୦୦ ଜଣ କୃଷକ ଭାଇ ଭଉଣୀମାନେ ମେଳା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଅଛି। ବିଗତ ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବାଧିକ ରିହାତି ଉପଯୋଗ କରିଥିବା ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସେଚାଞ୍ଚଳରେ ଫସଲ ବିବିଧିକରଣ ଯୋଜନା ଆନୁକୂଲ୍ୟରେ ୨୦୨୨-୨୩ ଠାରୁ ୨୦୨୪-୨୫ ମଧ୍ୟରେ ୬୦ ଜଣ ସଫଳ କୃଷକଙ୍କୁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି। ଏତଦ୍ ସହିତ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଯୋଜନା ଆନୁକୂଲ୍ୟରେ ୨୦୨୩-୨୪ ବର୍ଷ ପାଇଁ ୪ଜଣ ଅଗ୍ରଣୀ କୃଷକଙ୍କୁ ନୂତନ ଯନ୍ତ୍ରପାତି ସମ୍ବନ୍ଧୀୟ ଉଦ୍ଭାବନଏବଂ ନୂତନ ଚିନ୍ତାଧାରା ପାଇଁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯିବାର ମଧ୍ୟ ବ୍ୟବସ୍ଥା ଅଛି।




୨୦୨୪-୨୫ ଆର୍ଥିକ ବର୍ଷରେ ଅଦ୍ୟାବଧି ୮.୫ କୋଟି ଟଙ୍କାର ରିହାତି ରାଶି କୃଷି ଯନ୍ତ୍ରପାତି କ୍ରୟ ବାବଦକୁ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୪.୫ କୋଟି ଟଙ୍କା ରିହାତିରେ ବିଭିନ୍ନ କୃଷି ଯନ୍ତ୍ରପାତି ସଳଖ ରିହାତି (ଡି.ବି.ଟି) ମାଧ୍ୟମରେ ପ୍ରଦାନ କରାଯିବ। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଦ୍ୱାରା ହିତାଧିକାରୀଙ୍କୁ ସଳଖ ରିହାତି ଯୋଜନାରେ ଟ୍ରାକ୍ଟର ଚାବି ମଧ୍ୟ ହସ୍ତାନ୍ତର କରାଯିବ। ଏହି କୃଷି ଯନ୍ତ୍ରପାତି ମେଳା ଅବସରରେ ଓଡ଼ିଶା ମିଲେଟ ମିଶନ ଦ୍ୱାରା ଏକ ଖାଦ୍ୟ ଉତ୍ସବ କରାଯାଉଛି। ପ୍ରତିଦିନ ପୂର୍ବାହ୍ନ ଦଶରୁ ରାତି ୯ ଯାଏଁ ପ୍ରଦର୍ଶନ ମଣ୍ଡପ (ଷ୍ଟଲ୍) ଖୋଲା ରହିବ। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି କୃଷି ଯନ୍ତ୍ରପାତି ମେଳାରେ ଅଂଶଗ୍ରହଣକାରୀ କୃଷି ଯନ୍ତ୍ରପାତି ବିକ୍ରେତା, ବିଭାଗ ଏବଂ ଏଫ୍.ଆଇ. ଏ.ସି ଙ୍କୁ ପୁରସ୍କାର ବିତରଣ କରାଯିବ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୮ ଡିସେମ୍ବର
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଦେଶର ବିକାଶକୁ ତ୍ୱରାନ୍ୱିତ କରିଥିଲେ ମନମୋହନ ସିଂହ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି ଯେ, ଦେଶର ମହାନ ବରପୁତ୍ର ଡଃ ମନମୋହନ ସିଂହଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ଅର୍ଥନୀତି କ୍ଷେତ୍ରରେ ତାଙ୍କ ଜ୍ଞାନ ଓ ଦକ୍ଷତା ପାଇଁ ସାରା ବିଶ୍ୱରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ଉଦାର ଅର୍ଥନୈତିକ ନୀତି ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ସେ ତ୍ୱରାନ୍ୱିତ କରିଥିଲେ। ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ଯୋଗୁଁ



ରାଜନୀତି କ୍ଷେତ୍ରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା।

ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ଶୋକବାର୍ତ୍ତାରେ କହିଥିଲେ, ସ୍ୱର୍ଗତଃ ମନମୋହନ ସିଂହ ଦେଶର ଜଣେ ମହାନ ବରପୁତ୍ର ଥିଲେ। ଅର୍ଥନୀତି କ୍ଷେତ୍ରରେ ତାଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ସେ ସାରା ବିଶ୍ୱରେ ସମ୍ମାନର ଅଧିକାରୀ ହୋଇ ପାରିଥିଲେ। ଅର୍ଥ ମନ୍ତ୍ରୀ ଭାବରେ ଦେଶର ଅର୍ଥନୀତିକୁ ସେ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ଉଦାର ଅର୍ଥନୈତିକ ନୀତି ଯୋଗୁ ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଯାତ୍ରା ଆରମ୍ଭ କରିଥିଲା। ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟୀକ ସ୍ୱଭାବ ତାଙ୍କ ପାଇଁ ରାଜନୀତି କ୍ଷେତ୍ରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଥିଲା। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ବିୟୋଗରେ ଭାରତ ଜଣେ ଦୂରଦର୍ଶୀ ନେତା, ବିଶ୍ୱପ୍ରସିଦ୍ଧ ଅର୍ଥନୀତିଜ୍ଞ ଏବଂ ଅତୁଳନୀୟ ନିଷ୍ଠାର ସହ ଦେଶର ସେବା କରିଥିବା ରାଜନେତାଙ୍କୁ ହରାଇଛି। ଭାରତୀୟ ଅର୍ଥନୀତିର ନିରନ୍ତର ଅଭିବୃଦ୍ଧି ପାଇଁ ତାଙ୍କର ବଳିଷ୍ଠ ଅବଦାନ ରହିଛି। ତାଙ୍କର ବୁଦ୍ଧି, ଦୂରଦୃଷ୍ଟି ଓ ଭାରତର ସେବା ପ୍ରତି ଅତୁଟ ପ୍ରତିବଦ୍ଧତା ଦେଶକୁ ବିଭିନ୍ନ କ୍ଷେତ୍ରରେ ସମୃଦ୍ଧ କରିଛି। ଡ. ମନମୋହନ ସିଂହ ଏକାଧାରରେ ଜଣେ ରାଜନୀତିଜ୍ଞ, ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ଓ ପ୍ରଶାସନିକ ଅଧିକାରୀ, ଯିଏକି ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଜବାହରଲାଲ ନେହରୁ, ଇନ୍ଦିରା ଗାନ୍ଧୀ ଓ ନରେନ୍ଦ୍ର ମୋଦିଙ୍କ ପରେ ସେ ହେଉଛନ୍ତି ଚତୁର୍ଥ ସର୍ବାଧିକ ସମୟ ଧରି କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ। ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ଥିବା ସ୍ୱର୍ଗତ ସିଂହ ଭାରତର ପ୍ରଥମ ଶିଖ୍ ପ୍ରଧାନମନ୍ତ୍ରୀ ଥିଲେ। ଜବାହରଲାଲ ନେହରୁଙ୍କ ପରେ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏକି ପୂରା ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରି ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ।

# ଧବଳେଶ୍ୱର ସରକାରୀ ଜମି ବିକ୍ରିର ହେବ ଯାଞ୍ଚ : କଟକ ଜିଲ୍ଲାପାଳ

**କଟକ, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**



କଟକ ଧବଳେଶ୍ୱର ସରକାରୀ ଜମି ବିକ୍ରିର ଯାଞ୍ଚ ହେବ ବୋଲି ଶୁକ୍ରବାର କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏପରିକି ଘଟଣାସ୍ଥଳକୁ ଅଧିକାରୀ ଯାଇ ଯାଞ୍ଚ କରିବେ ବୋଲି ସେ କହିଛନ୍ତି। ଯଦି କୌଣସି ଅନିୟମିତତା ଧରାପଡ଼େ ସେନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଠକାମୀର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରନ୍ତୁ। ଅଭିଯୋଗକୁ ଭିତ୍ତି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କିଛି ବ୍ୟକ୍ତିଙ୍କ ନାଁରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି। ବେଆଇନ ଭାବେ ଜାଗା କିଣି ଘର କରିଥିଲେ, ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ ଆରଆଇ

**କୋରାପୁଟ/ବୋରିଗୁମ୍ମା, ୨୭।୧୨ :ନ୍ୟୁଜ୍ ବ୍ୟୁରୋ**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆରଆଇ ସୁରେନ୍ଦ୍ର ତନ୍ତୀଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଥିବା ଜଣାଯାଇଛି। ଗୁରୁବାର ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ୮ଟି ଜାଗାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା।



ଆରଆଇଙ୍କ ନାଁରେ ୧୫୨ଗ୍ରାମ୍‌ର ସୁନା ଅଳଙ୍କାର, ଏକ ଲକ୍ଷ ୫୫ହଜାର ଟଙ୍କା, ୩ଟି ଚାରିଚକିଆ (ବଲୋରୋ, ମାରୁତି ଆଲଟୋ ଓ ମହିନ୍ଦ୍ରା ଏସୟୁଭି) ଗାଡ଼ି, ବୋରିଗୁମ୍ମାରେ ୨ହଜାର ବର୍ଗଫୁଟର ଦୁଇ ମହଲା ଘର, ଝିଲିମିଲି ଅଞ୍ଚଳରେ ଆଉ ଗୋଟିଏ ୨ହଜାର ବର୍ଗଫୁଟର ଦୁଇ ମହଲା ଘର, ଝିଲିମିଲି ଅଞ୍ଚଳରେ ଆଉ ଗୋଟିଏ କୋଠା, ବୋରିଗୁମ୍ମା ଅଞ୍ଚଳରେ ୧୭ଟି ପ୍ଲଟ୍ ଯଥାକ୍ରମେ କୁନ୍ଦ୍ରାଗୁଡା ଅଞ୍ଚଳରେ ୧୦ ଡେସିମିଲର ୫ଟି ପ୍ଲଟ, କୋଷାଗୁଡ଼ା ଅଞ୍ଚଳରେ ୨ଏକର ୨୯ସେଣ୍ଟର ପ୍ଲଟ, ଝିଲିମିଲି ଅଞ୍ଚଳରେ ୨ ଡେସିମିଲର ପ୍ଲଟ୍ ସହ ବ୍ୟାଙ୍କ ଓ ବୀମାରେ ୮୪ଲକ୍ଷ ୮୨୭ଟଙ୍କା ଜମା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବୋରିଗୁମ୍ମାରେ ଅବସ୍ଥିତ ସୁରେନ୍ଦ୍ର ତନ୍ତୀଙ୍କ ଆବାସିକ ଦ୍ୱିମହଲା କୋଠା, ବୋରିଗୁମ୍ମା ଠାରେ ତାଙ୍କ ଝିଅଙ୍କର ଆବାସିକ ଭଡ଼ା ଘର, ରଣସପୁରରେ ତାଙ୍କ ପୈତୃକ ଘର, କାମତାରେ ଥିବା ସଂପର୍କୀୟଙ୍କ ଘର, ବୋରିଗୁମ୍ମା ଠାରେ ତାଙ୍କ ସମ୍ପର୍କୀୟଙ୍କର ଦୁଇ ମହଲା କୋଠା, ଦୁଇ ମହଲା ବଜାର କମ୍ପ୍ଲେକ୍ସ ଓ କୁମୁଲି ଠାରେ ଶ୍ରୀ ତନ୍ତୀଙ୍କ ଅଫିସ ଚାମ୍ବରରେ ଚଢ଼ଉ କରାଯାଇଥିଲା।

ଏହା ସହ ଅଧିକା ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ଆରଆଇଙ୍କୁ ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା କରାଯାଇଥିଲା। ୧୭ଟି ପ୍ଲଟ୍ ଓ ୩ଟି ବିଲ୍‌ଡିଙ୍ଗର ଆକଳନ ସରିଲେ ଏହା ଆହୁରି ଅଧିକା ହୋଇ ପାରେ ବୋଲି ଭିଜିଲାନ୍‌ସ ପକ୍ଷରୁ ସୂଚନା ମିଳିଛି। ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୩ ଡିଏସ୍‌ପି, ୭ ଇନ୍ସପେକ୍ଟର, ୫ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା।

## କିମ୍‌ସରେ ଲାଗିଲା ଅତ୍ୟାଧୁନିକ କାର୍ଡିଆକ ଲେଜର ମେସିନ

# ଜଟିଳ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ପୂର୍ବ ଭାରତରେ ପ୍ରଥମ ପ୍ରୟାସ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ଜଟିଳ ହୃଦରୋଗର ସରଳ ଚିକିତ୍ସା ପାଇଁ କିମ୍‌ସରେ ଆରମ୍ଭ ହୋଇଛି କାର୍ଡିଆକ ଲେଜର ମେସିନ ଜରିଆରେ ରୋଗୀ ସେବା। ଜଟିଳରୁ ଜଟିଳତମ ହୃଦ୍‌ରୋଗ ଚିକିତ୍ସା ପାଇଁ ସମଗ୍ର ପୂର୍ବ ଭାରତରେ ପ୍ରଥମ ଥର ଲାଗି କିମ୍‌ସରେ ଏଭଳି ଯନ୍ତ୍ର ସ୍ଥାପନା କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଡ. ସାମନ୍ତ କହିଛନ୍ତି ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍‌ସ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଲେଜର ମେସିନ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର



ହୃଦ୍‌ରୋଗୀମାନେ ବିଶେଷ ଉପକୃତ ହୋଇପାରିବେ।

ପାରମ୍ପରିକ ଆଞ୍ଜିଓପ୍ଲାଷ୍ଟି ଦ୍ୱାରା ଚିକିତ୍ସା ହୋଇପାରୁନଥିବା କରୋନାରୀ ଓ ପେରିଫେରା ଆଥେରେକ୍ଟୋମି, ଲିଡ ମ୍ୟାନେଜମେଣ୍ଟ ଭଳି ଜଟିଳ ହୃଦ୍‌ଯନ୍ତ୍ର ସମସ୍ୟା ଏହି ଲେଜର ମେସିନ ଜରିଆରେ ଚିକିତ୍ସା ହୋଇପାରୁଛି। ଏ ନେଇ କିମ୍‌ସର ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନା କହିଛନ୍ତି ଏହା ଦ୍ୱାରା ଆମେ ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା ଯୋଗାଇ ଦେଇପାରୁଛୁ। ଏଭଳି ଚିକିତ୍ସା ପୂର୍ବରୁ ଆମ ରାଜ୍ୟରେ ସମ୍ଭବ ହୋଇପାରୁ ନଥିଲା। ରୋଗୀର ଆର୍ଟେରୀରେ ବ୍ଲକେଜ୍ କିମ୍ବା ପେସ୍‌ମେକର ଲିଡ୍ ରିମୁଭାଲ ଭଳି ଜଟିଳ ପ୍ରକ୍ରିୟା ଏବେ ସହଜରେ ହୋଇପାରୁଛି। ମାତ୍ର ୨୦ରୁ ୩୦ ସେକେଣ୍ଡ ମଧ୍ୟରେ ଏହି ଲେଜର ମେସିନ କମ୍ ବୟସର ରୋଗୀଙ୍କୁ ହୃଦ୍ ସମସ୍ୟାରୁ ମୁକ୍ତ କରିପାରୁଛି।

କିମ୍‌ସ ହୃଦରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର କହିଛନ୍ତି ଏହି ଯନ୍ତ୍ର ଦ୍ୱାରା ରକ୍ତ ଜମାଟ ଓ ବ୍ଲକେଜ ଆଦି ସମସ୍ୟା ଅତି ସହଜରେ ସମାଧାନ ହୋଇପାରୁଛି। ଏହା ସହିତ ଜଟିଳ କରୋନାରୀ ହୃଦ୍‌ରୋଗର ଚିକିତ୍ସା କରିବା ସହ ରୋଗୀଠାରେ ଥିବା ଷ୍ଟେଣ୍ଟ ଜନିତ ବିପଦରୁ ହ୍ରାସ କରିଥାଏ।

ସୂଚନାଯୋଗ୍ୟ, କିମ୍‌ସ ପ୍ରଦ୍ୟୁମ୍ନ ବଳ ମେଡିକାଲ୍‌ରେ ହୃଦ୍‌ରୋଗ ବିଭାଗରେ ସର୍ବାଧୁନିକ ଯନ୍ତ୍ରପାତି ସହ ଅତ୍ୟାଧୁନିକ, ଦକ୍ଷ ଓ ଉଚ୍ଚ ତାଲିମ ପ୍ରାପ୍ତ ବିଶେଷଜ୍ଞଙ୍କ ଦ୍ୱାରା ହୃଦ୍‌ରୋଗ ଚିକିତ୍ସା କରାଯାଇଥାଏ। ଡା. ଅନୁପମ ଜେନା, ଡା. ଶୁଭାଶିଷ ମିଶ୍ର, ଡା. ପଞ୍ଚାନନ ସାହୁ ଓ ଡା. ଚନ୍ଦନ କୁମାର ରାୟ ମହାପାତ୍ରଙ୍କ ଭଳି ଅନୁଭବୀ ଡାକ୍ତରମାନେ ରୋଗୀସେବା ଯୋଗାଇ ଦେଉଛନ୍ତି।

# ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକଳ୍ପର ସଫଳତାକୁ ନେଇ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ

**ଭୁବନେଶ୍ୱର, ୨୭।୧୨ :ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷ ପରେ ଓଡ଼ିଶାକୁ ଅନ୍ୟ ରାଜ୍ୟରୁ ଦୁଇଟି ମହାବଳ ବାଘ ଅଣାଯାଇଛି। ଦୁଇଟି ମାଈ ବାଘ ଶିମିଳିପାଳରେ ବାଘ ବଂଶ ବୃଦ୍ଧି ଓ କଳାବାଘକୁ ନେଇ ସୃଷ୍ଟି ହୋଇଥିବା ଅସମାନତା ସ୍ଥିତିରେ ସନ୍ତୁଳନ ଆଣିବେ ବୋଲି ଲକ୍ଷ୍ୟ ରହିଛି। ହେଲେ ଏଥିମଧ୍ୟରୁ ବାଘୁଣୀ ଜିନତ ଶିମିଳିପାଳ ଛାଡ଼ି ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗକୁ ଚାଲିଯାଇଛି। ଫଳରେ ଏହି ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକଳ୍ପର ସଫଳତାକୁ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅତୀତରେ ସାତକୋଶିଆରେ ହୋଇଥିବା ରାଜ୍ୟର ପ୍ରଥମ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ପରିବେଶବିତ୍‌ଙ୍କୁ ଏହି ଭୟ ଆହୁରି ଘାରିଛି। ଯଦିଓ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ବନବିଭାଗ ଜିନତକୁ ପୁଣିଥରେ ଶିମିଳିପାଳକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି, ହେଲେ ଜିନତ ସେଠାରୁ ଫେରିବ କିମ୍ବା ଫେରିବା ପରେ ପୁଣି ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ; ସେନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ୨୦୧୮ ମସିହାରେ ସାତକୋଶିଆକୁ ମଧ୍ୟପ୍ରଦେଶରୁ ୨ଟି ମହାବଳ ବାଘ ମହାବୀର ଓ ସୁନ୍ଦରୀକୁ ଅଣାଯାଇଥିଲା। ମହାବୀର କାହ୍ନାରୁ ଆସିଥିବା ବେଳେ ବାନ୍ଧବଗଡ଼ରୁ ଆସିଥିଲା ସୁନ୍ଦରୀ। ଉଭୟଙ୍କୁ ସାତକୋଶିଆରେ ଛଡ଼ା ଯାଇଥିଲା। ରାଜ୍ୟରେ ପ୍ରଥମଥର ପାଇଁ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟାରେ ଏହି ପଦକ୍ଷେପ ନିଆଯାଇଥିଲା। ହେଲେ ଏଠାରେ ଅତି ଚତୁରତାର ସହ ମହାବୀର ବାଘକୁ ଶିକାରୀମାନେ ଲୁହା ତାର ଫାଶରେ ଶିକାର କରିଥିଲେ। ପରବର୍ତ୍ତୀ ସମୟରେ ସୁନ୍ଦରୀ ବାଘୁଣୀ ମଣିଷ ମାରିଥିବା ନେଇ ସ୍ଥାନୀୟ ଲୋକେ ଦାବି କରିବା ସହ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଥିଲା। ଏହାପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ସୁନ୍ଦରୀ ଏନକ୍ଲୋଜରରେ ରହିବା ପରେ ଏହି ବାଘକୁ ମଧ୍ୟପ୍ରଦେଶକୁ ଫେରାଇ ଦିଆଯାଇଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚହଳ ପକାଇବା ସହ ସମ୍ପୂର୍ଣ୍ଣ ପ୍ରକଳ୍ପ ଫେଲ୍ ମାରିଥିଲା। ଏହାର ୬ ବର୍ଷ ପରେ ପୁଣିଥରେ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ୨ଟି ବାଘୁଣୀଙ୍କୁ ଓଡ଼ିଶା ସ୍ଥାନାନ୍ତରଣ କରାଯାଇଛି। ଆଶା କରାଯାଉଥିଲା, ଜିନତ ଶିମିଳପାଳରେ ପୁରୁଷ ମହାବଳ ପାଖରେ ରହିବ। ହେଲେ ଜିନତ ଇତିମଧ୍ୟରେ ଶିମିଳିପାଳରୁ ଝାଡ଼ଖଣ୍ଡ ଓ ସେଠାରୁ ପଶ୍ଚିମବଙ୍ଗର ପୁରୁଲିଆକୁ ଚାଲି ଯାଇଥିବାରୁ ବନ ବିଭାଗ ପାଇଁ ଚିନ୍ତା ବଢ଼ିଛି। ତେବେ ରାଜ୍ୟରେ ଗୋଟିଏ ସ୍ଥାନାନ୍ତରଣ ପ୍ରକ୍ରିୟା



ସମ୍ପୂର୍ଣ୍ଣ ବିଫଳ ହେବା ଓ ଅନ୍ୟ ପ୍ରକଳ୍ପର ସଫଳତାକୁ ନେଇ ପ୍ରଶ୍ନ ଉଠିବା ପରେ ବନ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ବରିଷ୍ଠ ବନ୍ୟପ୍ରାଣୀ ଗବେଷକ ଡଃ ଲାଲା ଅଶ୍ୱିନୀ କୁମାର ସିଂ କହିଛନ୍ତି ଯେ ସାଧାରଣତଃ ଗୋଟିଏ ବାଘ ନିଜର ମା’ ସହ ୩ରୁ ସାଢ଼େ ୩ ବର୍ଷ ପର୍ଯ୍ୟନ୍ତ ବିଚରଣ କରିଥାଏ। ଏହି ସମୟରେ ସେ ମା’ ବାଘର ସହାୟତାରେ ଶିକାର ଶିଖିବା ସହ ନିଜ ଅଞ୍ଚଳକୁ ମଧ୍ୟ ଚିହ୍ନିଥାଏ। ଦୀର୍ଘ ଦିନ ଧରି ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ସେ ରହୁଥିବା ବେଳେ ଧୀରେଧୀରେ ଅନ୍ୟ ଅଞ୍ଚଳକୁ ବିଚରଣ କରି ନିଜର ନୂଆ ଅଞ୍ଚଳ ସୃଷ୍ଟି କରିଥାଏ। ହେଲେ ବର୍ତ୍ତମାନ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟାର ରୂପରେଖ ହୁଏତ ବାଘଙ୍କ ପାଇଁ ଅଡୁଆ ସୃଷ୍ଟି କରୁଛି। ଟ୍ରାଙ୍କୁଲାଇଜ କରି ବାଘଙ୍କୁ ଅନ୍ୟ ଏକ ନୂଆ ଜଙ୍ଗଲକୁ ସ୍ଥାନାନ୍ତର କରାଯାଉଛି। ଗୋଟିଏ ଦୁଇ ଦିନ ପରେ ବାଘ ଆଖି ଖୋଲିଲା ପରେ ନିଜକୁ ଏକ ସମ୍ପୂର୍ଣ୍ଣ ନୂଆ ଅଞ୍ଚଳରେ ପାଉଛି। ଯାହାଦ୍ୱାରା ବାଘ ସେହି ଅଞ୍ଚଳକୁ ସହଜରେ ଗ୍ରହଣ କରି ନ ପାରି ନୂଆ ପରିବେଶରେ ଖାପ୍ ଖୁଆଇବାରେ ମଧ୍ୟ ଅସଫଳ ହେଉଛି। ହୁଏତ ଜିନତ ମଧ୍ୟ ନିଜର ପୁରୁଣା ଅଞ୍ଚଳକୁ ଖୋଜି ଅନ୍ୟ ରାଜ୍ୟକୁ ଚାଲିଯାଇଛି ବୋଲି ଡଃ ସିଂ କହିଛନ୍ତି। ଏହା ବ୍ୟତୀତ ଡଃ ସିଂ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟାକୁ କୃତ୍ରିମ ଉପାୟରେ ନ କରି ବାଘଙ୍କ ବାସସ୍ଥାନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କଲେ ବାଘ ସ୍ୱତଃ ଓଡ଼ିଶା ଜଙ୍ଗଲମୁହାଁ ହେବେ ବୋଲି ସେ କହିଛନ୍ତି।

ସୂଚନାଥାଉ କି, ଜିନତକୁ ଟ୍ରାଙ୍କୁଲାଇଜ କରି ଓଡ଼ିଶା ଫେରାଇ ଆଣିବାକୁ ସମସ୍ତ ପ୍ରକାର ଉଦ୍ୟମ ହେଉଥିବା ବେଳେ ତାହା ସଫଳ ହେଉନାହିଁ। କାରଣ ପଶ୍ଚିମବଙ୍ଗର ପୁରୁଲିଆ ଠାରେ ବାଘୁଣୀ ଘଞ୍ଚଜଙ୍ଗଲ ମଧ୍ୟରେ ରହୁଥିବାବେଳେ ତା’ ବେକରେ ଲାଗିଥିବା ରେଡିଓ କଲାର ଠିକଣା ଭାବେ କାର୍ଯ୍ୟକରୁ ନଥିବା ଜଣାପଡ଼ିଛି। ଫଳରେ ବାଘୁଣୀର ନିର୍ଦ୍ଦିଷ୍ଟ ଅବସ୍ଥିତି ଜଣାପଡୁନାହିଁ। ତେଣେ ଭୋକିଲା ବାଘୁଣୀ କାଳେ ଶିକାର କରିବ, ସେହି ଆଶାରେ ଛେଳି, ମଇଁଷି ଆଦି ବାନ୍ଧି ବନ ବିଭାଗ କର୍ତ୍ତୃପକ୍ଷ ଟ୍ରାଙ୍କୁଲାଇଜ ପାଇଁ ଆଶା ବାନ୍ଧି ବସିଛନ୍ତି।

# ଚାଷଜମିରେ ବିଦ୍ୟୁତ ତାର ଛିଣ୍ଡି ଜଳିଗଲେ ଚାଷୀ : ଉଜୁଡ଼ିଲା ବ୍ୟାପକ ଫସଲ

**ଭଦ୍ରକ, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

କର୍ମ କରିବ ଜଣେ, ଫଳ ଭୋଗିବ ଅନ୍ୟ ଜଣେ। ବିଦ୍ୟୁତ ବିଭାଗର ଅସାବଧାନତା ପାଇଁ ଜଣେ ଯୁବ ଚାଷୀଙ୍କର ଜୀବନ ଯାଇଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ (ଏନ୍‌ଏସି) ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ଏଭଳି ଏକ ଅଭାବନୀୟ ଅଘଟନ ଘଟିଛି। ମୃତ ବ୍ୟକ୍ତି ହେଲେ ପ୍ରମୋଦ ଦାସ।

ସୂଚନା ମୁତାବକ, ନରସିଂହପୁର ଗ୍ରାମର ଭଗବାନ ଦାସଙ୍କ ପୁଅ ପ୍ରମୋଦ ଦାସ ନିଜ ଜମିରେ ଧାନ ବିଡ଼ା ଏକାଠି କରୁଥିଲେ। ତାଙ୍କ ଜମି ଉପର ଦେଇ ବିଦ୍ୟୁତ ତାର ଯାଇଛି। ପ୍ରମୋଦ ବିଲରେ କାମ କରୁଥିବା ବେଳେ ପୂର୍ବରୁ ଓହଳି ରହିଥିବା ୧୧ କେଭି ବିଦ୍ୟୁତ ତାର ଛିଡ଼ି ତାଙ୍କ ଉପରେ ପଡ଼ିଥିଲା। ଏହି ଅପ୍ରୀତିକର ଅଘଟଣ ପରେ ତାଙ୍କ ଶରୀର ଜଳିବା ଆରମ୍ଭ ହୋଇଯାଇଥିଲା। ଏଥି ସହ ଧାନଗଦା ମଧ୍ୟ ଜଳି ଯାଇଥିଲା। ଆଖପାଖର ବିଲରେ ଥିବା ଅନ୍ୟ ଚାଷୀମାନେ କିଛି ବୁଝିବା ପୂର୍ବରୁ ପ୍ରମୋଦଙ୍କ ସହ ୨ ଏକର ଧାନ କ୍ଷେତ ସଂପୂର୍ଣ୍ଣ ଭାବେ ଜଳି ଯାଇଥିଲା।

ଧାନ କ୍ଷେତରେ ପ୍ରମୋଦ ଜଳୁଥିବା ବେଳେ ଅନ୍ୟମାନେ ଦେଖଣହାରୀ ସାଜିଥିଲେ। ବିଦ୍ୟୁତ ତାରରୁ ନିଆଁ ଲାଗି ଥିବାରୁ ଆଗକୁ କେହି ବି ଯିବାକୁ ସାହସ କରିପାରି ନଥିଲେ। ଭୟରେ କେହି ପାଖକୁ ଯାଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ପ୍ରମୋଦଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବିଦ୍ୟୁତ ବିଭାଗ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ପରେ ଚାନ୍ଦବାଲି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ଘଟଣାସ୍ଥଳରେ ଚାନ୍ଦବାଲି ପୁଲିସ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ତେବେ ଯୁବଚାଷୀ ଜଣକ କ୍ଷେତରେ ଜଳିଯିବା, ବ୍ୟାପକ ଫସଲ ନଷ୍ଟ ଓ ବିଦ୍ୟୁତ ବିଭାଗର ଅବହେଳାକୁ ନେଇ ଧୀରେଧୀରେ ପରିସ୍ଥିତି ଉତ୍ତେଜନା ଆଡ଼କୁ ଗତି କରୁଛି।

# ଆମେରିକାରେ ଭାରତୀୟ କୂଟନୀତିଜ୍ଞଙ୍କୁ ସାକ୍ଷାତ କଲେ ଏସ୍ ଜୟଶଙ୍କର



**ନୂଆଦିଲ୍ଲୀ, ୨୭।୧୨**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ ଜୟଶଙ୍କର ଶୁକ୍ରବାର ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ଟିମ୍ ଏବଂ ନ୍ୟୁୟର୍କ, ଚିକାଗୋ, ସାନ ଫ୍ରାନ୍ସିସ୍କୋ, ସିଆଟଲ, ହ୍ୟୁଷ୍ଟନ ଏବଂ ଆଟଲାଣ୍ଟାରେ ଥିବା କନସୁଲ ଜେନେରାଲଙ୍କୁ ଭେଟିଛନ୍ତି। ପ୍ରଯୁକ୍ତି ବିଦ୍ୟା, ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଇ ଭାରତ-ଆମେରିକା ଭାଗିଦାରୀକୁ ସୁଦୃଢ଼ କରିବାର ସୁଯୋଗ ବିଷୟରେ ସେମାନେ ଆଲୋଚନା କରିଥିଲେ। ଡ. ଜୟଶଙ୍କର ଆମେରିକାରେ ଥିବା ଭାରତୀୟ ସମୁଦାୟର ଉନ୍ନତ ସେବା ଉପରେ ମଧ୍ୟ ମତ ବ୍ୟକ୍ତ କରିଥିଲେ।

# ଶୋ’ ରୁମ୍‌ରେ ଭୟାବହ ଅଗ୍ନିକାଣ୍ଡ : ଶତାଧିକ ଇ- ବାଇକ୍ ଜଳିଗଲା

**ବ୍ରହ୍ମପୁର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଆସିକା ରୋଡ୍ ତୁଳସୀନଗର ଛକ ନିକଟରେ ଥିବା ଇଭି-ଶୋ ରୁମ୍‌ରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଜଳିଗଲା ଏକାଧିକ ଗାଡ଼ି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଥିଲେ। ଶୁକ୍ରବାର ସକାଳେ ଇଭି-ଶୋ’ରୁମ୍‌ରେ ହଠାତ ନିଆଁ ଲାଗିଯାଇଥିଲା। ଶୋ’ରୁମ୍‌ରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଇଭି ଶୋ’ରୁମ୍‌ର ମାଲିକଙ୍କୁ ଖବର ଦେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ୨ଟି ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମ ବିଭାଗ। ସୂଚନା ଅନୁଯାୟୀ, ଦୁଇ ମହଲା କୋଠାରେ ଇଭି ଶୋ’ରୁମ୍ କରାଯାଇଥିଲା। ନିଆଁ ଲାଗିବା ପରେ ତଳ ମହଲାରୁ ଗାଡ଼ିଗୁଡ଼ିକ ବାହାର କରି ଦିଆଯାଇଥିବା ବେଳେ ଉପର ମହଲାରେ ଗାଡ଼ିଗୁଡ଼ିକ ରହିଛି। ଦୋକାନର ଉପର ମହଲାରେ ରହିଥିବା ପ୍ରାୟ ୧୨୦ଟି ଇ-ବାଇକ୍ ପୋଡ଼ି ଯାଇଥିବା ଜଣାପଡ଼ିଛି।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

‘ୱାନ ନେସନ, ୱାନ ଇଲେକ୍ସନ’ରେ
୩୯ ଜଣିଆ ବିଶିଷ୍ଟ ଯୁଗ୍ମ ସଂସଦୀୟ ସମିତିର ଅଧ୍ୟକ୍ଷ ହେଲେ ବିଜେପି ସାଂସଦ ପିପି ଚୌଧୁରୀ



ରାଜ୍ୟରେ ବଢୁଛି ବାଲ୍ୟ ବିବାହ
୫ ବର୍ଷରେ ୨୨୮୯ ନାବାଳିକା ଗର୍ଭବତୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖୁଚୁରା ବଜାରରେ କମୁନି ଆଳୁ-ପିଆଜ ଦର : ଶୋଷଣର ଶିକାର ହେଉଛନ୍ତି ଗ୍ରାହକ

**ଭୁବନେଶ୍ୱର, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ପାଇକାରୀ ବଜାରରେ ଦୀର୍ଘ ଦିନ ହେଲା ଆଳୁ, ପିଆଜ ଦର ସ୍ଥିର ରହିଛି। କିନ୍ତୁ ପରିତାପର କଥା ଖୁଚୁରା ବଜାରରେ ଦର ହ୍ରାସ ପାଉନି। ବ୍ୟବସାୟୀମାନେ ମନଇଚ୍ଛା ଯାହା ପାଟିକୁ ଆସୁଛି, ସେଥିରେ ବିକ୍ରି କରୁଛନ୍ତି। ବଡ଼ବଡ଼ ହାଟଗୁଡ଼ିକରେ ନିର୍ଦ୍ଦିଷ୍ଟ ଦରରେ ବିକ୍ରି ହେଉଥିବା ବେଳେ ଛୋଟ ଛୋଟ ବଜାରରେ ମନଇଚ୍ଛା ଦର କଷି ଗ୍ରାହକଙ୍କୁ ଶୋଷଣ କରାଯାଉଛି। ସେମାନେ ସ୍ଥାୟୀ ଦୋକାନ କରି ଗ୍ରାହକଙ୍କୁ ରିତିମତ ଶୋଷୁଥିଲେ ହେଁ ଯୋଗାଣ ବିଭାଗ ପକ୍ଷରୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଖୋଦ୍ ରାଜଧାନୀରେ ଯଦି ଏଭଳି ହେଉଛି, ତେବେ ଗ୍ରାମାଞ୍ଚଳରେ କ’ଣ ହେଉଥିବ ଏଥିରୁ ସ୍ପଷ୍ଟ ଜଣାପଡୁଛି।



ଆଳୁର ଆମଦାନୀକୁ ନେଇ ପୂର୍ବରୁ ଅସ୍ଥିରତା ଲାଗି ରହିଥିଲା। ଏହାପରେ ବିକଳ୍ପ ଭାବେ ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଆଳୁ ଆମଦାନୀ କରାଗଲା। ବଜାରରେ ଆଳୁକୁ ନେଇ ଯେଉଁ ତିରୋଟାଭାବ ସୃଷ୍ଟି ହୋଇଥିଲା ତା’ ଆଉ ନାହିଁ। ପାଇକାରୀ ଦର ୟୁପି/ପଞ୍ଜାବ ଆଳୁ କିଲୋ ପିଛା ୨୫ ଟଙ୍କା ଥିବାବେଳେ ପଶ୍ଚିମବଙ୍ଗ ଆଳୁ କିଲୋ ପିଛା ୨୮ ଟଙ୍କା ରହୁଛି। ସେହିଭଳି ଛୋଟ ପିଆଜ କିଲୋ ୩୨ ଟଙ୍କା ଥିବାବେଳେ ବଡ଼ ପିଆଜ ୩୫ ଟଙ୍କା ରହୁଛି। ପାଇକାରୀ ଦରଠାରୁ ଖୁଚୁରା ଦର ଅତି ବେଶୀରେ ୫ରୁ ୮ ଟଙ୍କା ଅଧିକ ରହିବା କଥା। ହେଲେ ଛୋଟ ବଜାରଗୁଡ଼ିକରେ ଆଳୁ କିଲୋ ୪୦ ଟଙ୍କାରୁ କମ୍‌ରେ ମିଳୁନି। ପିଆଜ କିଲୋ ମଧ୍ୟ ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଖୁଚୁରା ବଜାର ଉପରେ କାହାର ନିୟନ୍ତ୍ରଣ ନ ଥିବାରୁ ଏବଂ ଲୋକଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚିପାରୁ ନ ଥିବାରୁ ସେମାନେ ଖାଉଟିଙ୍କୁ ଶୋଷଣ କରିବା ମଉକା ହାତଛଡ଼ା କରୁନାହାନ୍ତି।

ଖୁଚୁରା ବଜାରକୁ ଜିଲ୍ଲା ଯୋଗାଣ ବିଭାଗ ନିୟନ୍ତ୍ରଣ କରିବା କଥା। ବିପଣନ ଗୁଇନ୍ଦା ସୂଚନା ଆଧାରରେ ଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ କରିବା ନିୟମ ରହିଛି। ମାତ୍ର ଯୋଗାଣ ବିଭାଗର ଅଧିକାରୀ ଓ ବିପଣନ ନିରୀକ୍ଷକ (ଏମ୍‌ଆଇ)ମାନେ ନିରବଦ୍ରଷ୍ଟା ସାଜୁଛନ୍ତି। ଏମ୍‌ଆଇମାନେ ବଜାର ଦର ଉପରେ ଅନୁଧ୍ୟାନ କରିବାର ପ୍ରାବଧାନ ରହିଛି। ଏହାକୁ ବିଭାଗ ପାଖରେ ପହଞ୍ଚାଇ ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରିବା ଦାୟିତ୍ୱ ଏମାନଙ୍କର। ହେଲେ ବ୍ୟବସାୟୀ ଓ ଏମ୍‌ଆଇଙ୍କ ସଲାସୁତରାରେ ବେପାର ଚାଲୁଛି। ଏହାକୁ ନେଇ ଗ୍ରାହକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ବ୍ୟବସାୟୀ ମହାସଂଘର କହିବାନୁସାରେ, ପାଇକାରୀ ଓ ଖୁଚୁରା ବଜାରର ଦରଦାମ ତାରତମ୍ୟ ପାଇଁ ସରକାର ଦାୟୀ। କାରଣ ସରକାର ଖୁଚୁରା ବିକ୍ରୟ ନୀତି ପ୍ରଣୟନ କରୁନାହାନ୍ତି। ତେଣୁ ଖୁଚୁରା ବେପାରୀମାନେ ମନଇଚ୍ଛା ବିକ୍ରି କରୁଛନ୍ତି। ଯୋଗାଣ ବିଭାଗ ଗୋଦାମ ଉପରେ ନଜର ରଖିଥିବାବେଳେ ଖୁଚୁରା ବେପାରୀଙ୍କୁ ସବୁ ମାଫ୍ କରିଦେଇଛି। ଏନେଇ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ଭାବେ ବଡ଼ ବଡ଼ ବଜାରରେ ଚଢ଼ଉ ଜାରି ରଖିଛୁ। ଛୋଟ ଦୋକାନୀମାନେ କେତେ ବେଳେ ଦୋକାନ ଖୋଲୁଛନ୍ତି ଓ ବିକ୍ରି କରୁଛନ୍ତି, ତା’ର ନିର୍ଦ୍ଦିଷ୍ଟ ସମୟ ନାହିଁ। ତେଣୁ କେତେବେଳେ ସେମାନେ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି, ଆମେ ଜାଣିପାରୁନୁ। ଆଗାମୀ ଦିନରେ ବିଭାଗ ଏଥିପ୍ରତି ଯତ୍ନବାନ ହେବ।

# ସ୍କୁଟି ସହ ଯୁବକଙ୍କୁ ପୋଡ଼ି ହତ୍ୟା

**ସୁନ୍ଦରଗଡ଼, ୨୭।୧୨**
**ନ୍ୟୁଜ୍ ବ୍ୟୁରୋ**

ସ୍କୁଟି ସହ ଯୁବକଙ୍କୁ ପୋଡ଼ି ହତ୍ୟା କଲେ ଦୁର୍ବୃତ୍ତ। ଏଭଳି ଏକ ଅଭାବନୀୟ ହତ୍ୟାକାଣ୍ଡ ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସର୍ଗିପାଲି ଅଞ୍ଚଳରେ। ଗତ ଗୁରୁବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ସକାଳେ ସର୍ଗିପାଲି ନବୋଦୟ ବିଦ୍ୟାଳୟ ପଛ ପଟେ ଥିବା ଏକ ପାଳଗଦାରୁ ଉକ୍ତ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି ପୁଲିସ। ସେଠାରେ ଏକ ସ୍କୁଟି ପଡ଼ିଥିବାବେଳେ ତାହା ମଧ୍ୟ ପୋଡ଼ି ଯାଇଛି। ଯୁବକଙ୍କୁ କେହି ହତ୍ୟା କରିବା ପରେ ପାଳଗଦାରେ ପକାଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।